


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୧୧ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 MAY 2022
Vol.No. 33 ■ No. 122 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧



# ୟୁକ୍ରେନକୁ ଅଧିକ ବଳ ଯୋଗାଇବ ଆମେରିକା

## ୩୩ ବିଲିୟନ ଡଲାର ସାହାଯ୍ୟ ଦେବ ବାଇଡେନ ସରକାର



ନୂଆଦିଲ୍ଲୀ, ୧୦/୦୫ : ୟୁକ୍ରେନକୁ ଅଧିକ ପରିମାଣର ଯୁଦ୍ଧାସ୍ତ୍ର ଓ ସେନା ଶକ୍ତି ପଠାଇବା ପାଇଁ ଏବେ ଅଂଟା ଭିଡିଛି ଆମେରିକା । ।ହ୍ୱାଇଟ ହାଉସ ଓଭାଲ ଅଫିସରେ ଲେଣ୍ଡ-ଲିଜ-ଆକ୍ଟ ଉପରେ ସ୍ୱାକ୍ଷର କରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ଏହି ସ୍ୱାକ୍ଷର ପରେ ଆମେରିକ ୟୁକ୍ରେନକୁ ଖୋଲାହାତରେ ସାହାଯ୍ୟ କରି ପାରିବ ବୋଲି କୁହାଯାଉଛି । ଏହା ସହ ୟକ୍ରେନକୁ ଆଉ ଅତିରିକ୍ତ ୩୩ ବିଲିୟନ ଡଲାରର ସହାୟତା ପ୍ରଦାନ କରିବା ନେଇ ବାଇଡେନ ପ୍ରଶାସନ ଘୋଷଣା କରିଛି । ୨ୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ବିରୋଧରେ ଲଢିବା ଲାଗି ମିତ୍ରଶକ୍ତିଙ୍କୁ ଅସ୍ତ୍ରଯୋଗାଣ ପାଇଁ କରାଯାଇଥିବା ଏହି ଆଇନକୁ ପୁଣି କାର୍ଯ୍ୟକାରୀ କରିଛନ୍ତି ବାଇଡେନ ସରକାର । ୨ୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀକୁ ପରାସ୍ତ କରିବା ଲାଗି ତତ୍କାଳୀନ ରାଷ୍ଟ୍ରପତି ଫ୍ରାଙ୍କଲିନ ରୁଜଭେଲ୍ଟ ଏହି ଆଇନ ବଳରେ ସହଯୋଗୀ ରାଷ୍ଟ୍ରଙ୍କୁ ବିପୁଳ ଅସ୍ତ୍ରଶସ୍ତ୍ର ପ୍ରଦାନ କରିଥିଲେ । ଦୀର୍ଘ ୬ଦଶନ୍ଧି ପରେ ପୁଣି ଥରେ ଏହି ଆଇନକୁ କାର୍ଯ୍ୟକାରି କରିଛି ଆମେରିକା । ଏହି ଆଇନ ବଳରେ ୟୁକ୍ରେନକୁ ଆମେରିକା ଏଣିକି ହାତଖୋଲା ସାହାଯ୍ୟ ଭାବେ ଗୋଳା,ଟ୍ୟାଙ୍କ, ବିମାନ ଧ୍ୱଂସୀ କ୍ଷେପଣାସ୍ତ୍ର ଓ ସେନା ଯୋଗାଇପାରିବ । ଆମେରିକା ଏହି ନିଷ୍ପତିକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲଡମୀର ଜେଲେନସ୍କି ବାଇଡେନ ସରକାରଙ୍କୁ ପ୍ରଂଶସା ତଥା ଧନ୍ୟବାଦ ଜଣାଇଛନ୍ତି । ସେପଟେ ୟୁକ୍ରେନକୁ ସମର୍ଥନ କରୁଥିବା ଫ୍ରାନ୍ସ ଓ ଜର୍ମାନ ମଧ ଯୁଦ୍ଧରେ ୟୁକ୍ରେନକୁ ସମସ୍ତ ପ୍ରକାର ସାହାଯ୍ୟ ଦେବା ପାଇଁ ଘୋଷଣା କରିଛନ୍ତି । ୟୁକ୍ରେନ ପାଇଁ ଆମେରିକାର ଏହା ନିଶ୍ଚିତଭାବେ ଏକ ବଡ ପଦକ୍ଷେପ । ଯୁଦ୍ଧରେ ୟୁକ୍ରେନକୁ ଆମେରିକା ନିଜ ପୂର୍ଣ୍ଣ ସମର୍ଥନ ଓ ସହଯୋଗ ଯୋଗାଇ ଆସୁଛି । ଏବେ ଲେଣ୍ଡ-ଲିଜ-ଆକ୍ଟ ଉପରେ ସ୍ୱାକ୍ଷର କରି ଆମେରିକା ରାଷ୍ଟ୍ରପତି ବାଇଡେନ ସ୍ପଷ୍ଟ କରିଛନ୍ତି କି ରୁଷ ପ୍ରତି ତାଙ୍କ ଆଭିମୁଖ୍ୟ ଆଗକୁ ଅଧିକ କଡ଼ାକଡ଼ି ହେବ । ସେପଟେ ହଠାତ ୟୁକ୍ରେନ ଗସ୍ତ କରି ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଭେଟିଛନ୍ତି କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ । ୟୁକ୍ରେନ ରାଜଧାନୀ କିଭରେ ଉଭୟ ▶▶ପୃଷ୍ଠା ୭

# ସହଜ ହେଉନି 'ଅସାନି'ର ପୂର୍ବାନୁମାନ



ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଆନ୍ଧ୍ରପ୍ରଦେଶର ମଛଲୀପଟନମ୍ ଡପ୍ଲର ରାଡାରରେ ସକାଳ ୯ଟାରେ ଭୀଷଣ ବାତ୍ୟା 'ଅସାନି'ର ଆଖି ଦୃଶ୍ୟମାନ ହୋଇଛି । ଆନ୍ଧ୍ରର ଗୁଣ୍ଟୁର ଠାରୁ ତାମିଲନାଡୁ ଯାଏଁ ଧଳା ଆକୃତିର ଏହି ଗୋଲାକାର ଚିତ୍ର ହେଉଛି ବାତ୍ୟା ଅସାନି । ଆଉ ବାତ୍ୟାର କେନ୍ଦ୍ରସ୍ଥଳରେ ରହିଛି ଅସାନିର ଆଖି । ଏହି ସାମୁଦ୍ରିକ ଝଡ ବଙ୍ଗୋପସାଗରରେ ପଶ୍ଚିମ-ଉତରପଶ୍ଚିମ ଦିଗରେ ଘଂଟାପ୍ରତି ୨୫ କିଲୋମିଟର ବେଗରେ ଗତି କରୁଛି । ବୁଧବାର ସକାଳେ ବାତ୍ୟା ଅସାନି ଆନ୍ଧ୍ରପ୍ରଦେଶର ଉପକୂଳ କାକିନାଡା ଓ ବିଶାଖପାଟନମ ମଧ୍ୟରେ ସ୍ଥଳଭାଗ ନିକଟତର ହେବ । ବାତ୍ୟା ଅସାନିକୁ ପୂର୍ବାନୁମାନ କରିବା ପାଣିପାଗ ବିଜ୍ଞାନୀଙ୍କ ପାଇଁ ଏକ ବଡ ଚ୍ୟାଲେଂଜ ହୋଇଛି । ବିଭିନ୍ନ ପାଣିପାଗ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ପ୍ରକାର ଆକଳନ କରୁଛନ୍ତି । ଜେଟିଡବ୍ଲୁ ସି ବିଶାଖାପାଟନମ୍ ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଆକଳନ କରିଛି । କିନ୍ତୁ ଆଇଏମଡି କହୁଛି ଏହା ଉତର-ପୂର୍ବ ଦିଗରେ ଗତି କରି ସମୁଦ୍ର ଭିତରେ ଓଡିଶା ଉପକୂଳରେ ସମାନ୍ତରାଳ ଗତିପଥରେ ଚାଲିବ । ବିଦେଶୀ ପାଣିପାଗ ସଂସ୍ଥା ୱିଣ୍ଡି ଡଟ୍ କମ୍ ମଧ ବାରମ୍ବାର ଏହାର ପୂର୍ବାନୁମାନକୁ ବଦଳାଉଛି । ଅନେକ ସମୟରେ ବାତ୍ୟାର ପୂର୍ବାନୁମାନରେ ପରିବର୍ତନ ହୁଏ କିନ୍ତୁ ଏହି ଅସାନି ବାତ୍ୟାକୁ ନେଇ ପାଣିପାଗ ବିଜ୍ଞାନୀଙ୍କ ମଧ୍ୟରେ ଅଧିକ ଦ୍ୱନ୍ଦ ଦେଖିବାକୁ ମିଳିଛି ।

## ଶ୍ରୀଲଙ୍କା ଜାରି ରହିଛି ଅଚଳାବସ୍ଥା

ନୂଆଦିଲ୍ଲୀ, ୧୦/୦୫ : ବେଶ କିଛି ଦିନ ହେବ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ସ୍ଥିତି ସୋମବାରଠୁ ଅଧିକ ବିଗିଡିବାରେ ଲାଗିଛି ।ସରକାର ସମର୍ଥକ ଓ ବିରୋଧଙ୍କ ମଧ୍ୟରେ ଆରମ୍ଭ ହୋଇଛି ବଡ ଧରଣର ସଂଘର୍ଷ । ସରକାର ବିରୋଧୀ ପ୍ରଦର୍ଶନକାରୀମାନେ ପ୍ରଧାନମନ୍ତ୍ରୀ ମହିନ୍ଦ୍ରା ରାଜପକ୍ଷେ ଓ କିଛି ନେତାଙ୍କ ଘରେ ନିଆଁ ଲଗାଇବା ପରେ ସ୍ଥିତି ଅଣଆୟତ ହୋଇପଡିଛି । ପୂରା ଦେଶରେ ମେ ୧୧ ପର୍ଯ୍ୟନ୍ତ କର୍ଫ୍ୟୁ ଲଗାଯାଇଛି । ବିଭିନ୍ନ ସ୍ଥାନରେ ପୋଡାଜଳା ଓ ହିଂସକ ପ୍ରଦର୍ଶନର ଘଟଣା ଦେଖିବାକୁ ମିଳୁଛି । କେଉଁଠି ନିଆଁରେ ପୋଡି ଘର ପାଉଁଶ ତ ପୁଣି କେଉଁଠି ରାସ୍ତାରେ ଚାଲିଛି ବଡ ଧରଣର ସଂଘର୍ଷ ।

# ଓୟୁଟିଆରର ହେବ ନବକଳେବର : ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

## ଖର୍ଚ୍ଚ ହେବ ୧୫୦୦ କୋଟି ଟଙ୍କା, ୧୦ ହଜାର ଛାତ୍ରଛାତ୍ରୀ ପାଠ ପଢିବାର ସୁଯୋଗ ପାଇବେ



ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଓଡିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ଅଗ୍ରଣୀ ଅନୁଷ୍ଠାନ ଓଡିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ହେବ ନବକଳେବର । ପୂର୍ବରୁ ଏହା କଲେଜ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବା ସିଇଟି ଭାବେ ପରିଚିତ ଥିଲା । ଭିତିଭୂମି ଠାରୁ ଆରମ୍ଭ କରି ମାନବ ସମ୍ବଳର ବିକାଶ ଜରିଆରେ ଏହି ଅନୁଷ୍ଠାନର ହେବ ରୂପାନ୍ତର । ତିନି ବର୍ଷରେ ତିନୋଟି ପର୍ଯ୍ୟାୟରେ ଖର୍ଚ୍ଚ ହେବ ୧୫୦୦ କୋଟି ଟଙ୍କା । କେବଳ ପ୍ରଥମ ବର୍ଷରେ ବିନିଯୋଗ ହେବ ୧୦୦୦ କୋଟି ଟଙ୍କା । ଆଇଆଇଏମ୍, ଆଇଆଇଟି ଓ ଏନଆଇଟି ପରି ଖ୍ୟାତିସମ୍ପନ୍ନ ବୈଷୟିକ ଅନୁଷ୍ଠାନ ପରି ଏହାର ବିକାଶ କରାଯାଇପାରିବ । ଆଜି ଓୟୁଟିଆର ର ବିକାଶ ସଂପର୍କିତ ମାଷ୍ଟରପ୍ଲାନ୍ କୁ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ବର୍ତମାନ ଓୟୁଟିଆରରେ ୪୬୦୦ ଛାତ୍ରଛାତ୍ରୀ ପଢୁଥିବା ବେଳେ ଆଗାମୀ ୫ ବର୍ଷରେ ଯେପରି ୧୦ ହଜାର ଛାତ୍ରଛାତ୍ରୀ ପଢିବାର ସୁଯୋଗ ପାଇବେ, ତାକୁ ଦୃଷ୍ଟିରେ ରଖି ଏହାକୁ ଆଇଆଇଟି ଢାଂଚାରେ ବିକାଶ କରାଯିବ । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓୟୁଟିଆରର ଭିତିଭୂମି, ପରିଚାଳନା, ଶିକ୍ଷାଦାନ ଆଦି ସଂପର୍କରେ ସମୀକ୍ଷା କରିଥିଲେ । ଏହି ବିଶ୍ୱବିଦ୍ୟାଳୟକୁ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଶିକ୍ଷା ଓ ଗବେଷଣାର ଗୁଣାତ୍ମକ ମାନ ଉପରେ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଉଚ୍ଚମାନର ଶିକ୍ଷାଦାନ ଉପରେ ଗୁରୁତ୍ୱ ସହ ନ୍ୟୁ ଏଜ୍ ଟେକ୍ନୋଲୋଜି ପାଇଁ ନୂଆ ନୂଆ ପାଠ୍ୟକ୍ରମ ଖୋଲାଯାଇ ମାନବ ସମ୍ବଳର ବିକାଶ ତଥା ଆନ୍ତଃ ବିଭାଗୀୟ ଗବେଷଣା କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ପାଇଁ ଅଧିକ ସେଂଟର ଅଫ୍ ଏକ୍ସିଲେନ୍ସ ମଧ ପ୍ରତିଷ୍ଠା କରାଯିବ । ▶▶ପୃଷ୍ଠା ୭

# ମାଟ୍ରିକ ପରୀକ୍ଷା ନଦେଇ କୁଆଡେ ଗଲେ ଛାତ୍ରଛାତ୍ରୀ ? ସାମ୍ନାକୁ ଆସିଲା ସତ



ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଗଞ୍ଜାମ ଖଲ୍ଲିକୋଟର କଥା ଶୁଣିଲେ ଆପଣ ମାଟ୍ରିକ ପରୀକ୍ଷାକୁ ନେଇ ଉଠିଥିବା ସବୁଠାରୁ ବଡ ପ୍ରଶ୍ନର ଉତର ପାଇପାରିବେ । ଏଠାରେ ୨ ହଜାର ୪୩୪ ପିଲା ଫର୍ମ ଫିଲ ଅପ କରିଥିଲେ । କିନ୍ତୁ ପରୀକ୍ଷା ଦେଇଥିଲେ ୨ ହଜାର ୨୦୪ । ଜଣେ ଛାତ୍ର ଦୀପକ ବେହେରାଙ୍କ ମୁହଁରୁ ଶୁଣନ୍ତୁ ଏହା କେମିତି ହେଲା । ଦୀପକ କହୁଛନ୍ତି ସେ ଅସୁସ୍ଥତା ପାଇଁ ସ୍କୁଲ ଯାଇନଥିଲେ ହେଲେ ତାଙ୍କର ଫର୍ମ ଫିଲଅପ୍ ହୋଇଥିଲା ବୋଲି ସେ ପରେ ଜାଣିଥିଲେ । ସେହିପରି ଆଉ ଜଣେ ଛାତ୍ର ସୁଧାଂଶୁ ଯାନି ମଧ ସମାନ କଥା କହିଛନ୍ତି । ଆମେ ମାଲକାନଗିରିରେ ବି ଏହି ପ୍ରଶ୍ନର ଉତର ଖୋଜିବା ବେଳକୁ ଏମ ଭି ୪୩ ଗାଁର ଜଣେ ଛାତ୍ରୀ ଅପର୍ଣା ମଣ୍ଡଳଙ୍କ ସେହି ସମାନ କଥା ଆମକୁ ଆଶ୍ଚର୍ଯ୍ୟ କରିଥିଲା। ସେ ଦୀର୍ଘ ୨ ବର୍ଷ ଧରି ସ୍କୁଲକୁ ଯାଇ ନ ଥିଲେ କିମ୍ବା ନିଜ ଆଡୁ ଫର୍ମ ଫିଲଅପ୍ କରି ନ ଥିଲେ । ହେଲେ ପରୀକ୍ଷା ପୂର୍ବରୁ ଆଡମିଟ କାର୍ଡ ପାଇଥିଲେ । ଆଉ ଜଣେ ହେଉଛନ୍ତି ଆକାଶ ମହାତୋ । ଏହି ଛାତ୍ର ଜଣଙ୍କ ସମେଟିଭ ୧ ପରୀକ୍ଷା ବି ଦେଇନଥିଲେ କିନ୍ତୁ ତାଙ୍କର ବି ଫର୍ମ ଫିଲଅପ ହୋଇଥିଲା । ସୋମବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କିନ୍ତୁ କହିଥିଲେ ଅଷ୍ଟମରୁ ସମସ୍ତ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ଯାଏ ସ୍ୱତ ପ୍ରବୃତ ଭାବେ ▶▶ପୃଷ୍ଠା ୭

# ୧୨ ତାରିଖ ଯାଏ ମତ୍ସଜୀବୀ ସମୁଦ୍ରକୁ ଗଲେ ହେବ କାର୍ଯାନୁଷ୍ଠାନ : ଏସଆରସି

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ବାତ୍ୟା ଅସାନି ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ଅମାନ୍ୟ କଲେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯାନୁଷ୍ଠାନ ନିଆଯିବ ବୋଲି ଏସଆରସି ପ୍ରଦୀପ ଜେନା କହିଛନ୍ତି । ସେ କହିଛନ୍ତି ଯେ ମତ୍ସଜୀବୀ ମାନେ ୧୨ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯାଆନ୍ତୁ ନାହିଁ । କେହି ନିର୍ଦ୍ଦେଶ ଅମାନ୍ୟ କଲେ ବିପର୍ଯ୍ୟୟ ଆଇନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବାରଣ ସତ୍ତ୍ୱେ କିଛି ମତ୍ସ୍ୟଜୀବୀ ସମୁଦ୍ରକୁ ଯାଉଥିବାରୁ ଏହି ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ସ୍ୱତନ୍ତ୍ର ରିଲିଫ କମିଶନର,ପ୍ରଦୀପ ଜେନା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ସଚିବ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରପଡା, ▶▶ପୃଷ୍ଠା ୭

# ମଦ ପିଇବାରେ ଓଡିଶା ଆଗରେ



ଭୁବନେଶ୍ୱର, ୧୦/୦୫ (ନି.ପ୍ର): ସର୍ବଭାରତୀୟ ହାର ଅପେକ୍ଷା ଓଡ଼ିଶାରେ ଅଧିକ ହାରରେ ପୁରୁଷମାନେ ମଦ୍ୟପାନ କରନ୍ତି । ସେମିତି ଓଡ଼ିଶାର ମହିଳାମାନେ ବି ସର୍ବଭାରତୀୟ ହାର ଅପେକ୍ଷା ଆଗରେ ରହିଛନ୍ତି । ସ୍ୱାସ୍ଥ୍ୟ ମଂତ୍ରଣାଳୟ ଦ୍ୱାରା କରାଯାଇଥିବା ସଦ୍ୟ ପ୍ରକାଶିତ- ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ବା ଏନଏଫ୍‌ଏଚଏସ-୫ରୁ ଏଭଳି ତଥ୍ୟ ପଦାକୁ ଆସିଛି । ଓଡ଼ିଶାରେ କାହିଁକି ଅଧିକ ଲୋକ ମଦ୍ୟ ପାନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେରୁ ଏଭଳି ତଥ୍ୟ ପଦାକୁ ଆସିଛି । ୧୫ ବର୍ଷରୁ ଅଧିକ ବୟସର କେତେ ଲୋକ ମଦ୍ୟପାନ କରୁଛନ୍ତି ସେ ନେଇ ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ଏଜେନସି । ▶▶ପୃଷ୍ଠା ୭

# ବିବାଦ ଭିତରେ ବିଜେପିକୁ ଚ୍ୟାଲେଞ୍ଜ କଲେ ମେହବୁବା ମୁଫତି



ନୂଆଦିଲ୍ଲୀ, ୧୦/୦୫ : ବାରଣାସୀର ଜ୍ଞାନବାପୀ ମସଜିଦ୍ ପରେ ଏବେ ବିଶ୍ୱପ୍ରସିଦ୍ଧ ତାଜମହଲର ସର୍ଭେ କରିବାକୁ ଦାବି ହେଉଛି । ତାଜମହଲର ୨୨ଟି ବନ୍ଦ ପଡିଥିବା ଘରକୁ ଖୋଲିବାକୁ ଦାବି ହେଉଥିବାବେଳେ, ଏହା ଭିତରେ ହିନ୍ଦୁ ଦେବାଦେବୀଙ୍କ ମୂର୍ତ୍ତି ରହିଥାଇପାରେ ବୋଲି କୁହାଯାଉଛି । ଆଲ୍ଲାବାଦ୍ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରେ ଏନେଇ ଯାଚିକା ମଧ ଦାଏର କରାଯାଇସାରିଲାଣି । ଆଉ ଏହାରି ଭିତରେ ତାଜମହଲକୁ ନେଇ ବଡ ବୟାନ ରଖିଛନ୍ତି ପିଡିପି ନେତା ତଥା ଜାମ୍ମୁକାଶ୍ମୀର ପୂର୍ବ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି । ମେହବୁବା ମୁଫତି କହିଛନ୍ତି ଯେ, ଯଦି ଦମ୍ ଅଛି ତେବେ ତାଜମହଲ ଆଉ ଲାଲକିଲ୍ଲାକୁ ମନ୍ଦିର କରି ଦେଖାନ୍ତୁ । ଏହାପରେ କେତେ ଲୋକ ଏହାକୁ ଦେଖିବାକୁ ଆସୁଛନ୍ତି ଜଣାପଡିବ । ଦୁର୍ଭାଗ୍ୟପୂର୍ଣ୍ଣ କଥା ଯେ, ବିଜେପି ଲୋକଙ୍କୁ ରୋଜଗାର ଦେଇପାରୁନି । ମହଙ୍ଗା ମାଡ ଉପରେ କାବୁ ରଖିପାରୁନି । ଏଭଳି ସ୍ଥିତିରେ ଦେଶର ସମ୍ପତ୍ତିକୁ ବିକ୍ରି କରାଯାଉଛି । ଆଜିର ଦିନରେ ଆମ ଦେଶ ବାଂଲାଦେଶ, ପାକିସ୍ତାନ, ନେପାଳଠୁ ବି ପଛକୁ ଯାଇସାରିଲାଣି ବୋଲି ମେହବୁବା ମୁଫତି କହିଛନ୍ତି । ଅନ୍ୟପଟେ ତାଜମହଲରେ ▶▶ପୃଷ୍ଠା ୭

## ଅପରାଜିତା ରାଜ୍ୟ ସରକାରଙ୍କୁ କଲେ ଟାର୍ଗେଟ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲାରେ ଏଏସଆଇ ହାଇକୋର୍ଟରେ ସତ୍ୟପାଠ ଦେବା ପରେ ଭୁବନେଶ୍ୱର ଲୋକ ସଭା ସାଂସଦ ଓ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କୁ ପୁଣି ଥରେ ଟାର୍ଗେଟ କରିଛନ୍ତି । ସେ ଟ୍ୱିଟ କରି ଲେଖିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ନିଜକୁ ଓ ଶ୍ରୀମନ୍ଦିରକୁ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି । ଏକ ନିର୍ବାଚିତ ସରକାରଙ୍କ ବେଆଇନ କାର୍ଯ୍ୟରୁ ନିଜକୁ ରକ୍ଷା ପାଇବାକୁ ମହାପ୍ରଭୁ ଚେଷ୍ଟିତ । ଆର୍କୋଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଏଏସଆଇ)ର ରିପୋର୍ଟରେ କୁହାଯାଇଛି ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦ୍ୱାରା ଐତିହାସିକ କୀର୍ତିରାଜିର ଅପୂରଣୀୟ କ୍ଷତି ଘଟିବାର ଆଶଙ୍କା ରହିଛି ।ହାଇକୋର୍ଟରେ ଏଏସଆଇ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ରାଜ୍ୟ ସରକାରଙ୍କ ଭୁଲ୍ ସ୍ପଷ୍ଟ ହୋଇଛି ବୋଲି ବି ସାଂସଦ ଲେଖିଛନ୍ତି ।

# ଦିଲ୍ଲୀରୁ ଫେରିଲେ କଂଗ୍ରେସ ନେତା, ଖୁବ୍ ଶୀଘ୍ର ପିସିସି ପରିବର୍ତ୍ତନ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଓଡିଶାରେ ପିସିସି ପରିବର୍ତନ ପାଇଁ କସରତ୍ ପରେ ଦିଲ୍ଲୀରୁ ଫେରିଛନ୍ତି କଂଗ୍ରେସ ନେତା । ଦିଲ୍ଲୀରେ ରାହୁଲ ଗାନ୍ଧୀଙ୍କ ସହ ୱାନ ଟୁ ୱାନ ଆଲୋଚନା ପରେ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ସମେତ ରାଜ୍ୟର ସମସ୍ତ କଂଗ୍ରେସ ବିଧାୟକ ଭୁବନେଶ୍ୱର ଫେରି ଆସିଛନ୍ତି । ଫେରିବା ପରେ ଗଣମାଧ୍ୟମକୁ ନିରଂଜନ କହିଛନ୍ତି ଯେ ପିସିସି ପରିବର୍ତନ ନେଇ ଆଲୋଚନା ହେଲା । ଅସୁସ୍ଥତା ଯୋଗୁଁ ସେ ଇସ୍ତଫା ଦେଇସାରିଛନ୍ତି । ଖୁବଶୀଘ୍ର ନେତୃତ୍ୱ ପରିବର୍ତନ ହେବାକୁ ଯାଉଛି । ପରିବର୍ତନ ହେଉଥିବାରୁ ସେ ଖୁସି ବୋଲି କହିଛନ୍ତି ନିରଂଜନ । ସେହିପରି ବ୍ରଜରାଜନଗର ଉପନିର୍ବାଚନରେ ଏକାଠି ହୋଇ ଲଢିବା ସହ ଆଗାମୀ ୨୦୨୪ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ରାହୁଲ ଗାନ୍ଧୀ ପରାମର୍ଶ ଦେଇଥିବା ଜଣାପଡିଛି । ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେନେଇ ଆଲୋଚନା ହୋଇଥିବାବେଳେ, ରାହୁଲଙ୍କ ସହ ଆଲୋଚନା ସକାରାତ୍ମକ ହୋଇଥିବା ଦିଲ୍ଲୀରୁ ଫେରିବା ପରେ କହିଛନ୍ତି ସମସ୍ତ କଂଗ୍ରେସ ନେତା ଓ ବିଧାୟକ । ଅପରପକ୍ଷରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସରେ ଯୋଗ ଦେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଭୁବନେଶ୍ୱର ବିମାନ ବନ୍ଦରରେ କଂଗ୍ରେସ ନେତା ବିଶେଷ କରି ନିରଂଜନଙ୍କ ସହ ବିଜୟଙ୍କ ଆଲୋଚନାରୁ ସେ କଂଗ୍ରେସରେ ଯୋଗ ଦେବାକୁ ଯାଉଥିବା ଚର୍ଚ୍ଚା ହେଉଛି । ତେବେ ତାଙ୍କର ସମସ୍ତ ବିଧାୟକଙ୍କ ସହ ଭଲ ସମ୍ପର୍କ ରହିଛି । ସୁଯୋଗ ଆସିଲେ ରାଜନୀତି କଥା ଚିନ୍ତା କରିବି । ବର୍ତମାନ ପାଇଁ ଏହାସବୁ ଗୁଜବ ବୋଲି କହିଛନ୍ତି ବିଜୟ ।

## ଲକ୍ଷେ ଟଙ୍କା ଲାଂଚ ନେଇ ଧରାପଡିଲେ ସିନ୍ଧେକେଲା ବିଟ୍ ଫରେଷ୍ଟର

ବଲାଙ୍ଗିର, ୧୦/୦୫ (ନି.ପ୍ର): ୧ ଲକ୍ଷ ୩୦୦ ଟଙ୍କା ଲାଂଚ ନେଇ ଧରାପଡିଛନ୍ତି ସିନ୍ଧେକେଲା ବିଟ୍ ଫରେଷ୍ଟରିହର ସ୍ୱାଇଁ । ଆଜି ହରିହର ତାଙ୍କ ସିନ୍ଧେକେଲା ସ୍ଥିତ ସରକାରୀ ବାସଭବନରେ ଝରଣୀପାଲି ଗ୍ରାମର କ୍ଷୀରସିନ୍ଧୁ ଭୋଇଙ୍କ ଠାରୁ ଏହି ଟଙ୍କା ଗ୍ରହଣ କରୁଥିବା ବେଳେ ବଲାଙ୍ଗିର ଓ ସୋନପୁର ଭିଜିଲାନ୍ସ ଟିମ୍ ସେଠାରେ ମିଳିତ ଭାବେ ଚଢ଼ଉ କରି ତାଙ୍କୁ ଧରିଥିଲେ । ବନ ବିଭାଗରେ କାମ କରୁଥିବା ଶ୍ରମିକମାନଙ୍କ ଠାରୁ ସେ ଏହି ଲାଂଚ ନେଉଥିବା ଜଣାପଡିଛି । ଏଥି ସହିତ ଭିଜିଲାନ୍ସ ପକ୍ଷରୁ ଫରେଷ୍ଟରିହରଙ୍କ ବଙ୍ଗୋମୁଣ୍ଡା ସ୍ଥିତ କାର୍ଯ୍ୟାଳୟ ଓ ସିନ୍ଧେକେଲା ସ୍ଥିତ କ୍ୱାର୍ଟର୍ସରେ ଚଢ଼ଉ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ବଲାଙ୍ଗିର ଭିଜିଲାନ୍ସ ଡିଏସପି ପୌଲସ୍ତି ଛତ୍ରିଆ ।


SAI SADHANA SCIENCE HIGHER SECONDARY SCHOOL
(+2 SCIENCE RESIDENTAL COLLEGE)
DIBYASINGPUR, UDALA, MAYURBHANJ
(Permanent Recognized by Govt. of Odisha & affiliated to CHSE)
ADMISSION OPEN

ପ୍ରିୟ ଅଭିଭାବକ !

ଆସନ୍ତା ତା୧୫/୦୫/୨୦୨୨ରିଖ (ରବିବାର) ଦିନ ଆମ ଅନୁଷ୍ଠାନରେ ଦ୍ୱିତୀୟ ପ୍ରତିଭା ଅନ୍ୱେଷଣ (2nd Talent Test) ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମେଟ୍ରିକ୍ ପରୀକ୍ଷା ଦେଇଥିବା ଇଚ୍ଛୁକ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରି ପାରିବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକ ନମ୍ବର ରଖିଥିବା ୨୦ ଜଣଙ୍କୁ ପୁରସ୍କୃତ କରାଯିବ । ତତ୍ ସହିତ ଆମ +୨ ବିଜ୍ଞାନ କଲେଜରେ ନାମ ଲେଖାଇବାର ସୁଯୋଗ ପାଇପାରିବେ । ଏଥି ସହିତ ଆସନ୍ତା ୧୨/୦୫/୨୦୨୨ ତାରିଖରୁ ଗ୍ରୀଷ୍ମକାଳୀନ ଶିକ୍ଷାଦାନ (SUMMER COURSE) ପାଇଁ ନାମଲେଖା ଆରମ୍ଭ ହୋଇ ୧୬/୦୫/୨୦୨୨ (ସୋମବାର) ଠାରୁ ପିଲାଙ୍କର SUMMER COURSE ପାଠ ପଢ଼ା ଆରମ୍ଭ ହେବ । ଅଧ୍ୟୟନ ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ନିମ୍ନରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ : ୯୪୩୭୨୯୪୫୮୭, ୯୪୩୭୪୪୩୯୫୦, ୯୯୩୭୫୫୭୧୫୮

ବିଦ୍ର : ପ୍ରଥମ ପର୍ଯ୍ୟାୟ TALENT TESTରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ଏହି ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

# କୋଣାର୍କରେ ବାଲିମାଫିଆ ସକ୍ରିୟ : ବୋହି ନେଲେ ଶହଶହ ଟ୍ରିପ୍ ବାଲି, ବେଳାମାର୍ଗ ପ୍ରତି ବଢୁଛି ବିପଦ



କୋଣାର୍କ ,୧୦/୦୫ (ନି.ପ୍ର): କୋଣାର୍କରେ ବାଲିମାଫିଆ ସକ୍ରିୟ। ପ୍ରଶାସନକୁ ଚ୍ୟାଲେଞ୍ଜ କରି ବାଲି ମାଫିଆମାନେ ଡ୍ରୋଜର ଲଗାଇ ରାତିଅଧିଆ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ କରୁଛନ୍ତି। କୋଣାର୍କ ହେଲିପ୍ୟାଡ୍, ଭଗବତୀ ମନ୍ଦିର ପଛପାର୍ଶ୍ୱ, କୋଣାର୍କ କଲେଜ ପଛପାର୍ଶ୍ୱ, ନୋଳିଆସାହି ସଲଗ୍ନ ଅଞ୍ଚଳ, ନଳକଣ ଦାସସାହି ପଛ ବେନୁସାଗରବନ୍ତ ଭଳି ସ୍ଥାନରୁ ସବୁଦିନ ଅବାଧରେ ବାଲି ଚୋରାଚାଲାଣ ହେଉଛି। ଗୁରୁତ୍ୱପୂର୍ଣ୍ଣ ହେଉଛି କୋଣାର୍କ-ପୁରୀ ବେଳାମାର୍ଗକୁ ଦଶନ୍ଧିଦଶନ୍ଧି ଧରି ସୁରକ୍ଷିତ ରଖି ଆସିଥିବା ପ୍ରାକୃତିକ ବାଲିବନ୍ତକୁ ମଧ ବାଲିମାଫିଆମାନେ ତାଡ଼ି ନେଇ ସମତୁଲ କରିଦେଇ ସାରିଲେଣି। ଏହା ବେଳାମାର୍ଗ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ଜାତ ହୋଇଛି। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ଉ କରାଯାଉଛି। ମାତ୍ର ପ୍ରଶାସନକୁ ଚକମା ଦେଇ ଜଙ୍ଗଲ ରାସ୍ତାରେ ଅବାଧରେ ବାଲି ଚୋରାଚାଲାଣ ହେଉଛି। ପୁଲିସ, ପ୍ରଶାସନ ଚଢ଼ଉ ପୂର୍ବରୁ ଦଲାଲ୍‌ଙ୍କ ମାଧମରେ ବାଲି ମାଫିଆଙ୍କ ପାଖରେ ଖବର ପହଞ୍ଚି ଯାଉଥିବା ଗୁରୁତର ଅଭିଯୋଗ ଉଠିଛି। ଫଳରେ ଚଢ଼ଉ କରିବାକୁ ଯାଇ ପୁଲିସ ପ୍ରଶାସନ କେବଳ ଶିଶୁପାଳ ହୋଇ ଫେରୁଛି। ଏପରିକି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବାହୁଛାୟା ତଳେ ଏହି ବାଲି ଚୋରାଚାଲାଣ ହେଉଥିବା ମଧ ଅଭିଯୋଗ ହେଉଛି। ସରକାରୀ ଜମିକୁ ବାଡ଼ା ଦେଇ ରଖିବା ସହିତ ସେହି ସ୍ଥାନରେ ଫଳକ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ଟଙ୍କା ଯୋଗାଇ ଦିଆଯିବା ବେଳେ ଏହା କାର୍ଯ୍ୟକାରୀ ହେଉନାହିଁ। ପୂର୍ବରୁ ଟ୍ରାକ୍ଟରରେ ଶ୍ରମିକ ଲାଗି ବାଲି ଲୋଡ୍ କରି ଚୋରା ଚାଲାଣ କରୁଥିଲେ। ଏବେ ଡ୍ରୋଜର ଲଗାଇ ବାଲି ମାଫିଆମାନେ ହେଲିପ୍ୟାଡ୍ ଭଳି ଏକ ସରକାରୀ ସ୍ଥାନରୁ ଶହଶହ ଟ୍ରିପ ବାଲି ଚୋରାଇ ନେଇଥିବା ଦେଖିବାକୁ ମିଳିଛି। ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ଜଙ୍ଗଲ, ମଶାଣି, ଘରପାଖ ବାଲିବନ୍ତ, ରାସ୍ତାକଡ଼ କିମ୍ବା ସମୁଦ୍ର କୂଳରେ ହୋଇଥିବା ସୁରକ୍ଷା ପାଚେରି କଡ଼ ବି ବାଦ୍ ପଡୁନାହିଁ। କେବଳ ସେତିକି ନୁହେଁ ଜଙ୍ଗଲ ଜମିରୁ ମଧ ବାଲି ମାଫିଆମାନେ ଶହଶହ ଟ୍ରକ୍ ବାଲି ତାଡ଼ି ନେଇଥିବା ଦେଖାଯାଇଛି। ବାଲି ତଡ଼ା ହେଉଥିବା ସ୍ଥାନରୁ ବିରଳ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ବାହାରୁଥିବା ନେଇ ଅଭିଯୋଗ ଉଠିଥିବା ବେଳେ ବାଲି ମାଫିଆମାନେ କାରୁକାର୍ଯ୍ୟପୂର୍ଣ୍ଣ ପଥର ସବୁକୁ ମଧ ଚୋରାଚାଲଣଣ କରୁଥିବାର ଅଭିଯୋଗ ହେଉଛି।

# ଜୟନ୍ତ କୁମ୍ଭାର ଓ ଚତୁର୍ଭୁଜ ମେହେର ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦାନ

ବଲାଙ୍ଗିର,୧୦/୦୫ (ନି.ପ୍ର): ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପରିବର୍ତ୍ତନ ଧିରେ ଧିରେ ବଢ଼ିବାରେ ଲାଗିଛି । ଦୁଇ ଜଣ ବିଶିଷ୍ଟ ବିଜେପି ନେତା ବିଜେପି ଦଳରେ ଦୀର୍ଘ ଦିନ ଧରି ବିଭିନ୍ନ ପଦପଦବୀରେ ରହି ତୃଣମୂଳ ସ୍ତରରେ ସଂଗଠନ କରିଆସୁଥିବା ବେଳେ ଦଳକୁ ମଜଭୁତ କରିବାରେ ପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ । କିନ୍ତୁ, ଚଳିତ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ବିଜେପି ଦଳର ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା । ଏପରି ପରିସ୍ଥିତିରେ ଦୁଇ ବିଜେପି ବିଶିଷ୍ଟ ନେତା ତଥା ପଟାମୁଣ୍ଡା ପଚାଂୟତସମିତି ସଭ୍ୟ ଜୟନ୍ତ କୁମ୍ଭାର ଓ ପଣ୍ଡାମୁଣ୍ଡା ପଚାଂୟତର ସରପଂଚ ଚତୁର୍ଭୁଜ ମେହେର ପ୍ରମୁଖଙ୍କ ନେତୃତ୍ୱରେ ୨୫୦ରୁ ଅଧିକ କର୍ମୀ ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗଦାନ କରିଛନ୍ତି । ଜୟନ୍ତ କୁମ୍ଭାର ଓ ଚତୁର୍ଭୁଜ ମେହେର ଦଳ ଛାଡ଼ି ବିଜେଡିରେ ଯୋଗଦାନ କରିଥିବାରୁ ବିଜେପିକୁ ବଡ଼ ଝଟକା ଲାଗିଛି ବୋଲି ରାଜନୈତିକ ସମୀକ୍ଷକଙ୍କ ମଧରେ ମତ ପ୍ରକାଶ ପାଇଛି । ଗତକାଲି ପାଟଣାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ବିଧାୟକ ସରୋଜ କୁମାର ମେହେରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଥିଲେ । ବିଧାୟକ ଶ୍ରୀ ମେହେର ଦୁଇ ବିଶିଷ୍ଟ ନେତାଙ୍କ ସହ ୨୫୦ ଜଣ କର୍ମୀଙ୍କୁ ବିଜେଡି ଦଳୀୟ ଶଂଖ ଚିହ୍ନ ଥିବା ଚଦର ପକାଇ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ବିଧାୟକ ଶ୍ରୀ ମେହେରଙ୍କ କାର୍ଯ୍ୟ ଶୈଳୀରେ ଅନୁପ୍ରାଣିତ ହୋଇ ଜୟନ୍ତ ଓ ଚତୁର୍ଭୁଜ ବିଜେଡିରେ ଯୋଗଦାନ କରିଛନ୍ତି ବୋଲି କହିଛନ୍ତି । ଅନ୍ୟପକ୍ଷରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଜୟନ୍ତ କୁମ୍ଭାର ଫଟାମୁଣ୍ଡା ପଂଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିବା ବେଳେ ଚତୁର୍ଭୁଜ ମେହେର ପଣ୍ଡାମୁଣ୍ଡ ପଂଚାୟତ ସରପଂଚ ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କିପରି ଭାବରେ ପାଳନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗଦାନ କରିଥିବା ପ୍ରକାଶ କରିଛନ୍ତି । ଏଥିରେ ପାଟଣାଗଡ଼ ବ୍ଲକ ଅଧକ୍ଷ, ନୀଳକାନ୍ତ ବାଗ, ପାଟଣାଗଡ଼ ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ମାନସୀ ବିଶ୍ୱାଳ, ଉପାଧକ୍ଷ, ପ୍ରଫୁଲ୍ଲ କୁମାର ମେହେର, ପାଟଣାଗଡ ବ୍ଲକ ସଭାପତି ତଥା ବିଧାୟକ ପ୍ରତିନିଧି ହୀମାଚଂଳ ପ୍ରଧାନ, ଜିଲ୍ଲା ସମ୍ପାଦକ, ଜୋନ୍ ୧୪ ବିଶେଶ୍ୱରୀ ବରିହା, ଜୋନ ୧୫ କସ୍ତୁରୀ, ଜୋନ ୧୬ ବାଳିକା ମାଝୀ ଜିଲ୍ଲା ପରିଷଦ ସଦସ୍ୟାଙ୍କ ସମେତ ଜୋନ ସଭାପତି ମଂଚାସୀନ ଥିଲେ ।

# ୧୨୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ : ୨ ଗିରଫ

ମାଲକାନଗିରି,୧୦/୦୫ (ନି.ପ୍ର) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଏସଆଇ ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ଚିତ୍ରାକୋଣ୍ଡା ପୋଲିସ ଟିମ୍ ଟନେଲ୍ କ୍ୟାମ୍ପ, ଡାଇକ୍ -୧ ,ଡାଇକ୍-୨ ଏବଂ ଡାଇକ୍-୩ ଅଂଚଳରେ ପାଟ୍ରୋଲିଂ ଓ ଏମଭି ଯାଂଚ୍ କରୁଥିଲେ। ଠିକ ଏହି ସମୟରେ ସେମାନେ ଦେଖିବାକୁ ପାଇଥିଲେ ଦୁଇଜଣ ବ୍ୟକ୍ତି ୫ଟି ପ୍ଲାଷ୍ଟିକ୍ ବ୍ୟାଗ୍ ନେଇ ଟନେଲ୍ କ୍ୟାମ୍ପରୁ ପ୍ରାୟ ୮ ଶହ ମିଟର ଦୂର ରାସ୍ତାକଡରେ ଛିଡା ହୋଇଛନ୍ତି । ପୋଲିସ ପାର୍ଟୀକୁ ଦେଖି ସେମାନେ ଜଙ୍ଗଲକୁ ଦୌଡ଼ି ଯାଇ ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ପୋଲିସ୍ ପାର୍ଟି ସେମାନଙ୍କ ପିଛା କରି ଧରିବାରେ ସଫଳ ହୋଇଥିଲା। ପରବର୍ତୀ ସମୟରେ ପ୍ଲାଷ୍ଟିକ ବ୍ୟାଗ ଗୁଡିକୁ ଯାଂଚ୍ କରିବାରୁ ଜଣାପଡିଥିଲା ଯେ ସେମାନେ ଉକ୍ତ ବ୍ୟାଗରେ ୧୨୨ କେଜି ୭୦୦ ଗ୍ରାମ ଗଞ୍ଜେଇ ରଖି ଆନ୍ଧ୍ର ପ୍ରଦେଶର ଦାରାକୋଣ୍ଡା ଅଂଚଳରେ ବିକ୍ରୀ କରିବାକୁ ନେଉଥିଲେ।

# ଧର୍ମଶାଳା ରଜ କୁଇନ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଧର୍ମଶାଳା,୧୦/୦୫ (ନି.ପ୍ର): ଯାଜପୁର ଜିଲାରେ କଳାକାରମାନଙ୍କର ପ୍ରତିଭା ଅନ୍ୱେଷଣ ଓ କୁନି କଳାକାରଙ୍କୁ ଲୋକାଲୋଚନକୁ ଆଣିବାକୁ ଧର୍ମଶାଳା ରଜ କୁଇନ ପ୍ରତିଯୋଗିତା କରାଯାଉଛି । ଏହି କ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଛି । ଧର୍ମଶାଳା ଗାର୍ଲସ ୱିଇଙ୍ଗସର ସଭାପତି କ୍ଷିରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ କେଡିଏନଏଫ ପକ୍ଷରୁ ରଜ କୁଇନର ପ୍ରଥମ ଜୋନ ସ୍ତରୀୟ ପ୍ରତିଯୋଗିତା କୋଟପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଥିଲା । ଅନୁଷ୍ଠାନିକ ଭାବେ ୧୫ ନଂ ଜୋନର ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ ଅତିଥିଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ୧୪ ନଂ ଜୋନ ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ସମେତ ସ୍ଥାନୀୟ ସରପଂଚ ଓ ସମିତି ସଭ୍ୟ ଓ ଗାର୍ଲସ ୱିଇଙ୍ଗସର କର୍ମକର୍ତା ଉପସ୍ଥିତ ଥିଲେ । ଏହି ୧୫ ନଂ ଜୋନର ୮ ଗୋଟି ପଂଚାୟତରୁ ୩୫୨ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ । ଏଥିରେ ନୃତ୍ୟ, ସଂଗୀତ,ଏକକ ଅଭିନୟ, ରାମସୋ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ବ୍ଲକସ୍ତରକୁ ୨୪ ଜଣ ଉନ୍ନିତ ହୋଇଛନ୍ତି ।

ପ୍ରତିଯୋଗିତାରେ ଅବିନେଶ୍ୱର ଶତପଥୀ, ବବୁଲ ଖାଁ ଓ କସ୍ତୁରୀ ନାୟକ ପ୍ରମୁଖ ଜୁରୀ ଭାବେ ବିଚାର କରିଥିଲେ । ଗାର୍ଲସ ୱିଇଙ୍ଗସର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

# ଶୈଳବାଳାଙ୍କ 'ଗିଫ୍ଟ ଡିଡ୍'ର ଉଲ୍ଲଂଘନ କରୁଛନ୍ତି ସରକାର

କଟକ ,୧୦/୦୫ (ନି.ପ୍ର): ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜର ଜମି ସଂସ୍କୃତି ବିଭାଗ ନେବାପାଇଁ ହୋଇଥିବା ଉଦ୍ୟମ ଏବେ ବିବାଦର କାରଣ ହୋଇଛି। ଆଜି ଯେଉଁଠି କଲେଜ ଛିଡ଼ା ହୋଇଛି, ତାହା ଥିଲା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସଂପତ୍ତି। ଉତ୍କଳ ଗୌରବଙ୍କ ଝିଅ ଶୈଳବାଳା ଦାସ ରାଜ୍ୟରେ ନାରୀ ଶିକ୍ଷାର ବିକାଶ ପାଇଁ ଏହି ଜମିକୁ ଟେକି ଦେଇଥିଲେ। ତେଣୁ ତାଙ୍କରି ନାମରେ ନାମିତ ହୋଇଥିଲା ଶୈଳବାଳା ମହିଳା ମହାବିଦ୍ୟାଳୟ। ଉତ୍କଳ ଗୌରବଙ୍କ କୋଠା ଓ ଜାଗାକୁ ୧୯୫୨ ଫେବୃଆରି ୨ ତାରିଖରେ ଝିଅ ଶୈଳବାଳା ଦାସ ଗିଫ୍ଟ ଡିଡ୍‌ରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଫଳରେ ରେଭେନ୍ସା ବାଳିକା ବିଦ୍ୟାଳୟ ପରିସରରେ ୧୯୧୩ରେ ପ୍ରତିଷ୍ଠିତ ରାଜ୍ୟର ଏହି ପ୍ରଥମ ତଥା ଦେଶର ତୃତୀୟ ମହିଳା କଲେଜ ବର୍ତ୍ତମାନର ଜାଗାକୁ ସ୍ଥାନାନ୍ତର ହୋଇଥିଲା। ଗିଫ୍ଟ ଡିଡ୍‌ରେ ଶୈଳବାଳା ଉଲ୍ଲେଖ କରିଥିଲେ ଯେ ମଧୁସ୍ମୃତି ଭବନର ଉପର ମହଲାରେ ଥିବା ଦୁଇଟି କୋଠରିକୁ ଛାଡ଼ି ଅନ୍ୟ ସମସ୍ତ ଗୃହକୁ ନାରୀଶିକ୍ଷା ପାଇଁ ବ୍ୟବହାର କରାଯିବ। ଉକ୍ତ ଦୁଇଟି କୋଠରିରେ ମଧୁବାବୁଙ୍କ ବ୍ୟବହାର ସାମଗ୍ରୀ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ରଖାଯିବ। ମଧୁବାବୁଙ୍କ ସାମଗ୍ରୀକୁ ମଧୁ ସ୍ମୃତି ଛଡା ଅନ୍ୟସ୍ଥାନକୁ ନନେବାକୁ ଶୈଳବାଳାଙ୍କ ପକ୍ଷରୁ ଏଥିରେ ଲେଖା ଯାଇଛି। ମାତ୍ର ୨୦୦୭ରେ ସରକାରଙ୍କ ସଂସ୍କୃତି ବିଭାଗ ଉକ୍ତ ଡିଡ୍‌କୁ ଅଣଦେଖା କରି କଲେଜ ନିକଟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ କରି ମଧୁବାବୁଙ୍କ ବ୍ୟବହାର ସାମଗ୍ରୀକୁ ସେଠାରେ ରଖିବା ଦିଗରେ ପଦକ୍ଷେପ ନେଇଥିଲା। ଏପଟେ ଏବେ ଶୈଳବାଳାର ମଧୁ ସ୍ମୃତି, ଖେଳ ପଡ଼ିଆ ଓ ନୂତନ ହଷ୍ଟେଲକୁ ସଂସ୍କୃତି ବିଭାଗ ନେବାକୁ ବସିବା ଘଟଣା ଅସନ୍ତୋଷର କାରଣ ହୋଇଛି। ରାଜ୍ୟର ପ୍ରଥମ ମହିଳା କଲେଜକୁ ଭିତ୍ତିଭୂମି ନଥିବା ଦର୍ଶାଇ ପୂର୍ବରୁ



ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ କରିଥିଲେ ସରକାର। ଏବେ ସେହି କଲେଜର ଜାଗାକୁ ନେବାକୁ ଉଦ୍ୟମ ଚାଲିଛି। ଶୈଳବାଳାକୁ ଅଧିକ ଜାଗା ଦେଇ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦିଗରେ ସରକାର ପଦକ୍ଷେପ ନେବେ କି? ଏ ପ୍ରଶ୍ନ ଏବେ କଟକ ସହରବାସୀ ତଥା ଶୈଳବାଳା କଲେଜ ସହିତ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ମନରେ ଉଙ୍କି ମାରୁଛି। ଏଭଳି ଘଟଣାରେ କଲେଜ ୟୁଜିସିରୁ ପାଉଥିବା ଅନେକ ସୁବିଧାରୁ ବଞ୍ଚିତ ହେବା ଆଶଙ୍କା ମଧ ପ୍ରକାଶ ପାଇଛି।

ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କଲେଜର ପୁରାତନ ଛାତ୍ରୀ ସଂସଦ। ସଂସଦର ସଂପାଦିକା ପୁଷ୍ପା ସାମଲ କହିଛନ୍ତି ଯେ ଏଭଳି ନିଷ୍ପତ୍ତି ଆମକୁ ମାନସିକ ଭାବେ ଆଘାତ ଦେଇଛି। କଲେଜ ଆମକୁ ଅନେକ କିଛି ଦେଇଛି। ଏହାକୁ କେହି ଖଣ୍ଡ ବିଖଣ୍ଡିତ କରିପାରିବେ ନାହିଁ। ଏହାର ସୁରକ୍ଷା ପାଇଁ ଆମେ ସଂଗ୍ରାମ କରିବୁ। ଅବସରପ୍ରାପ୍ତ ପ୍ରାଧାପିକା ତଥା ପୁରାତନ ଛାତ୍ରୀ ସଂସଦର କୋଷାଧକ୍ଷ ଡକ୍ଟର ତପତି ଦାସ କହିଛନ୍ତି ଯେ ମୋ କଲେଜ ଅଭିଯାନରେ ସରକାର ପୁରାତନ ଛାତ୍ରଛାତ୍ରୀଙ୍କୁ କଲେଜ ସହିତ ଯୋଡି ଏହାର ବିକାଶ କରୁଛନ୍ତି। ମାତ୍ର ଶୈଳବାଳା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଏହାର ଓଲଟା କରାଯାଉଛି।

# ଟଙ୍କପାଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ବଲାଙ୍ଗିର,୧୦/୦୫ (ନି.ପ୍ର): ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଟଙ୍କପାଣି ନୂତନ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଟଙ୍କପାଣି ନୂତନ ସରପଂଚ ସୁନାଫୁଲ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଟଙ୍କପାଣି ସାଧନ କେନ୍ଦ୍ରର ସଂଯୋଜକ ଦିନବନ୍ଧୁ ବାଗ, ଜାମଚୁଆଁ ସାଧନ କେନ୍ଦ୍ରର ସଂଯୋଜକ ସତ୍ୟବ୍ରତ ବେହେରା, ପ୍ରଧାନ ଶିକ୍ଷକ ମାଧବ ଶବର, ସନ୍ତୋଷ ମେହେର, ମିଠାଲାଲ ସୁନା, ଯୋଗିନ୍ଦ୍ର ବାଗ, ବୈବସ୍ୱତ ବାଗ, ମୋ ସ୍କୁଲ ଅଭିଯାନ ପୂର୍ବତନ ଛାତ୍ର ସଭାପତି ସୁଫଳ କରୁଆଁ, ସ୍କୁଲ ପରିଚାଳନା କମିଟି ସଭାପତି ପୁରନ୍ଧର ଭୁଏ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ ଇଶ୍ୱର ପ୍ରସାଦ ମାଝି ମଂଚ ପରିଚାଳନା କରିଥିଲେ । ପରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ନବ ନିର୍ବାଚିତ ସରପଂଚ ପ୍ରଥମ କରି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍କୁଲର ସମସ୍ୟା କିଭଳି ଦୂର ହେବ ତାହାକୁ ନେଇ ମଂଚରେ ମନ୍ତବ୍ୟ ପ୍ରଦାନ କରିଥିଲେ ।

# ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଖନନ ଓ ନିର୍ମାଣ ବିବାଦ: ୧୦ ଘରର ଛାତ ପଡ଼ିଲା



ପୁରୀ ,୧୦/୦୫ (ନି.ପ୍ର): ଶ୍ରୀମନ୍ଦିର ଉତ୍ତର, ପଶ୍ଚିମ ଓ ଦକ୍ଷିଣଦ୍ୱାରରେ ଖନନ ଓ ନିର୍ମାଣ ଜାରି ରହିଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଦ୍ୱାରରେ ନିର୍ମାଣାଧୀନ ୧୦ଟି ଘରର ଛାତ ପଡ଼ିଛି। ବାକି ଘରର ଛାତ ପଡ଼ିବା ପାଇଁ ପ୍ରସ୍ତୁତି ଚାଲିଛି। ସେପଟେ ଆଉ ଏକ ସତ୍ୟ ପଦାକୁ ଆସିଛି। ପ୍ରକଳ୍ପ ପାଇଁ ନିର୍ମାଣ କରିବାକୁ ଥିବା ଘରର ଯେଉଁ ସଂଖ୍ୟା ପ୍ରଶାସନ ଦେଖାଉଥିଲା, ତାହାଠାରୁ ଢ଼େର ଅଧିକ ସଂଖ୍ୟକ ଘର ନିର୍ମାଣ କରାଯାଉଛି। ଯେଉଁଠି ମାତ୍ର ଶୌଚାଳୟ, କ୍ଲୋକ୍ ରୁମ, ସେଲ୍‌ଟର ପାଭେଲିୟନ୍, ଇଲେକ୍ଟ୍ରିକାଲ୍ ରୁମ୍ ନିର୍ମାଣ ଚାଲିଥିବା ପ୍ରଶାସନ କହୁଥିଲା, ସେଠି ୧୦ଟି ଘରର ଛାତ ପଡ଼ିବା ଓ ଆହୁରି ଏକାଧିକ ଘରର ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିବାକୁ ନେଇ ଭକ୍ତ, ଶ୍ରୀଜଗନ୍ନାଥପ୍ରେମୀ ସନ୍ଦେହ ପ୍ରକଟ କରିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୦୦ ମିଟର ନିଷିଦ୍ଧାଞ୍ଚଳ ହୋଇଥିବା ବେଳେ ଏହା ପରବର୍ତ୍ତୀ ୨ଶହ ମିଟର ରେଗୁଲେଟେଡ ଅଞ୍ଚଳ। ପଶ୍ଚିମ ଓ ଦକ୍ଷିଣ ଦ୍ୱାରରେ ପ୍ରାୟ ୩୦ ଫୁଟର ଗର୍ତ୍ତ ସୃଷ୍ଟି ଫଳରେ ଏହା ଶ୍ରୀମନ୍ଦିର ପାଇଁ ବିପଦ ସୃଷ୍ଟି କରିଥିବା ଅଭିଯୋଗ ହୋଇ ଆସୁଛି। ଆଜି ପ୍ରତ୍ନତତ୍ତ୍ୱ ବିଭାଗ ବି ହାଇକୋର୍ଟଙ୍କୁ ଦେଇଥିବା ରିପୋର୍ଟରେ ଏନେଇ ଆଶଙ୍କା ବ୍ୟକ୍ତ କରିଛି। ଚତୁଃପାର୍ଶ୍ୱ ଖନନ ଓ ମାଟି ଉଠାଣ ଶ୍ରୀମନ୍ଦିର ତଥା ପୁରାତନ କୀର୍ତ୍ତିରାଜି ପ୍ରତି ବିପଦ ସୃଷ୍ଟି କରିବା ସ୍ୱାଭାବିକ ବୋଲି କହିସାରିଛି। ତଥାପି ଠିକା ସଂସ୍ଥା ନିର୍ମାଣ ଜାରି ରଖିଛି। ଇତିମଧ୍ୟରେ ଠିକା ସଂସ୍ଥା ପଶ୍ଚିମଦ୍ୱାରରେ ୭ଟି ଘର ନିର୍ମାଣ ପରେ ଏହାର ଛାତ ପକାଇଛି। ପଶ୍ଚିମଦ୍ୱାର ବାମପାର୍ଶ୍ୱରେ ଯେଉଁଠି ସେଲ୍‌ଟର ପାଭେଲିୟନ୍, ଇନ୍‌ଫର୍ମେସନ୍ କିଓସ୍କ, ଶୌଚାଳୟ ନିର୍ମାଣ କଥା କୁହାଯାଉଥିଲା, ସେଠି ୪ଟି ଘର ଓ ଡାହାଣ ପାର୍ଶ୍ୱରେ ଯେଉଁଠି ଇଲେକ୍ଟ୍ରିକାଲ୍ ଗୃହ ନିର୍ମାଣ କରାଯାଉଛି ବୋଲି କୁହାଯାଉଥିଲା, ସେଠି ୩ଟି ଘରର ଛାତ ପଡ଼ିଛି। ସେପଟେ ଦକ୍ଷିଣଦ୍ୱାରରେ ଡାହାଣ ପାର୍ଶ୍ୱକୁ ୩ଟି ଘର ଓ ବାମପାର୍ଶ୍ୱକୁ ଗୋଟିଏ ଘରର ଛାତ ପଡ଼ିଛି। ବାକି ଦକ୍ଷିଣପାର୍ଶ୍ୱ ଓ ପଶ୍ଚିମପାର୍ଶ୍ୱରେ ନିର୍ମାଣାଧୀନ ଏକାଧିକ ଘରର ଛାତ ପକାଇବାକୁ ପଟା ସେଟିଂ ଚାଲିଛି। ଉତ୍ତରଦ୍ୱାର ଖନନ ବି ଜାରି ରହିଛି।

# ୮୮ ଖଣ୍ଡ ସାଇଜ କାଠ ଜବତ : ଜଣେ ଗିରଫ

ବଲାଙ୍ଗିର,୧୦/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବନଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ରେଞ୍ଜ ର ସମସ୍ତ କର୍ମଚାରୀ ବଲାଙ୍ଗିର ଡିଭିଜନର ମୋବାଇଲ ସ୍କ୍ୱାର୍ଡ ସହାୟତାରେ ୩୭ ଖଣ୍ଡ ଶାଗୁଆନ୍ ସାଇଜ କାଠ, ୨୪ ଖଣ୍ଡ ବିଜା ସାଇଜ କାଠ,୨୦ ଖଣ୍ଡ ଗମ୍ଭାରି ସାଇଜ କାଠ , ଗୋଟିଏ ଶାଳ , ୬ ଖଣ୍ଡ ରୋହିଣୀ ସାଇଜ କାଠ ଶାନ୍ତ ମୁଣ୍ଡା, ଚିରଗୁନ ପାଲି ଓ କୁଡାସିଂହା ନିକଟସ୍ଥ ନୂଆପଡ଼ା ଗ୍ରାମରୁ ଜବତ କରିବା ସହିତ ଘଟଣାରେ ଜଣଙ୍କୁ ଗିରଫ କରିଛନ୍ତି। ଚିରଗୁନ ପାଲିର ଅଭିଯୁକ୍ତ ଅଚ୍ୟୁତ ବନଛୋରକୁ ଏହି ମାମଲାରେ ଗିରଫ କରାଯାଇଛି। ସମସ୍ତ ଜବତ ଜିନିଷ ଦେଓଗାଁ ରେଞ୍ଜ କାର୍ଯ୍ୟାଳୟ ପରିସରକୁ ପଠାଇ ଦିଆଯାଇଛି। ଏହି ଚଢ଼ଉରେ ବନପାଳ ସୁନୀଲ କୁମାର ମିଶ୍ର, ଅଶୋକ କୁମାର ନାୟକ ଓ ସୁଧୀର ଜେନା । ବନରକ୍ଷୀ ଶ୍ରୀମତୀ ଚନ୍ଦ୍ରକାନ୍ତି ଖମାରି, ଚନ୍ଦନ ସାହୁ, ମୋବାଇଲ ସ୍କ୍ୱାର୍ଡ ସହିତ ରେଞ୍ଜ କର୍ମଚାରୀ ବ୍ୟାସଦେବ ସାହୁ ବନପାଳ ଓ ବନରକ୍ଷୀ ରଞ୍ଜିତ କୁମ୍ଭାର ପ୍ରମୁଖ ସାମିଲ ଥିଲେ।

# ମୁକ୍ତା ଯୋଜନାର ଗତି କୁଆଡ଼େ ? : ୬ ମାସ ପରେ ବି ଆରମ୍ଭ ହୋଇନି ପ୍ରକଳ୍ପ



ସମ୍ବଲପୁର,୧୦/୦୫ (ନି.ପ୍ର): ସମ୍ବଲପୁରରେ ମୁକ୍ତା ଯୋଜନା ଏବେ ବାଟବଣା। ପ୍ରକଳ୍ପ ମଂଜୁରୀ ମିଳିବାର ପାଖାପାଖି ୬ ମାସ ପରେ ବି ପ୍ରାୟତଃ କାମ ଆରମ୍ଭ ହୋଇପାରି ନାହିଁ। ବିଧାନସଭା ନିର୍ବାଚନରେ ବିଜେଡିର ପରାଜୟ ପରେ କାମ ଅଟକି ଯାଇଥିବା ନେଇ ଲୋକଙ୍କ ମନରେ ଅସନ୍ତୋଷ ରହିଥିବା ବେଳେ ମୁକ୍ତା ଯୋଜନାରେ ୩୬.୮୩ କୋଟି ଟଙ୍କା ମୂଲ୍ୟର ୬୦୪ଟି ପ୍ରକଳ୍ପ ମଂଜୁରୀକୁ ନେଇ ବିଜେଡି ବେଶ୍ ଉତ୍ସାହିତ ହୋଇଥିଲା। ଏପରିକି ସାମ୍ବାଦିକ ସମ୍ମିଳନୀ ଡାକି ଏ ନେଇ ସୂଚନା ଦିଆଯିବା ସହିତ ପ୍ରକଳ୍ପ ମଂଜୁରୀ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ଶାସକ ଦଳର କର୍ମକର୍ତ୍ତା। ସରକାର ଟଙ୍କା ଦେଉଥିବା ବେଳେ କାମରେ ବିଳମ୍ବ ହେବା ନେଇ ଏବେ ଲୋକେ ଏହାକୁ 'ସମ୍ବଲପୁରରେ ବାବୁରାଜ୍‌ର ପାର୍ଶ୍ୱ ପ୍ରତିକ୍ରିୟା' ବୋଲି କହିବା ଆରମ୍ଭ କରିଦେଲେଣି। ଗତ ୨୦ ନଭେମ୍ବର ୨୦୨୧ରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହାଯାଇଥିଲା, ଗତ ୯ ନଭେମ୍ବର ୨୦୨୧ରେ ରାଜ୍ୟ ସରକାରଙ୍କ ୫ଟି' ସଚିବଙ୍କ ସହିତ ଭର୍ଚୁଆଲ୍ ମୋଡ୍‌ରେ ସମ୍ବଲପୁର ମହାନଗରର ୪୧ ୱାର୍ଡର ବାସିନ୍ଦା/ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାନଗର ନିଗମର କମିସନର ମଧ ଉପସ୍ଥିତ ଥିଲେ। ଏହି ବୈଠକରେ ବିଭିନ୍ନ ୱାର୍ଡ ପାଇଁ ଆବଶ୍ୟକ କାର୍ଯ୍ୟ ସଂପର୍କରେ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ସର୍ବମୋଟ ୬୦୪ଟି ପ୍ରକଳ୍ପ ପଠାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ସବୁ ପ୍ରକଳ୍ପକୁ ମଂଜୁରୀ ଦେଇଥିଲେ। ମୁକ୍ତା ଯୋଜନାରେ ୭୯ଟି କ୍ଷୁଦ୍ର ଉଦ୍ୟାନ ନିମନ୍ତେ ୨୫୪ ଲକ୍ଷ, ୬୩ଟି ପବ୍ଲିକ ଜିମ୍ ପାଇଁ ୧୩୬ ଲକ୍ଷ, ୫୦ଟି ଶିଶୁ କ୍ରୀଡ଼ା ଉଦ୍ୟାନ ପାଇଁ ୮୬ ଲକ୍ଷ, ୮୬ଟି ଚାଲିବା ରାସ୍ତା ନିମନ୍ତେ ୧୬୬ ଲକ୍ଷ, ୧୨ଟି ଖେଳପଡ଼ିଆ ପାଇଁ ୫୧ ଲକ୍ଷ, ୨୫ଟି ଶୌଚାଳୟ ନିମନ୍ତେ ୭୨ ଲକ୍ଷ ଟଙ୍କା, ୨ଟି ରାସ୍ତାପାର୍ଶ୍ୱ ବିକ୍ରୟସ୍ଥଳୀ ପାଇଁ ୧୩୬ ଲକ୍ଷ ଟଙ୍କା, ୧୨୮ଟି ରାସ୍ତା ଓ ଡ୍ରେନ୍ ନିମନ୍ତେ ୧୧୧୧.୩ ଲକ୍ଷ ଟଙ୍କା ଏବଂ ୧୫୯ଟି ରାସ୍ତା ପାଇଁ ୧୬୭୧.୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦିଆଯାଇଥିଲା। ଏଣିକି ଗଳିକନ୍ଦି ରାସ୍ତାଗୁଡ଼ିକ ଚକ୍‌ଚକ୍ ହୋଇଯିବ। ସହରବାସୀଙ୍କୁ ମୌଳିକ ସୁବିଧା ମିଳିବ। ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ପବ୍ଲିକ ଜିମ୍, ଖେଳପଡ଼ିଆ, ଶିଶୁ କ୍ରୀଡ଼ା ଉଦ୍ୟାନ ଭଳି ନିର୍ମାଣ କରାଯିବ କହାଯାଇଥିଲା। ଇତିମଧ୍ୟରେ ପ୍ରକଳ୍ପ ମଂଜୁରୀ ମିଳିବାକୁ ୬ ମାସ ପୂରିବାକୁ ଯାଉଛି। ଏସବୁ କାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। କେତେକ ପ୍ରକଳ୍ପର କାର୍ଯ୍ୟାଦେଶ ବି ଦିଆଯାଇଥିବା କହାଯାଉଛି। ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଅନେକ ପ୍ରକଳ୍ପ ସ୍ୱୟଂ ସହାୟିକା ଗୋଷ୍ଠୀକୁ ବି ଦିଆଯାଇଛି। କିଛି କାମ ଆରମ୍ଭ ହୋଇଛି, ହାତଗଣିତ କିଛି କାମ ସଂପୂର୍ଣ୍ଣ ହୋଇଥିବା କହାଯାଇଛି। ତେବେ, ପ୍ରାୟତଃ ପ୍ରକଳ୍ପ ଆଗେଇ ପାରି ନାହିଁ। ମୁକ୍ତା ଯୋଜନାର ଏହି ପ୍ରକଳ୍ପ ମଧ୍ୟରେ କେତେକ ଜଳାଶୟର ଉନ୍ନତୀକରଣ କାର୍ଯ୍ୟ ବି ରହିଛି। ଗ୍ରୀଷ୍ମଦିନ ଯୋଗୁ ଜଳାଶୟରେ କାମ କରିବା ସୁବିଧାଜନକ। ବର୍ଷା ଆରମ୍ଭ ହୋଇଗଲା ପରେ ତାହା କାମ ହୋଇପାରିବ ନାହିଁ। ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ପରେ ପ୍ରତିଶୋଧ ପରାୟଣ ହୋଇ ରାଜ୍ୟ ସରକାର ସମ୍ବଲପୁର ବିକାଶ କାର୍ଯ୍ୟ ଅଟକି ଦେଇଥିବା ଅଭିଯୋଗ ହେଉଥିଲା। ପୂର୍ବ ଜିଲ୍ଲାପାଳମାନଙ୍କ ସମୟରେ ପ୍ରସ୍ତାବିତ/ଆରମ୍ଭ ହୋଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନଥିଲା। ନୂଆ ପ୍ରକଳ୍ପ କାମ ଆସୁନଥିଲା। ଆଗାମୀ ଦିନରେ ମହାନଗର ନିର୍ବାଚନ ଥିବା ଦୃଷ୍ଟିରୁ ବିଳମ୍ବରେ ହେଲେ ମଧ ରାଜ୍ୟର ବିଜେଡ଼ି ସରକାର ଏଦିଗରେ ପଦକ୍ଷେପ ନେଇଥିଲେ। ହେଲେ, ସରକାରୀ ବାବୁମାନଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନଥିବା ଅଭିଯୋଗ ହେଉଛି।

# ଟ୍ରାକ୍ଟର ସହିତ ୫ ନିମ ବାହାଡ଼ା ଗଣ୍ଡି ଜବତ : ଜଣେ ଗିରଫ

ବଲାଙ୍ଗିର,୧୦/୦୫ (ନି.ପ୍ର) : ଗତକାଲି ରାତି ପେଟ୍ରୋଲିଂ କରୁଥିବା ବେଳେ ଲୋଇସିଙ୍ଗା ରେଞ୍ଜ ରେ ପେଟ୍ରୋଲିଂ ଦଳ ଗୋଟିଏ ଟ୍ରାକ୍ଟର ନମ୍ବର ଓଡ଼ି ୦୩ ଏସ୍ ୩୯୫୭ ଗାଡିରେ ଗୋଲାକାର ନିମ୍ବ ଓ ବାହାଡ଼ା ୫ ଟି ଗଣ୍ଡି (୨୩.୨୭ ସିଏଫ୍ଟି) ନେଉଥିବା ବେଳେ ବାଗଦିଅ ଗ୍ରାମ ପାଖରୁ ତଲି ଉଡାର ଗ୍ରାମର ଟୁନୁ ଭୁଏକୁ ଗିରଫ କରାଯାଇଥିବା ଜଣାପଡିଛି। ଏହି ଘଟଣାରେ ରେଞ୍ଜର ପାଉଲ ହରପାଲ, ଥନ ସୁନ୍ଦର୍ ଧରୁଆ ବନପାଳ, ଚିନ୍ମୟ କୁମାର ପଧାନ ଓ ରାଜ କୁମାର ଭୁଏ, ବନରକ୍ଷୀ ଲୋଇସିଙ୍ଗା ରେଞ୍ଜ ପାରା ବନ ସ୍କାର୍ଡ ଧରିଥିଲେ।

# ଅଜବ ବିଶ୍ୱାସର ମନ୍ଦିର

### ଭାରତର ବିଭିନ୍ନ ସ୍ଥାନରେ ରହିଛି ଏପରି ମନ୍ଦିର, ଯାହାର ପରମ୍ପରା ଆଉ ବିଶ୍ୱାସ କାହାକୁ ବି ଚକିତ କରିଦେବ....

**ଲଙ୍କାଗୁଣ୍ଡ ବୋଲିହୋଇ ନିଆଁରେ ଚାଲନ୍ତି ଭକ୍ତ :**



ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନଭିନ୍ନ ପରମ୍ପରା ଦୃଷ୍ଟି ଗୋଚର ହୋଇଥାଏ । ବେଳେବେଳେ ଏହା ଆଧୁନିକ ବିଜ୍ଞାନକୁ ଚ୍ୟାଲେଞ୍ଜ କରିଥାଏ । ମାତ୍ର ଏହା ରହସ୍ୟ ଖୋଜିବାକୁ ବିଜ୍ଞାନ ସକ୍ଷମ ହୋଇପାରେନା । ଏଭଳି ଏକ ଅଜବ ପରମ୍ପରା ତାମିଲନାଡୁ ଇଦ୍ୱାଞ୍ଜିଓ୍ୱାଡି ଗାଁରେ ଥିବା ବର୍ନାମୁର୍ତ୍ତୁ ମରିୟମନ୍ ମନ୍ଦିରରେ ଅତି ପ୍ରାଚୀନ କାଳରୁ ଚଳି ଆସୁଛି । ଏଠାରେ ପ୍ରତିବର୍ଷ ୮ ଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏହି ଅବସରରେ ମନ୍ଦିରର ତିନି ପ୍ରମୁଖ ଭକ୍ତଙ୍କୁ ଲଣ୍ଡା କରାଯାଇ ସେମାନଙ୍କ ଶରୀରରେ ଚନ୍ଦନ, କୁଙ୍କୁମ, ଅତର, ହଳଦୀ ସହିତ ଲାଲ୍ ଲଙ୍କାଗୁଣ୍ଡ ବୋଲି ଦିଆଯାଇଥାଏ । ସେମାନଙ୍କୁ କିଛି ଗୁଣ୍ଡ ମଧ୍ୟ ସେବନ କରିବାକୁ ଦିଆଯାଇଥାଏ । ସେଠାରେ ସେମାନଙ୍କୁ ଜଳୁଥିବା ଅଙ୍ଗାରରେ ଚାଲିବାକୁ ହୋଇଥାଏ । ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଉତ୍ସବକୁ ଲଙ୍କା ଅଭିଷେକ କୁହାଯାଇଥାଏ ।



**ପ୍ରେମିକ ପ୍ରେମିକାଙ୍କ ବିଚ୍ଛେଦ ପାଇଁ ହୁଏ ପୂଜା :**

ଉତ୍ତରପ୍ରଦେଶ ସାହାରନ ପୁରରେ ରହିଛି ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର । ମନ୍ଦିରରେ ହନୁମାନଙ୍କ ବାଳ ସ୍ୱରୂପ ପୂଜା ହୋଇଥାନ୍ତି । ଏଠାରେ ଯୁବତୀ ଯୁବକଙ୍କ ମୁଣ୍ଡରେ ପ୍ରେମ ନିଶା ଉତ୍ତରିବା ଲାଗି କରାଯାଇଥାଏ ପୂଜା । ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନଥାନ୍ତି । ପରିବାରର ଇଚ୍ଛା ବିରୋଧରେ ପ୍ରେମ ବିବାହ କରିବାକୁ ଜିଦ୍ ଧରିଥିବା ଯୁବତୀ ଯୁବକଙ୍କ ସମ୍ପର୍କୀୟ ମନ୍ଦିରରେ ଆସି ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ରହିଛି ବିଶ୍ୱାସ । ପୂଜା ପରେ ଆଶ୍ଚର୍ଯ୍ୟ ଭାବେ ଯୁବତୀ ଯୁବକମାନେ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କୁହନ୍ତି । ପ୍ରତି ମଙ୍ଗଳବାର ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜା କରାଯାଇଥାଏ ।

ସ୍ତନକର୍କଟ ନହେବା ପାଇଁ ହୁଏ ପୂଜା :

**ଏବେ ବି ଆସନ୍ତା ଅଶ୍ୱତ୍ଥମା :**



ମହାଭାରତର ଅଶ୍ୱତ୍ଥମା ଆଜି ବି ମା'ଙ୍କ ମନ୍ଦିରରେ ପୂଜା କରନ୍ତି । ଦ୍ୱିପର ଯୁଗର କିଛି କଥା ସହିତ ଜଡିତ ଥିବା ଉତ୍ତର ପ୍ରଦେଶର ଇଟାଓ୍ୱା ଜିଲ୍ଲାରେ ଯମୁନା ନଦୀ କୂଳରେ ଅବସ୍ଥିତ ମା' କାଳୀଙ୍କ ମନ୍ଦିର ବିଷୟରେ ମାନ୍ୟତା ରହିଛି । ମହାଭାରତର ଅଶ୍ୱତ୍ଥମା ଏବେବି ଅଦ୍ଭୁତ ରୂପରେ ଆସି ସର୍ବପ୍ରଥମେ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି । ଇଟାଓ୍ୱା ସଦର ମୁଖ୍ୟାଳୟରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଯମୁନା ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିରରେ ନବରାତ୍ରି ସମୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ନିଜ ମନସ୍କାମନା ପୂରଣ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଏଠାକୁ ଆସିଥାନ୍ତି । ମନ୍ଦିରର ମୁଖ୍ୟ କହିବାନୁଯାୟୀ ସେ ପ୍ରାୟ ୪୦ ବର୍ଷ ହେଲାଣି ଏହି ମନ୍ଦିରରେ ସେବା କରିଆସୁଛନ୍ତି । ତାଙ୍କ ମତରେ ମନ୍ଦିର ବନ୍ଦ ହେବା ପୂର୍ବରୁ ମୂର୍ତ୍ତିରୁ ସବୁ ଶୁଖିଯାଇଥିବା ଫୁଲଗୁଡିକୁ ବାହାର କରିଦିଆଯାଇଥାଏ କିନ୍ତୁ ସକାଳେ ଯେତେବେଳେ ମନ୍ଦିର ଖୋଲାଯାଏ ମନ୍ଦିର ଗର୍ଭଗୃହରେ ଫୁଲ ଗୁଡିକ ଏକଦମ ସତେଜ ଅବସ୍ଥାରେ ରହିଥାଏ । ଯାହା ପ୍ରମାଣ କରେ ଯେ କେହିନା କେହି ଛଦ୍ମ ରୂପରେ ଆସି ପୂଜା କରିଥାଆନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ମହାଭାରତର ଅଶ୍ୱତ୍ଥମା ମା'ଙ୍କ ମନ୍ଦିରରେ ଆସି ରାତିରେ ପୂଜା କରିଥାନ୍ତି ।

## କେଉଁମାନେ ଆମ୍ବ ଖାଇବା ଅନୁଚିତ୍ ?

**ଏବେ ବଜାରରେ ପ୍ରଚୁର ଆମ୍ବ ମିଳୁଛି । ଆମେ ସମସ୍ତେ ଉଣା ଅଧିକେ ଆମ୍ବ ବି ଖାଉଛୁ । କାରଣ ଆମ୍ବ ଏକ ପୁଷ୍ଟିକର ଫଳ । ଏଥିରେ ଭିଟାମିନ୍ ଏ, କପର, ଆଇରନ୍ ଓ ପୋଟାସିୟମ୍ ଭଳି ପୋଷକ ତତ୍ତ୍ୱ ରହିଛି । କିନ୍ତୁ ଆପଣ କ'ଣ ଜାଣନ୍ତି କି ଦରକାରଠୁ ଅଧିକ ଆମ୍ବ ଖାଇଲେ ଏସବୁ ଶାରୀରିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି !**

ତ୍ୱଚା ସମସ୍ୟା: ଆମ୍ବ ଖାଇବା ସମୟରେ ମୁହଁରୁ ଏକ ତରଳ ପଦାର୍ଥ ବାହାରିଥାଏ । ଯଦି ଆପଣ ତାକୁ ଠିକ୍ ଭାବେ ସଫା ନ କରିବେ,ତେବେ ଆପଣଙ୍କ ତ୍ୱଚା କୁଣ୍ଡାଇ ହୋଇପାରେ । ଖାଲି ସେତିକି ନୁହେଁ ଏହା ଫଳରେ ଗଳା କୁଣ୍ଡେଇ ହୋଇପାରେ ।

ହଜମ ଜନିତ ସମସ୍ୟା: ଯଦି ଆପଣଙ୍କର ହଜମ ଜନିତ ସମସ୍ୟା ଅଛି, ତେବେ ଆମ୍ବ ଖାଇବା ଅନୁଚିତ । ତା'ଛଡ଼ା ଅଧିକ ମାତ୍ରାରେ ଆମ୍ବ ଖାଇଲେ ତରଳ ଝାଡ଼ା ଓ ପେଟ କାଟିବା ଭଳି ସମସ୍ୟା ବି ଦେଖା ଦେଇଥାଏ ।

ମୁଖର ଉଜ୍ଜ୍ୱଳତା ନଷ୍ଟ କରେ: ଆମ୍ବ ଏକ ସ୍ୱାଦିଷ୍ଟ ଫଳ ହୋଇଥିଲେ ବି ଏହା ଏକ ଗରମ ଫଳ ଭାବେ ମଧ୍ୟ ଜଣାଶୁଣା । ଅଧିକ ମାତ୍ରାରେ ଆମ୍ବ ଖାଇଲେ ଆପଣଙ୍କ ମୁଖର ଉଜ୍ଜ୍ୱଳତା ନଷ୍ଟହେବାର ଆଶଙ୍କା ରହିଛି ।



ଯେଉଁମାନଙ୍କର ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉଛି, ସେମାନେ ଆମ୍ବ ନ ଖାଇବା ଭଲ । ସାଇନସ୍ ରୋଗୀ ଓ ମଧୁମେହ ରୋଗୀମାନେ ମଧ୍ୟ ଆମ୍ବଠାରୁ ଦୂରେଇ ରହିବା ଭଲ । ନିଜର ଓଜନ କମ୍ କରିବାକୁ ଚାହୁଁଥିବା ଲୋକ ବି ଆମ୍ବ ଖାଇବା ଅନୁଚିତ ।

## ଅର୍ଶ ରୋଗୀଙ୍କ ପାଇଁ ଖାଦ୍ୟ

**ଅର୍ଶର ମୂଳ କାରଣ ହେଉଛି କୋଷ୍ଠକାଠିନ୍ୟ । ଡାକ୍ତରଙ୍କ ମତରେ ଅର୍ଶ ରୋଗୀମାନେ ପ୍ରଚୁର ପରିମାଣରେ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । କୋଷ୍ଠକାଠିନ୍ୟଠାରୁ ଦୂରେଇ ରହିବା ପାଇଁ ବିଶେଷ ଖାଦ୍ୟ ସବୁ ରହିଛି । ଏହି ଖାଦ୍ୟ ବାବଦରେ ସଚେତନ ହେବା ଆବଶ୍ୟକ ।**

କ'ଣ ଖାଇବେ:- ଦିନରେ ଦୁଇଥର ଫଳ, ପ୍ରବଳ ପରିମାଣରେ ପନି-ପରିବା ତରକାରୀ ଖାଆନ୍ତୁ । ସେଓ, କଦଳୀ, ପିଜୁଳି, କମଳା, ନାସପାତି ଓ ଡାଳିମ୍ବରୁ ଯଥେଷ୍ଟ ତନ୍ତୁ ମିଳେ । ଚୋପା ନ ଛଡ଼ାଇ ପୂରା ଫଳ ଖାଆନ୍ତୁ । ଡିମିରି ଓ କିସମିସ ମଧ୍ୟ ଉପକାରୀ । ଶାଗ ମଧ୍ୟରେ ପାଳଙ୍ଗ ବଥୁଆ, କୋଶଳା, ଖଡ଼ା, ମେଥି ଉତ୍ତମ । ବିନ୍ସ, ମଟର ଛଇଁ, କୋବି, ଆଉ ଖାଆନ୍ତୁ । ତାହା ଛଡ଼ା ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଲିୟା, ସୁଜି ଆଦି ଉପକାରୀ ।

କ'ଣ ଖାଇବେନାହିଁ: ଫଳ ରସ, ମଇଦା ରୁଟି-ପରଟା ବିସ୍କୁଟ, ପାସ୍ତା, ନୁଡୁଲ୍ସ, ନାନ ।

## ବାସ୍ତୁଶାସ୍ତ୍ରର ନିୟମ

♦ ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ୍ୟ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।

♦ ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

♦ ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।


♦ ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

♦ ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

♦ ରୋଷେଇଘର ଓ ସ୍ନାନାଗାର ପାଖାପାଖି କିମ୍ବା ଗୋଟିଏ କାନ୍ଥର ଏପାଖ ସେପାଖ ହେବା ଅନୁଚିତ ।

♦ ଘର ବାଲକୋନିରେ ବାଇଗଣି ରଙ୍ଗର ଫୁଲଗଛ ଲଗାନ୍ତୁ । ଏହା ମଧ୍ୟ ସୁଖସମୃଦ୍ଧି ବୃଦ୍ଧି କରିବାରେ ଖୁବ୍ ସହାୟକ ।

## ବିଶ୍ୱସ୍ତ କୁକୁର ପାସପୋର୍ଟ ଚିରିଲା !




ପ୍ରାଣଜଗତରେ କୁକୁରର ବିଶ୍ୱସନୀୟତା ବାବଦରେ ମନୁଷ୍ୟମାନେ ବେଶ୍ ଭଲଭାବେ ଅବଗତ । କୁକୁର ଓ ମନୁଷ୍ୟଙ୍କର ବନ୍ଧୁତାକୁ ନେଇ ବିଭିନ୍ନ ଘଟଣାମାନ ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ନିକଟରେ ତାଇଓ୍ୱାନ୍ର ଏହିଭଳି କୁକୁରର ବିଶ୍ୱସନୀୟତା ଖବରଟି ସୋସିଆଲ ସାଇଟ୍ ଓ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି । ତାଇଓ୍ୱାନ୍ ନିବାସୀ ହେଲେ ୩୯ ବର୍ଷୀୟା ବୁହାନ୍, କିଛି ଦିନ ତଳେ ସେ ଚୀନ୍ ଯାତ୍ରା ପାଇଁ ଟିକେଟ୍ ବୁକିଂ କରିଥିଲେ । ଏକାକୀ ଭ୍ରମଣ କରିବା ବୁହାନ୍‌ଙ୍କର ଖୁବ୍ ପସନ୍ଦ । ନିର୍ଦ୍ଧାରିତ ଦିନର ୫ ଦିନ ପୂର୍ବରୁ ସେ ନିଜ ପ୍ୟାକିଂକୁ ନେଇ ବ୍ୟସ୍ତ ଥାନ୍ତି । ପାଖରେ ତାଙ୍କ ପୋଷା କୁକୁର 'ଜ୍ୟାକ୍' ମଧ୍ୟ ବୁଲୁଥାଏ । ପାସପୋର୍ଟଟି ଖଟ ଉପରେ ଥୁଆ ହୋଇଥାଏ । ହଠାତ୍ ଜ୍ୟାକ୍ ପାର୍ସପୋର୍ଟକୁ ଧରି ତାକୁ ଚିରିବାକୁ ଲାଗିଲା । ବୁହାନ୍ ଦୌଡି ଆସିଲାବେଳକୁ ପାର୍ସପୋର୍ଟର ଆଉ ଅବସ୍ଥା ନଥାଏ । ଖୁବ୍ ମନ ଖରାପ କରିବା ସହ କୁକୁର ଜ୍ୟାକ୍ ଉପରେ ବିରକ୍ତ ପ୍ରକାଶ କଲେ । ତହିଁ ଆରଦିନ ଯେତେବେଳେ ସେ ଟିଭିରେ ଖବର ଦେଖିଲେ, କୁକୁର ଜ୍ୟାକ୍‌କୁ ଧନ୍ୟବାଦ ଜଣାଇଲେ । କାରଣ ଚୀନ୍‌ରେ କରୋନା ଭାଇରସ୍ ବ୍ୟାପିବା ସହ ୮୦ ଜଣଙ୍କର ମୃତ୍ୟୁ ହୋଇସାରିଥିଲା । କୁକୁର ଜ୍ୟାକ୍ ବୁହାନଙ୍କ ଧନ୍ୟବାଦ ଶୈଳୀ ବୁଝିପାରିଲା କି ନାହିଁ, ତାହା ସେ ମାଲିକ ହୋଇ ମଧ୍ୟ ଜାଣିପାରିନାହାନ୍ତି । ହେଲେ ମିଲିକଙ୍କୁ ମୃତ୍ୟୁ ମୁଖରୁ କୁକୁର ବୁହାନ୍ ସୋସିଆଲ ସାଇଟ୍‌ରେ ଉଲ୍ଲେଖ କରିଛନ୍ତି ।

## ସିଲ୍କ ଦେଉଛି ଟ୍ରେଣ୍ଡିଂ ଲୁକ୍



ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପର୍ବପର୍ବାଣି, ବିବାହ, ବ୍ରତୋତ୍ସବ ଆଦି ଦିନଗୁଡିକରେ ଲୋକ ସିଲ୍କ ବେଶପୋଷାକ ପିନ୍ଧୁଥିବା ନିଜର ରହିଛି । ବନାରସୀ ସିଲ୍କ କେବଳ ଶାଢୀରେ ସୀମିତ ନାହିଁ । ଏହାକୁ ପୁରୁଷମାନଙ୍କ ପାଇଜାମା, ସେରଓ୍ୱାନୀ ଏବଂ ଡିଜାଇନର୍ କୋଟ୍ ଆଦିରେ ଅଧିକ ବ୍ୟବହାର କରାଯାଉଛି । ସିଲ୍କ




ବେଶପୋଷାକରେ ଓ୍ୱେଷ୍ଟର୍ଣ୍ଣ ଫ୍ୟୁଜନ୍ କରାଯାଉଥିବାରୁ ଏହା ପାରମ୍ପରିକ ଅପେକ୍ଷା ଟ୍ରେଣ୍ଡି ଲୁକ୍ ଦେଉଛି, ଯାହାକୁ ଯୁବପିଢି ଅଧିକ ପସନ୍ଦ କରୁଛନ୍ତି । ବ ର୍ମାନ ବଡବଡ ଫେସନ୍ ଶୋ'ରେ ବି ମଡେଲ୍‌ମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି । ଦେଶବିଦେଶର ବହୁ ଡିଜାଇନର ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ଫ୍ୟୁଜନ୍‌କ ରୂପ ଦେଇ ନୂଆ ନୂଆ ଏକ୍ସପେରିମେ[ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି ।

## ବିଶ୍ୱର ପ୍ରଥମ ଆଇସ୍ ହୋଟେଲ ପ୍ରତିବର୍ଷ ନିର୍ମାଣ ହୁଏ ଏବଂ ନଦୀରେ ପରିଣତ ହୋଇଯାଏ



ଦୁନିଆରେ ବହୁ କଳାକୃତି ରହିଛି ଯାହାକୁ ଦେଖି ଆମେ ଅଚମ୍ଭିତ ହୋଇପଡୁ । ଏଭଳି ଏକ କଳାକୃତି ହେଉଛି ସ୍ୱିଡେନ୍‌ର ଆଇସ୍ ହୋଟେଲ । ଏହି ହୋଟେଲଟି ବିଶ୍ୱର ପ୍ରଥମ ବରଫ ନିର୍ମିତ ହୋଟେଲର ମାନ୍ୟତା ପାଇଛି । ଯାହା ବସନ୍ତ ଋତୁରେ ତରଳି ନଦୀରେ ପରିଣତ ହୋଇଯାଏ । ସ୍ୱିଡେନ୍‌ର ଜ୍ୟୁକାସଜେରଭିରେ ଆର୍କଟିକ୍ ସର୍କଲର ଉତ୍ତରରେ ପ୍ରାୟ ୧୨୪ ମିଲ୍ ଦୂରରେ ଏହା ଅବସ୍ଥିତ । ପ୍ରତିବର୍ଷ ଶୀତଋତୁରେ ଏହି ହୋଟେଲକୁ ନିର୍ମାଣ କରାଯାଏ ଏବଂ ପାଞ୍ଚ ମାସ ପରେ ଏହା ନଦୀରେ ପରିଣତ ହୋଇଯାଏ । ଏହି ହୋଟେଲକୁ ଟୋର୍ଣ୍ଣେ ନଦୀର ସହାୟତାରେ ନିର୍ମାଣ କରାଯାଇଥାଏ । ଏହା ସୋଲାର ପାଓ୍ୱାର ଟେକ୍ନୋଲୋଜି ଦ୍ୱାରା ସମ୍ଭବ ହୋଇପାରିଛି । ଚଳିତ ବର୍ଷ ଏହି ହୋଟେଲକୁ ନିର୍ମାଣ କରିବା ଲାଗି ୩ ଦେଶର ୧୪ ଜଣ କଳାକାରଙ୍କୁ ଡକାଯାଇଥିଲା । ପର୍ଯ୍ୟଟକଙ୍କ ଲାଗି ଏହି ହୋଟେଲରେ ଏକ ରେଷ୍ଟୋରାଂଟ, ୧୨ ଟି ବେଡ୍ ରୁମ୍, ଆଇସ୍ ବାର୍ ଏବଂ ବହୁ ସୁନ୍ଦର କାରୁକାର୍ଯ୍ୟ ନିର୍ମାଣ କରାଯାଇଛି । ଏହି ହୋଟେଲକୁ ଦେଖିବା ଲାଗି ପ୍ରତିବର୍ଷ ୭୦ ହଜାର ପର୍ଯ୍ୟଟକ ଆସିଥାନ୍ତି । ଏହାକୁ ୧୯୮୯ ମସିହାରେ ପ୍ରଥମେ ନିର୍ମାଣ କରାଯାଇଥିଲା । ତେବେ ଚଳିତ ବର୍ଷ ଏହି ହୋଟେଲ ୩୦ ତମ ବର୍ଷପୂର୍ତ୍ତି ମନାଉଛି । ଏଥିଲାଗି ହୋଟେଲର ସଂସ୍ଥାପକ ୟଙ୍ଗଓ୍ୱେ ବର୍ଗକ୍ୱିଷ୍ଟ ଏକ ସ୍ୱତନ୍ତ୍ର ପ୍ରକାରର ମିଠା ତିଆରି କରିଛନ୍ତି, ଯାହାକୁ ୧୬ଟି ଦେଶର ୩୩ଜଣ କାରିଗର ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିଛନ୍ତି । ଏଠାକାର ତାପମାତ୍ରା ମାଇନସ୍ ୧୮ରୁ ୪୦ ଡିଗ୍ରୀ ରହିଥାଏ ।



## ସ୍ତନ କର୍କଟ ନହେବା ପାଇଁ



ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି । ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ । ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପୋଷାକଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ତାଜା ଫଳ, ସବୁଜ ପନିପରିବା, ଶାଗ ସାମିଲ କରନ୍ତୁ । କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ ଖାଦ୍ୟରେ ଖାଇବା ଉପକାରୀ । ସବୁଜ ଚାହା ପିଅନ୍ତୁ । ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ନିୟମିତ ବ୍ୟାୟାମ ଦ୍ୱାରା ସ୍ତାନ କର୍କଟ ସମସ୍ୟା ଦୂରହୁଏ । ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ । ସନ୍ତରଣ ଅଭ୍ୟାସ କରିପାରନ୍ତି । ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ ହୁଏ, ଯକୃତରେ ଚର୍ବି ଜମେକନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ । ମାନସିକ ଚାପରେ ରହନ୍ତୁ ନାହିଁ । ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ । କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେନ, ପ୍ରଜେଷ୍ଟରେନ କ୍ୱିବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା ଥାଏ । ଏଥିପ୍ରତି ସତର୍କ ହିବା ଜରୁରୀ । ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି ମହାମାରୀ ଭୟ...

ମହାମାରୀ କୋଭିଡ୍-୧୯ ବା କରୋନାର ପ୍ରକୋପ ଏଇ କିଛି ମାସ ହେବ କମି ଯାଇଥିଲେ ସୁଦ୍ଧା ପ୍ରାୟ ବର୍ଷକର ଅନ୍ତର ପରେ ପୁଣିଥରେ ଏହାର ଉଦ୍ଭବ ସ୍ଥଳ ଚୀନରେ ଏହା ଲୋକମାନଙ୍କୁ ହନ୍ତସନ୍ତ କରିଥିବା ଘଣା ଅଧିକେ ସମସ୍ତଙ୍କୁ ଜଣା। ଏହାର ମୂଳ ଭୂତାଣୁ ସମେତ ଭିନ୍ନ ଭିନ୍ନ ଭାରିଆଂଟ ବିଭିନ୍ନ ସମୟରେ ବିଶ୍ୱସ୍ତରରେ ଅନେକ ଲୋକଙ୍କ ଜୀବନ ହାନିର କାରଣ ହୋଇଛି। ଆଉ ୨୦୨୦-୨୧, ଯେତେବେଳେ ସାରା ବିଶ୍ୱରେ ମହାମାରୀର ତାଣ୍ଡବ ଚାଲିଥିଲା, ସେ ସମୟର ମୃତ୍ୟୁ ସଂଖ୍ୟାକୁ ନେଇ ଏକ ଅନାକାଂକ୍ଷିତ ଲଢ଼େଇ ଆରମ୍ଭ ହୋଇଯାଇଛି ଜାତିସଂଘର ସ୍ୱାସ୍ଥ୍ୟ ଶାଖା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଭାରତ ସରକାରଙ୍କ ମଧ୍ୟରେ। ଡବ୍ଲ୍ୟୁଏଚ୍‌ଓ ଆକଳନ କରିଛି ଯେ ମହାମାରୀ ବା ଏହାର ପ୍ରଭାବ ଯୋଗୁଁ ସମଗ୍ର ବିଶ୍ୱରେ ୧.୫ କୋଟି ଲୋକଙ୍କ ଜ ଜୀବନ ହାନି ଘଟିଛି; ସରକାରୀ ଭାବରେ ରେକର୍ଡଭୁକ୍ତ ହୋଇଥିବା ୫୪ ଲକ୍ଷ ନୁହେଁ। ପୁନଶ୍ଚ, ଏଇ ମୃତ୍ୟୁ ମଧ୍ୟରୁ ଅଧିକାଂଶ ଘଟିଛି ଦକ୍ଷିଣପୂର୍ବ ଏସିଆ, ଆମେରିକା ଓ ୟୁରୋପ୍ ମହାଦେଶରେ। ପୁଣି ମୋଟ୍ ମୃତ୍ୟୁର ଏକ-ତୃତୀୟାଂଶ ପାଖାପାଖି ଅର୍ଥାତ ୪୭.୪ ଲକ୍ଷ ପ୍ରାଣହାନି ଘଟିଛି ଭାରତରେ। ୨୦୨୧ ଶେଷରେ ସରକାରୀ ଭାବରେ ଭାରତର ମୃତ୍ୟୁ ସଂଖ୍ୟା ଥିଲା ୪.୮୧ ଲକ୍ଷ ଥିଲା। ଡବ୍ଲ୍ୟୁଏଚ୍‌ଓ କେବଳ କୋଭିଡରେ ସିଧାସଳଖ ଅର୍ଥାତ କେବଳ ଏହି ରୋଗରେ ହୋଇଥିବା ମୃତ୍ୟୁକୁ ହିସାବକୁ ନେଇନାହିଁ, ଏହା ମଧ୍ୟ ସେହିସବୁ ମୃତ୍ୟୁକୁ ହିସାବକୁ ନେଇଛି, ଯେଉଁଗୁଡ଼ିକ ଲୋକମାନେ ଅତ୍ୟଧିକ ଚିକିତ୍ସାଜନିତ ଚାପଗ୍ରସ୍ତ ସ୍ୱାସ୍ଥ୍ୟସେବାର ସୁବିଧା ନେଇ ନ ପାରିବାରୁ ମଧ୍ୟ ଘଟିଥିଲା, ତାକୁ କୋଭିଡ୍‌ଜନିତ ମୃତ୍ୟୁ ସହିତ ସମ୍ପର୍କିତ କରାଇଛି। କେବଳ ଏତିକି ନୁହେଁ, ଡବ୍ଲ୍ୟୁଏଚଓ ଦେଶମାନଙ୍କର ନିଜର ବିଧି ବ୍ୟବସ୍ଥା ଅନୁସାରେ ହିସାବକୁ ବର୍ଗୀକରଣ କରିବା ପରେ ଗାଣିତିକ ମଡେଲରେ ହିସାବ କରିବାର ପଦ୍ଧତିକୁ ଆପଣାଇଛି ମୃତ୍ୟୁ ସଂଖ୍ୟା ନିରୂପଣ କରିବାପାଇଁ। ଯେଉଁସବୁ ରାଷ୍ଟ୍ର ଏହାକୁ ପ୍ରତିନିଧିତ୍ୱ ଭାବରେ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସବୁ ପ୍ରକାରର-କାରଣଜନିତ ମୃତ୍ୟୁ ତଥ୍ୟ ପ୍ରଦାନ କରିଛନ୍ତି, ଡବ୍ଲ୍ୟୁଏଚଓ ସେସବୁ ରାଷ୍ଟ୍ରଙ୍କୁ ପ୍ରଥମ ଶ୍ରେଣୀ ବା ଟାୟର ୧ ଭାବରେ ବର୍ଗୀକୃତ କରିଥିଲାବେଳେ ଯେଉଁମାନେ ଏହାକୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନାହାନ୍ତି ଏବଂ ରାଷ୍ଟ୍ରୀୟ ହାରାହାରି ହାର ପାଇବା ପାଇଁ ଏହାକୁ ତଥ୍ୟର ବିକଳ୍ପ ଉତ୍ସ ବା ମାପ କରିବାର ଅନ୍ୟାନ୍ୟ ଉପାଦାନକୁ ବ୍ୟବହାର କରିବାକୁ ପଡ଼ିଛି, ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀ ବା ଟାୟାର ୨ରେ ଅନ୍ତର୍ଭୁକ୍ତ କରିଛି। ଭାରତ ଦ୍ୱିତୀୟ ଶ୍ରେଣୀର ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଛି।

ଭାରତ ବାବଦରେ ଡବ୍ଲ୍ୟୁଏଚ୍‌ଓ ମୃତ୍ୟୁ ସଂଖ୍ୟା ନିର୍ଦ୍ଧାରଣ କରିବାପାଇଁ ଆପଣାଇଥିବା ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛି ଭାରତ। ଏହା ଦର୍ଶାଇଛି ଯେ ଜନ୍ମ ଓ ମୃତ୍ୟୁ ପଂଜିକରଣ ନିମନ୍ତେ ଭାରତର ଏକ ବଳିଷ୍ଠ ପଂଜିକରଣ ବ୍ୟବସ୍ଥା ରହିଛି। ଏହା ଦୃଢ଼ କଣ୍ଠରେ ଦାବି କରିଛି ଯେ ଏହାର ସରକାରୀ ପଂଜିକରଣ ବ୍ୟବସ୍ଥା ପ୍ରତ୍ୟେକଟି ଜନ୍ମ ଓ ମୃତ୍ୟୁର ପଂଜିକରଣ କରିଛି, ତଥ୍ୟ ସମ୍ପୂର୍ଣ୍ଣ ଭାବରେ ଠିକ୍ ଏବଂ ଏହା ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ବା ଭାରତର ମହାପଂଜିକାରଙ୍କ ଦ୍ୱାରା ପ୍ରକାଶିତ, ଆଉ ସେହି ଦୃଷ୍ଟିରୁ 'ଭାରତ ପାଇଁ ପ୍ରଦତ୍ତ ତଥ୍ୟଠାରୁ ଅଧିକ ସଂଖ୍ୟକ ମୃତ୍ୟୁ ଘଟିଥିବା ଦର୍ଶାଇବାକୁ ଗାଣିତିକ ମଡେଲକୁ ବ୍ୟବହାର କରାଯିବାର ଆବଶ୍ୟକତା ନାହିଁ।' ଭାରତ ସରକାର ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଡବ୍ଲ୍ୟୁଏଚ୍‌ଓ ଯେଉଁ ୧୭ଟି ରାଜ୍ୟକୁ ନମୁନା ଭାବରେ ନେଇଛି, ସେମାନଙ୍କ ସମ୍ପର୍କରେ ୱେବ୍‌ସାଇଟ୍ ଏବଂ ଗଣମାଧ୍ୟମ ରିପୋର୍ଟଗୁଡ଼ିକରୁ ତଥ୍ୟ ସଂଗ୍ରହ କରିଛି ବୋଲି ସ୍ୱୀକାର କରିଛି, ଯେଉଁଗୁଡ଼ିକ 'ପରିସଂଖ୍ୟାନ ଦୃଷ୍ଟିରୁ ଠିକ୍ ହୋଇ ନଥିବା ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରଶ୍ନବାଚୀର ସମ୍ମୁଖୀନ ହେବା ଭଳି' ପ୍ରଣାଳୀରେ ପ୍ରସ୍ତୁତ ହୋଇଛି। ପୁନଶ୍ଚ, ଏହା ମଧ୍ୟ ୨୦୧୯ର ବୈଶ୍ୱିକ ସ୍ୱାସ୍ଥ୍ୟ ଅଟକଳକୁ ବିରୋଧ କରିଛି, ଯାହା ନମୁନା ସମଗ୍ର ଦେଶପାଇଁ ଗୋଟିଏ ପ୍ରକାରର ପଜିଟିଭ୍ ଟେଷ୍ଟ ବା ପରୀକ୍ଷା ହାରକୁ ବିଚାରକୁ ନେଇଥାଏ। ଏହା ହେଉଛି 'ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାରର' ବ୍ୟବସ୍ଥା, ଆଉ ସେଥିପାଇଁ ଏହା ଅଗ୍ରହଣୀୟ।

## ସାମ୍ପ୍ରଦାୟିକ ସଦ୍‌ଭାବର ସମାଜଶାସ୍ତ୍ର



ଗୋପାଳ ମହାପାତ୍ର

ଦେଶର ବିଭିନ୍ନ ଅଞ୍ଚଳରେ ସାମୁହିକ ଧାର୍ମିକ କାର୍ଯ୍ୟକ୍ରମ ବେଳେ ହିଂସାକାଣ୍ଡ ଘଟୁଥିବା ଦେଖିବାକୁ ମିଳୁଛି। ଏହି ଘଟଣାରୁ ଲୋକଙ୍କ ଭିତରେ ଅସହନଶୀଳତା ଏବଂ ଅସହିଷ୍ଣୁତା ଧିରେ ଧିରେ ବଢିଯାଉଥିବା ସ୍ପଷ୍ଟ ଜଣାପଡୁଛି। ଦେଶରେ କ୍ରମାଗତଭାବେ ବଢୁଥିବା ଧାର୍ମିକ ଅସହଶୀଳତାର ନୂଆ ସମାଜଶାସ୍ତ୍ର ବିକଶିତ ହେବାରେ ଲାଗିଛି। ଏ ବାବଦରେ ଚିନ୍ତା କରାଯିବା ଆବଶ୍ୟକ। ବର୍ତ୍ତମାନର ଏହି ସମୟରେ ଇକ୍‌ବାଲଙ୍କର ଏକ କବିତା ମନେ ପଡେ। କବିତାର ଗୋଟିଏ ପଂକ୍ତି ହେଉଛି-ସାରେ ଜହାଁ ସେ ଆଛା, ହିନ୍ଦୋସ୍ତାଁ ହମାରା, ହମ ବୁଲବୁଲେ ହେଁ ଇସକି ୟେ ଗୁଲିସ୍ତାଁ ହମାରା। ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଲିଖିତ ଏହି କବିତାଟିରେ ଦେଶପ୍ରେମ ଭରିରହିଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳେ ବ୍ରିଟିଶ ଶାସନକୁ ବିରୋଧ କରିବାର ପ୍ରତୀକ ଥିଲା ଇକବାଲଙ୍କର ଏହି କବିତା। ଦେଶର ଭିନ୍ନ ଭିନ୍ନ ସମୁଦାୟର ଲୋକଙ୍କ ମଧ୍ୟରେ ଭାଇଚାରାର ଭାବନାକୁ ଏହି କବିତା ପ୍ରୋତ୍ସାହିତ କରିଥାଏ। କିନ୍ତୁ ବର୍ତ୍ତମାନ ସମୟରେ ଇକ୍‌ବାଲଙ୍କ ଏହି ପଂକ୍ତିର ମର୍ମ ଦୁର୍ବଳ ହୋଇଯାଇଥିବା ଭଳି ଲାଗୁଛି। ସାମ୍ପ୍ରଦାୟିକ ସଦ୍‌ଭାବ ସହ ଜଡିତ ଏକ ଭଜନର ଚର୍ଚ୍ଚା ଏବେ କରାଯିବା ଆବଶ୍ୟକ। ଲକ୍ଷ୍ମଣ ଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଭଜନ-ରଘୁପତି ରାଘବ ରାଜାରାମ, ପତିତପାବନ ସୀତାରାମରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ-ଇଶ୍ୱର ଆଲ୍ଲା-ତେରୋ ନାମ, ସବ୍‌କୋ ସନମତି ଦେ ଭଗବାନ ପଂକ୍ତିକୁ ଯୋଡି ଦେଇଥିଲେ। ଗାନ୍ଧୀ ଯେଉଁ ପଂକ୍ତିଟି ଯୋଡିଥିଲେ ତାର ଅର୍ଥ ହେଉଛି ଈଶ୍ୱର ଓ ଆଲ୍ଲା ଭିନ୍ନ ଭିନ୍ନ ହୋଇପାରନ୍ତି କିନ୍ତୁ ସେମାନଙ୍କର ଅର୍ଥ ହେଉଛି ଗୋଟିଏ। ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟାଉଥିବା ଲୋକଙ୍କ ମନରେ ଏସବୁ କଥା ପଶୁନି କାହିଁକି? ଗାନ୍ଧୀଙ୍କର ଏହା ଥିଲା ପ୍ରିୟଭଜନ।

ଏକଥା ନିଃସନ୍ଦେହ ଯେ ଇକ୍‌ବାଲଙ୍କ କବିତା ଓ ଗାନ୍ଧୀଙ୍କ ପ୍ରିୟଭଜନରେ ଦେଶର ପ୍ରମୁଖ ସଂପ୍ରଦାୟ ମଧ୍ୟରେ ଭାଇଚାର ସୃଷ୍ଟି ପାଇଁ ଏକ ପ୍ରମୁଖ ସନ୍ଦେଶ ଦେଇଛି। କିନ୍ତୁ ଗତ ରାମନବମୀ ଏବଂ ହନୁମାନ ଜନ୍ମୋତ୍ସବ ଅବସରରେ ଦିଲ୍ଲୀର ଜାହାଙ୍ଗିରପୁର ଶୋଭାଯାତ୍ରା ଉପରେ ଆକ୍ରମଣ କାରଣରୁ ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। ଇଦ୍‌ର ନମାଜ ପରେ ଯୋଧପୁରରେ ହିଂସାକାଣ୍ଡ ମଧ ସୃଷ୍ଟି ହୋଇଛି। ଦେଶର ଅନେକ ସ୍ଥାନରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ହିଂସାକାଣ୍ଡ ଘଟିବାରେ ଲାଗିଛି। ଏଥିରୁ ସ୍ପଷ୍ଟ ଯେ ସାମ୍ପ୍ରଦାୟିକ ସଦ୍‌ଭାବ ସହ ଜଡିତ ଇକ୍‌ବାଲଙ୍କ କବିତା ଓ ଗାନ୍ଧୀଙ୍କ ଭଜନର କୌଣସି ଅର୍ଥ ନାହିଁ। ଏବେ ଈଶ୍ୱର ଆଉ ଆଲ୍ଲାଙ୍କ ଭିତରେ ପାଚେରୀ ଠିଆ ହେଲାଣି ଏବଂ ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠଙ୍କ ମଧ୍ୟରେ ପରସ୍ପର ବିରୁଦ୍ଧରେ ଦ୍ୱେଷ ଏପରିକି ଘୃଣା ସୃଷ୍ଟି ହେବାରେ ଲାଗିଛି। ଏଭଳି ଅବସ୍ଥାକୁ ଦୂର କରିବା ଦିଗରେ ପଦକ୍ଷେପ ନିଆଯିବା ଜରୁରୀ। ଦୁଇ ସଂପ୍ରଦାୟ ମଧ୍ୟରେ ଅସହନଶୀଳତା ବଢିବାରେ ଲାଗିଛି ଓ କେତେକ ରାଜନେତା ନିଆଁରେ ଘିଅ ଢାଳିବା ପରି କାର୍ଯ୍ୟ କରୁଛନ୍ତି।

ବିଗତ ଦିନରେ ହିଜାବ ଏବଂ ହଲାଲକୁ ନେଇ ମଧ ରାଜନୈତିକ ଏବଂ ଧାର୍ମିକ ପରିବେଶ ବେଶ୍ ସରଗରମ ହୋଇଥିଲା। ଏବେ ମହାରାଷ୍ଟ୍ରରେ ମସଜିଦ୍‌ରେ ଆଜାନ ବେଳେ ମନ୍ଦିରରେ ହନୁମାନ ଚାଳିସା ପାଠକୁ ନେଇ ଟଣାଓଟରା ଚାଲିଛି। ଆଉ ଏକ କଥା ହେଉଛି ଭାରତ ମାତା କି ଜୟ ଏବଂ ବନ୍ଦେ ମାତରମ୍‌କୁ ନେଇ ମୁସଲିମ୍ ସମୁଦାୟ ମଝିରେ ମଝିରେ ଆପତ୍ତି ଉଠାଉଥିବା ଦେଖିବାକୁ ମିଳୁଛି। ଯେଉଁ ମୁସଲିମ୍ ଭୋଟରମାନେ ବିଜେପିକୁ ଭୋଟ ଦେଇଛନ୍ତି ସେମାନେ କଠୋରପନ୍ଥୀ ମୁସଲିମ୍‌ମାନଙ୍କ ଟାର୍ଗେଟ୍‌ରେ ରହୁଛନ୍ତି। ଦେଶର ଅନେକ ରାଜ୍ୟରେ ଏଭଳି ଘଟଣା ଘଟୁଛି। କିନ୍ତୁ ୨୦୧୭ ପୂର୍ବରୁ ସାଂପ୍ରଦାୟିକ ଦଙ୍ଗା ଅଧିକ ଭାବେ ଘଟୁଥିବା ଉତ୍ତରପ୍ରଦେଶରେ ଏବେ ହିଂସାକାଣ୍ଡ କମିଛି। ରାମନବମୀ ଶୋଭାଯାତ୍ରା ବେଳେ ଉତ୍ତରପ୍ରଦେଶ ଅଞ୍ଚଳରେ ମୁସଲିମ୍ ସଂପ୍ରଦାୟର ଲୋକେ ଫୁଲ ବର୍ଷା କରୁଥିବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏଥିରୁ ସାଂପ୍ରଦାୟିକ ସଦ୍‌ଭାବ କଥା ସ୍ପଷ୍ଟ ନିଶ୍ଚୟ। ଉତ୍ତରପ୍ରଦେଶରେ ମନ୍ଦିର ଓ ମସଜିଦ୍‌ରୁ ହଜାର ହଜାର ଲାଉଡ୍‌ସ୍ପିକର କଢାଯାଇଛି ଓ ଯେଉଁଠି ଲାଉଡସ୍ପିକର ଅଛି ସେଠାରେ ସେସବୁକୁ କମ୍ ଶବ୍ଦରେ ବଜାଯାଉଛି। ଉତ୍ତରପ୍ରଦେଶର ଏହି ଘଟଣାରୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ ଏବଂ ମହାରାଷ୍ଟ୍ରର ଲୋକେ ଶିକ୍ଷା ଲାଭ କରିବା ଉଚିତ୍। ଦେଶରେ ବଢୁଥିବା ସାଂପ୍ରଦାୟିକ ଉତ୍ତେଜନା ପ୍ରସଙ୍ଗରେ ସମାଜଶାସ୍ତ୍ରୀ ମାନଙ୍କର ମତ ଭିନ୍ନ ଭିନ୍ନ। ଧାର୍ମିକ ବିଶେଷଜ୍ଞମାନଙ୍କ ମତ ହେଉଛି କଠୋରପନ୍ଥୀମାନେ ଶକ୍ତି ପ୍ରଦର୍ଶନକୁ ଗୁରୁତ୍ୱ ଦେଉଥିବାରୁ ଏଭଳି ଘଟୁଛି। ଦୁର୍ଭାଗ୍ୟର କଥା ହେଉଛି ରାଜନୀତି ଏବେ ଧାର୍ମିକ ମତଭେଦ ଉପରେ ଆଧାରିତ ହୋଇଯାଉଛି ଏପରିକି ଲୋକଙ୍କୁ ସଂଗଠିତ କରିବା ପାଇଁ ଧର୍ମର ଉପଯୋଗ କରାଯାଉଛି। ଏତଦ୍‌ବ୍ୟତୀତ ଧାର୍ମିକ ରୁଢିବାଦିତା, ବିଚାରର ସଂକୀର୍ଣ୍ଣତା ତଥା କଟୁତା ଲୋକଙ୍କୁ ବିଭାଜିତ କରିବାରେ ନିଆଁରେ ଘିଅଢାଳିବା ଭଳି କାମ କରୁଛି। ଦୁଃଖର କଥା ହେଉଛି ବର୍ତ୍ତମାନ ରାଜନୀତିରେ ଏଭଳି ଆକ୍ରାମକ ପରିବେଶ କାରଣରୁ ଅସଲ ପ୍ରସଙ୍ଗ ଅଣଦେଖା ହୋଇଯାଉଛି ଓ ଧର୍ମ ନାମରେ ଶକ୍ତି ପ୍ରଦର୍ଶନ ଏବଂ ଧାର୍ମିକ ପ୍ରତିଦ୍ୱନ୍ଦ୍ୱିତା ବଢିବାରେ ଲାଗିଛି। ଗୋଟିଏ ସଂପ୍ରଦାୟ ଅନ୍ୟ ସଂପ୍ରଦାୟ ଉପରେ ଭାରି ପଡ଼ିବା ପାଇଁ ଚେଷ୍ଟା କରୁଛି। ଏକବିଂଶ ଶତାବ୍ଦୀରେ ଭାରତ ପାଇଁ ଏହା ବିଘଟନକାରୀ ସିଦ୍ଧ ହୋଇପାରେ। କହିବାର ଆବଶ୍ୟକତା ନାହିଁ ଯେ ଭାରତ ଏକ ରାଷ୍ଟ୍ର ଅଟେ। ଲୋକଙ୍କ ମାନସିକତା ସହନଶୀଳତା ଏବଂ ସାମାଜିକ ସହିଷ୍ଣୁତା ତଥା ଲୋକଙ୍କ ମଧ୍ୟରେ ଦୁଃଖ-ସୁଖରେ ସାମିଲ ହେବା ଓ ପରସ୍ପର ମଧ୍ୟରେ ବୁଝାମଣାର ସଂସ୍କୃତି ସହ ଜଡିତ। ସମାଜକୁ ରାଷ୍ଟ୍ରକୁ ଗୋଟିଏ ସୂତାରେ ବାନ୍ଧିରଖିବା ପାଇଁ ଇକ୍‌ବାଲଙ୍କ ସାରେ ଜହାଁସେ ଆଛା ଓ ଗାନ୍ଧୀଙ୍କ ଈଶ୍ୱର-ଆଲ୍ଲା ତେରୋ ନାମକୁ ଆମକୁ ଆପଣେଇ ନେବାକୁ ପଡିବ। ତେବେ ଯାଇ ସାଂପ୍ରଦାୟିକ ସଦ୍‌ଭାବ ବୃଦ୍ଧି ପାଇପାରିବ।


ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪


## ରଜତସ୍ନିଗ୍ଧ ସାଧନାର ଉଜ୍ଜ୍ୱଳ ଦିଗବାରେଣୀ



ବାଦଲ ଭୂୟାଁ

### ଅଲିଶା ବଜାର ଚାଟଶାଳୀରୁ ଜୀବନ ଯାତ୍ରା

*ବାଗ୍ମୀ ପଦ୍ମଶ୍ରୀ ରଜତ କର ଗଢ଼ିହୋଇଥିଲେ କଟକ ପାଣି ପବନରେ। କଟକ ସହର ତାଙ୍କୁ ତିଆରି କରିଥିଲା ଜଣେ ବାଗ୍ମୀ, ସଂସ୍କୃତିସଂପନ୍ନ ପ୍ରାଜ୍ଞ ପୁରୁଷ ଭାବେ। ଅଲିଶା ବଜାର ଦୁର୍ଗାମଣ୍ଡପରେ ଥିବା ଏକ ଚାଟଶାଳୀରେ ଖଡ଼ି ଧରି ଶିକ୍ଷା, ସଂସ୍କୃତିର ଅସରନ୍ତି ଯାତ୍ରା ସେ ଆରମ୍ଭ କରିଥିଲେ। ଏହି ଠାରୁ ହିଁ ଶିଖିଥିଲେ ଶବ୍ଦବ୍ରହ୍ମର ଶକ୍ତି, ସଂସ୍କୃତିର ମୂଳ ତତ୍ତ୍ୱ। କେବଳ ଓଡ଼ିଶା ନୁହେଁ ସାରା ଭାରତରେ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଭାବେ ସେ ଯେଉଁ ବାଗ୍ମୀତାର ପରିଚୟ ଦେଇଥିଲେ ତାହାର ଶୁଭାରମ୍ଭ କଟକରୁ ହୋଇଥିଲା। ସ୍ୱର୍ଗତ କର ଛୋଟବେଳୁ ସାହିତ୍ୟ ପରିଧି ଭିତରେ ବଢ଼ିଥିଲେ। ବାପା କୁଳମଣି କର ସ୍ୱର୍ଗତ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଉତ୍କଳ ସାହିତ୍ୟ ପ୍ରେସ'ର ମ୍ୟାନେଜର। ତେଣୁ ଅନେକ ସମୟରେ ବାପାଙ୍କ ସହ ରଜତ ପ୍ରେସକୁ ଯାଉଥିଲେ। ସେ ସମୟରେ କୁଳମଣି କର ଜଣେ ଭଲ ପ୍ରୁଫ୍ ରିଡ଼ର ଥିଲେ। ତେଣୁ ବାପା ପ୍ରୁଫ ଦେଖିବା ବେଳେ ରଜତ ସେଠି ବସି ବିଭିନ୍ନ ଲେଖା ପଢ଼ନ୍ତି। ସେତେବେଳେ ରାଧାନାଥ ରାୟ ଓ ମଧୁସୂଦନ ରାଓଙ୍କ ପୁସ୍ତକ ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା। ଉତ୍କଳ ସାହିତ୍ୟ ପ୍ରେସରେ ରଜତ ଉଭୟଙ୍କ କାଳଜୟୀ ଲେଖାଗୁଡ଼ିକ ପଢ଼ି ମୁଖସ୍ଥ କରିଦେଇଥିଲେ। ଏମିତିକି ବାପାଙ୍କୁ କହି ରାଧାନାଥ ଓ ମଧୁସୂଦନଙ୍କ କିଛି ଲେଖାର ପଂକ୍ତିକୁ ଦଶ ବାରଟି ଫ୍ରେମ କରି ଘରେ ଟଙ୍ଗାଇଥିଲେ। ରଜତ କରଙ୍କ ପ୍ରାଥମିକ ଶିକ୍ଷା ଅଲିଶା ବଜାର ଦେବୀ ଘରେ ଏକ ଚାଟଶାଳୀରୁ ଆରମ୍ଭ ହୋଇଥିଲା। ପରେ ମିଶନ ସ୍କୁଲ, ରେଭେନ୍ସା କଲିଜିଏଟ ଓ ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ହାସଲ କରିଥିଲେ। ୮୦ ଦଶକ ପର୍ଯ୍ୟନ୍ତ କଟକରେ ରହୁଥିଲେ ସେ। ପ୍ରଖ୍ୟାତ ସାହିତ୍ୟିକ ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ପଟ୍ଟଶିଷ୍ୟ ଥିଲେ ରଜତ। ଏମିତିକି ନବମ ଶ୍ରେଣୀରେ ପଢୁଥିବାବେଳେ ସାହିତ୍ୟ ଚର୍ଚ୍ଚା ପାଇଁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ଗଠିତ 'ଛାତ୍ର ବାହିନୀ'ରେ ସେ ଯୋଗ ଦେଇଥିଲେ।*

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବୀଣ ବକ୍ତା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମଉଡ଼ମଣି ପଦ୍ମଶ୍ରୀ ଡକ୍ଟର ରଜତ କୁମାର କର ଆଉ ନାହାଁନ୍ତି ଏହା ବିଶ୍ୱାସ ହେଉନାହିଁ। ଲକ୍ଷ ଲକ୍ଷ ପ୍ରଶଂସକ, ଗୁଣମୁଗ୍ଧ ଶ୍ରୋତା ତଥା ଅସୁମାରୀ ବାଣୀ ଭଣ୍ଡାରକୁ ଛାଡ଼ି ସେ ଆରପାରିର ଯାତ୍ରୀ ହୋଇଯାଇଛନ୍ତି। ସେ ଥିଲେ ରଜତସ୍ନିଗ୍ଧ ଜହ୍ନରାତିର ସେ ଏକ ଉଜ୍ଜ୍ୱଳ ଦିଗବାରେଣୀ। ଦୂର କେଉଁ ତରୁ ଉହାଡ଼ରୁ ଭାସି ଆସୁଥିବା କୋଇଲିର କୁହୁତାନ ପରି ତାଙ୍କ ଉଚ୍ଚାଙ୍ଗ ସଙ୍ଗୀତ, ନାଟକ ହେଉ ଅଥବା ବୈଶାଖର ଧୁ ଧୁ ମଧ୍ୟାହ୍ନରେ ଯୋଗୀର କେନ୍ଦରା ଗୀତର ଜୀବନବୋଧ ସାହିତ୍ୟ, ସଙ୍ଗୀତର ସବ୍ୟସାଚୀ ପଦ୍ମଶ୍ରୀ ଡକ୍ଟର ରଜତ କର ଆମ ସଂସ୍କୃତି ଚଉରାମୂଳେ ଶିଖା ଟେକି ଜାଳୁଥିବା ଏକ ନିରୁଦବିଗ୍ନ ସଞ୍ଜବତୀ। ସେ ବତୀ ଆଜି ନିର୍ବାପିତ ହୋଇଯାଇଛି ସତ, କିନ୍ତୁ ସେ ଆଲୋକର ଉଦଭାସରେ ଆଲୋକିତ ହେଉଥିବ ସର୍ଜନଶୀଳ ଉତ୍ତରପୁରୁଷଙ୍କ ସାରସ୍ୱତ ସରଣୀ। ରଥଯାତ୍ରାରେ ଆଉ ଶୁଣିବାକୁ ମିଳିବନି ତାଙ୍କ ପାଣ୍ଡିତ୍ୟ, ତଥ୍ୟଭିତ୍ତିକ ଓ ଲାଳିତ୍ୟପୂର୍ଣ୍ଣ ତଥା ଗୁରୁଗମ୍ଭୀର ଧାରା ବିବରଣୀ।

ସେ ଥିଲେ ଭଞ୍ଜ ସାହିତ୍ୟର ସାର୍ଥକ ସାରଥି। ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ନିଜକୁ ସମର୍ପିତ କରିଥିଲେ ପଦ୍ମଶ୍ରୀ ରଜତ କର। ବାସ୍ତବରେ ଭଞ୍ଜ ସାହିତ୍ୟର ସେ ଥିଲେ ସାର୍ଥକ ସାରଥି। ଉତ୍କଳ ଛାତ୍ର ସାହିତ୍ୟ ସମାଜ ସହିତ ଜଡ଼ିତ ହୋଇ ଛାତ୍ର ଜୀବନରୁ ଭଞ୍ଜ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ। କଳିଙ୍ଗ ଭାରତୀ ଅନୁଷ୍ଠାନର ସଭାପତି ଭାବେ ପ୍ରତିବର୍ଷ କଟକ ମିଶନ ରୋଡ଼ ସ୍ଥିତ ଭଞ୍ଜ ମଣ୍ଡପରେ ଭଞ୍ଜ ଜୟନ୍ତୀ ଉତ୍ସବ ବେଶ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜନ କରିଆସୁଥିଲେ। ତାଙ୍କ ପ୍ରକାଶିତ ପୁସ୍ତକ ଗୁଡ଼ିକ ହେଉଛି 'ଜନମାନସରେ ଭଞ୍ଜ', 'ଜଣାଣ ବାଇଶ ପାବଚ୍ଛ', 'ଭକତ ଭଜଇ ଭଗବାନ', 'ଜଣାଣ ଜଣାଉଛି ଜଗନ୍ନାଥଙ୍କୁ', 'ଜନଜୀବନରେ ଜଗନ୍ନାଥ', 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ', 'ମଧୁମଙ୍ଗଳ'। ନାଟକ ଯଥା 'କବି ସମ୍ରାଟ', 'ସୁରେନ୍ଦ୍ର ସାଏ', 'ଚାଖି ଖୁଣ୍ଟିଆ' ପ୍ରମୁଖ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ତାଙ୍କର ଅବଦାନ ଅକଳ୍ପନୀୟ। ସାହିତ୍ୟ କ୍ଷେତ୍ରରେ ନିଜର ଅନନ୍ୟ ସାଧନା ପାଇଁ ସେ ଓଡ଼ିଆ ପାଠକଙ୍କ ନିକଟରେ ଯଶସ୍ୱୀ ହୋଇପାରିଥିଲେ। ଲୋକନାଟ୍ୟ 'ପାଲା'କୁ ଜୀବନ୍ତ ରଖିବାରେ ମଧ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଟିଭି ଓ ରେଡ଼ିଓରେ ରଥଯାତ୍ରାର ଭାଷ୍ୟକାର ଭାବେ ଓଡ଼ିଆ ଜନମାନସରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

ଅର୍ଥନୀତିରେ ସ୍ନାତକୋତ୍ତର ଉପାଧି ଲାଭ କରି ଶିକ୍ଷା ବିଭାଗରେ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜଙ୍କ ସମ୍ରାଟ କଣ୍ଠ କଟକର ରାଜା ଶ୍ରୀଜଗନ୍ନାଥଙ୍କର ସେ ଥିଲେ ପ୍ରଶଂସକ ତଥା ଉପାସକ। ଓଡ଼ିଶା । ଭଞ୍ଜ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଭାବରେ ସେ ଉପେନ୍ଦ୍ର ଭଞ୍ଜଙ୍କ ସମସ୍ତ ରଚନାକୁ ଅନୁଶୀଳନ ଏବଂ ବିଶ୍ଳେଷଣ କରିଛନ୍ତି। ବାଗ୍ମୀ ଭାବରେ ପରିଚିତ ରଜତ କରଙ୍କ ଓଜସ୍ୱିନୀ ଭାଷଣ ସବୁ ସମୟରେ ବେଶ ହୃଦୟସ୍ପର୍ଶୀ ଓ ମର୍ମସ୍ପର୍ଶୀ। ଶ୍ରୀଜଗନ୍ନାଥଙ୍କର ମଧ ସେ ଜଣେ ପରମ ଭକ୍ତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉନ୍ମେଷ ଓ ବିକାଶ, ପୂଜା ଉପାସନା, ପର୍ବପର୍ବାଣୀ, ଚିନ୍ତା ଚେତନା ଆଦି ପ୍ରତ୍ୟେକଟି ବିଷୟରେ ତାଙ୍କର ଅଗାଧ ଜ୍ଞାନ ରହିଛି ତଥା ଶତାଧିକ ବକ୍ତବ୍ୟ ରହିଛି। ଜଣେ ବିଶିଷ୍ଟ ନାଟ୍ୟକାର ଭାବରେ ମଧ ସେ ପରିଚିତ।

ରଜତ କରଙ୍କୁ ସବୁଠୁ ଅଧିକ ପରିଚିତି ଆଣିଥିଲା ଘରେ ଘରେ ଦେଉଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଧାରା ବିବରଣୀ। ଅତି ସୁନ୍ଦର ଭାବରେ ସାବଲୀଳ ଭାଷାରେ ଭଜନ ଜଣାଣ ସହିତ ତାଙ୍କର ବ୍ୟାଖ୍ୟାନ ଓ ଧାରା ବିବରଣୀ ସହ ପ୍ରବଚନ ଲୋକଙ୍କୁ ବାନ୍ଧି ରଖିଥିଲା। ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ଧାରା ବିବରଣୀ ସେ ବିଗତ ପ୍ରାୟ ୫୦ ବର୍ଷ ଧରି ରେଡ଼ିଓ ତଥା ଟେଲିଭିଜନରେ ଦେଇ ଆସୁଥିଲେ। ଓଡ଼ିଶାର ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଜଣେ ପ୍ରଣମ୍ୟ ପୁରୁଷ ହିସାବରେ ପରିଚିତ ଏହି ବରପୁତ୍ରଙ୍କୁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ବହୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ଶେଷରେ ତାଙ୍କର ଜୀବନବ୍ୟାପୀ ଉଲ୍ଲେଖନୀୟ କୃତୀ ପାଇଁ ଦେଶର ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ମଧ ଭୂଷିତ କରାଯାଇଥିଲା। ଜଣେ ଶିକ୍ଷାବିତ, ନାଟ୍ୟକାର, ସୁବକ୍ତା, ତତ୍ତ୍ୱଦର୍ଶୀ ଘୋଷକ, ପ୍ରବଚକ, ବାଗ୍ମୀ, ବିଦ୍ୱାନ ଓ ସମସ୍ତଙ୍କୁ ଭଲ ପାଉଥିବା ମଣିଷଟିଏ ସେ ଥିଲେ। ସେ ନିଜ ଅନନ୍ୟ ବାଗ୍ମୀତା, ପାଣ୍ଡିତ୍ୟ ଓ ସୃଜନକୃତୀ ପାଇଁ ଚିର ସ୍ମରଣୀୟ ହୋଇ ରହିବେ। ଏହି ଲେଖକ ଝାଡ଼ଖଣ୍ଡରେ ରହୁଥିବା ଅଗଣିତ ଓଡ଼ିଆ ଭାଇ ଭଉଣୀ ଓ ଅନନ୍ୟ ସାହିତ୍ୟ ମୁଖପତ୍ର 'ସିଂହଭୂମ' ତରଫରୁ ତାଙ୍କୁ ତାଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧା ସୁମନ ଅର୍ପଣ କରୁଛି।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨





### ପ୍ରିୟାକୁ ସୁନ୍ଦର ରଜନୀ ଗନ୍ଧା

ଜୟନ୍ତ କୁମାର ମଲ୍ଲିକ୍

ପ୍ରିୟାକୁ ସୁନ୍ଦର ରଜନୀ ଗନ୍ଧା
ତାହାପାଇଁ ମୁଁଉ ପଡ଼ିଛି ବନ୍ଧା ।
ପ୍ରତିଦିନ ସିଏ ଫୁଲ ସଜେଇ
ଗୁନ୍ଥିକି ପିନ୍ଧୁଛି ଖୋସାରେ ନେଇ ।
ମୋବାଇଲରେ ସେ ଫଟୋ ଛାଡୁଛି
ସେ କଥା କହିଲେ ଖାଲି ଚିଡୁଛି ।
ତା' ସାଥେ ଯିବାକୁ କହୁଛି ମତେ
ମନ ମୋ ମାନୁନି ଯିବାକୁ ସତେ ।
ଯଦି କେବେ ଯାଏ ତାହା ସାଥିରେ
ଜିଦି କରି କୁହେ ରୁହ ରାତିରେ ।
କଲେଜ ନଯାଇ ଘରେ ରହୁଛି
ମୋ ପାଖେ ସର୍ବଦା ମିଛ କହୁଛି ।
ପ୍ରତିଦିନ ତା'ର ଗୋଟିଏ କଥା
ଭାବିଲେ ଘୁରଇ ମୋହରି ମଥା ।
କେମିତି ମୁଁ ତାକୁ କରିବି ରାଣୀ
ଘର ଲୋକେ ସବୁ ଗଲେଣି ଜାଣି ।
ଭାବୁଛି ଏସନେ ବର ସାଜିବି
ବୋହୂଟିଏ କରି ନେଇ ଆସିବି ।
ଘରେ ରହି ସିଏ ହେବ ଘରଣୀ
ସଭିଙ୍କର ମନ ନେବ ସେ କିଣି ।


+ଶୂରଡ଼ିହ,ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭




### ଦାରୁଣ ବୈଶାଖ

ସୁଧାକର ରାଉତ

ବୈଶାଖର ତତଲା ପବନେ
ଜଳିପୋଡି ଯାଏ ଏ ଶରୀର
ବାହାରେ ରହିବାର ଖିଆଲଟା
ଧୀରେ ମନୁ ହୋଇଯାଏ ଦୂର ।
ନିଦାଘର ଉଷ୍ଣ ସମୀରଣ
ପୁଲକିତ କରେ ନାହିଁ ତନୁ
ପ୍ରୀତିର ଗଜଲ ଲେଖିବାକୁ
ଭାବନା ଉଭେଇ ଯାଏ ମନୁ ।
ଝାଞ୍ଜିରେ ଜଳାଇ ବାକୁ ରବି
ସଂକଳ୍ପ କରିଛି ସତେ ଆଜି
ନିଜେଜଳି ଅହରହ ପରା
ଜଳାଉଛି ବୃକ୍ଷଲତା ରାଜି।
ରୁଦ୍ରମୂର୍ତ୍ତି ଧରିଛି ବୈଶାଖ
ମଣିଷଠି ସୁଝାଇବ ରାଗ
କିଏ କିଆଁ ଉଦ୍ଧାରିବ ତାରେ
କେ ଶୁଣିବ ତା ମନ ଆବେଗ ।
ବିବର୍ଣ୍ଣ ଦିଶୁଛି ଏ ଜଗତ
ଅସହାୟେ କାନ୍ଦୁଅଛି ଧରା
ସବୁଜିମା ଯାଇଛି ଉଭେଇ
ଧୂସର ଦିଶେ ପଣତ ପରା ।
ଜଙ୍ଗଲରୁ ଦାବାନଳ ଉଠି
ଜଳାଉଛି ସ୍ଥାବର ଜଙ୍ଗମ
ଅସହାୟ ପ୍ରକୃତିକୁ ନର
ଚାହେଁ ଏଥୁଁ ଲଭିବ ବିରାମ ।
ପରିବେଶ ଭୟଙ୍କର ରୂପେ
ସାଜିଅଛି ଆଜି ଭସ୍ମାସୁର
ବିଶ୍ୱତାପନକୁ ସାଥେ ଧରି
କରିବ ସେ ଧରଣୀ ସଂହାର ।
ବର୍ଣ୍ଣହୀନ ଧରାକୁ ସବୁଜ
ବସନେ କରିବାକୁ ଆବୃତ
ସଚେତନ ନ ହେଲେ ଏବେହୁଁ
ହୋଇବଟି ଯବନୀକା ପାତ ।


+ପ୍ରତାପ ନଗରୀ,କଟକ
ମୋ: ୮୨୪୯୯୩୨୭୯୨


### ସମୟ

ଝରଣା ବାରିକ

କହିବାକୁ ତତେ ଲାଗେ ମତେ ଡର
କେମିତି କହିବି କହ,
ଅବିରତ ଧାଉଁ ତୋ ଗତି ପଥରେ
ଟିକିଏ ସମ୍ଭାଳି ରହ।
ପେସି ହେଇଯାଏ ମଣିଷ ଜୀବନ
ଦୁଃଖ ବୋଝ ବୋହି ବୋହି
ନିଶ୍ଚୟ ଦିନେ ତୁ ବଦଳିବୁ ବୋଲି
ରହିଛି ମୁଁ ତତେ ଚାହିଁ।
ଅପେକ୍ଷା ର ଅନ୍ତ ଘଟେ ସିନା ତାର
ସୁଖ କୁ ପାଖରେ ଦେଖି,
କର୍ମ ଫଳ ବୋଲି ଭାବିନିଏ ଯାକୁ
ବିଧାତା ଦେଇଛି ଲେଖି।
ଅମଡା ବାଟରେ ବାଟ ଚାଲୁ ଚାଲୁ
ବାଟ ଯେବେ ମିଳିଥାଏ,
ଆଖି ଲୁହ ପୋଛି ଆଗକୁ ଆଗକୁ
ସବୁକୁ ଆଦରି ନିଏ।
କଥାରେ କହନ୍ତି ଅପେକ୍ଷା କର ତୁ
ସମୟ ଆସିବ ଦିନେ,
ପଛ କଥା ସବୁ ଭୁଲି ଯିବୁ ଧିରେ
କିଛି ନ ରହିବ ମନେ।
ସମୟ ତ ଚାଲେ ଆଗକୁ ଆଗକୁ
ରହିବା ର ନାଁଆ ଧରୁନି,
କେତେ ଅବା ଆଉ ଅପେକ୍ଷା କରିବି
ଧର୍ଯ୍ୟ ମୋର ବୋଲ ମାନୁନି।


+ସମଲ, ତାଳଚେର, ଅନୁଗୋଳ


### ମାଆ

ସୁନନ୍ଦା ମହାନ୍ତି

ଗୃହଲକ୍ଷ୍ମୀ ସେହି ମାଆ
ସନ୍ତାନର ହୋଇ ସାହା
କନ୍ୟା ରୂପେ ଜନ୍ମ ନେଇ
ସେବା ଯତ୍ନ କରି ଥାଇ
ଭଗିନୀ ରୂପେ ବାନ୍ଧି ରାକ୍ଷୀ
କାଳ କାଳ ରହେ ସାକ୍ଷୀ
ବଧୂ ରୂପେ କୂଳଲକ୍ଷ୍ମୀ
ସ୍ତ୍ରୀ ରୂପେ ଅର୍ଦ୍ଧାଙ୍ଗିନୀ
ମାଆର ରୂପେ ଆଶୀର୍ବାଦ
ସନ୍ତାନର ସଦା ମେରୁଦଣ୍ଡ
ଗୃହରେ ରହି କର୍ମ କରଇ ହିତ
ବଢ଼ଇ ମହତ ବଢେ ସାହିତ୍ୟ
ନାରୀ ଅଟେ ନାରାୟଣୀ
ଗୃହଲକ୍ଷ୍ମୀ ପୁରାଣରେ ବୋଲାଇ
ଜଗତ ଜନନୀ ମାଆ ଲକ୍ଷ୍ମୀ
ସନ୍ତାନବାତ୍ସଲ୍ୟ ପୂଜାପାଇ
ମାଆ ସ୍ୱର୍ଗୀୟ ଦାନ, କରିଥିଲେ ପୂଣ୍ୟ
ଜୀବନ ଧନ୍ୟ ବଢିବ ଯଶମାନ
କେତେ ରୂପ ତୋର ମାଆ
ତୋ ପଣତ ଛାଇ ସବୁରି ମୁଣ୍ଡେ ଥାଆ


+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫




### ତୁମେ ଗଲା ପରେ

ଦିବାକର ନାୟକ


ତୁମେ ଗଲା ପରେ ଏ ସହର ପ୍ରିୟା
ନୁଆଇଁ ଦେଇଛି ମଥା
ସତେ କି ଆଜି ସେ ଅଭିମାନ କରି
କହୁନାହିଁ ଜମା କଥା ।
ସପନ-ସଉଧ ସମାଧି ଲଭିଛି
ସୁମନ ସୁବାସ ହରାଇ ବସିଛି ।
ପ୍ରଜାପତି ମନ ମଉଳି ଯାଇଛି
ନିଃସକତ ଡେଣା ଉଡ଼ି କି ପାରୁଛି ।
ଉପବନ ବୁକେ ହସୁନି ଫଗୁଣ
କୋଇଲି ଗାଉନି ଗାଥା..
ତୁମେ ଗଲା ପରେ ଏ ସହର ପ୍ରିୟା
ନୁଆଇଁ ଦେଇଛି ମଥା ।
ସହର ତନୁରେ ନାହିଁ ସରସତା
ରାଜୁତି କରୁଛି ସତେ ନୀରବତା ।
ଧନ ଅସୁମାରୀ ମନ ଅସହାୟ
ପ୍ରତାରଣା ଭରା ଭାବ ବିନିମୟ ।
ଚଲା ରାଜପଥ ଓଠେ ନାହିଁ ଭାଷା
ହୃଦୟେ ସାହାରା ବ୍ୟଥା..
ତୁମେ ଗଲା ପରେ ଏ ସହର ପ୍ରିୟା
ନୁଆଇଁ ଦେଇଛି ମଥା ।


+ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧

ହରେକୃଷ୍ଣ : ଭଲଲାଗେ ନିଃଶବ୍ଦ ଅନ୍ଧାର ଆଉ ନିବୁଜ କୋଠରୀ...



ମୌଳିକ କବିତା ରଚନା ଓ ଅନୁବାଦ ଉଭୟ ବିଭାଗରେ ନିଷ୍ଠାପର, ଗମ୍ଭୀର ଓ ସକ୍ରିୟ ସାଧନାରତ ହରେକୃଷ୍ଣ ଦାସ ସଂପ୍ରତି ନିଆଳି କଲେଜର ଇଂରାଜୀ ବିଭାଗରେ ଅଧ୍ୟାପନାରତ । କବିତା ସଂକଳନ 'କର୍ମଧାରୟ' ତାଙ୍କ କାବ୍ୟ ପ୍ରତିଭାର ଏକ ଚମତ୍କାର ନିଦର୍ଶନ । ତାଙ୍କ ଅନୁବାଦରେ ଅନେକ ଓଡ଼ିଆ କବିତା ଓ ଗଳ୍ପ, ହିନ୍ଦୀ ଓ ଇଂରାଜୀ ଉଭୟ ଭାଷାରେ ସମକାଳୀନ ଭାରତୀୟ ସାହିତ୍ୟ, ମ୍ୟୁଜ୍ ଇଣ୍ଡିଆ, ଦେବୀପ୍ଲସ୍, ରକ୍ ପେବ୍‌ବଲସ, କୋଣାର୍କ ଆଦି ପତ୍ରପତ୍ରିକାରେ ପ୍ରକାଶିତ । ପ୍ରସିଦ୍ଧ ଅହମିଆ ଲେଖକ ଟିଲୋ ସୋନୋୱାଲ୍‌ଙ୍କ 'ବହୁୱା ପୂଜାର ରୂପରେଖ' ଶ୍ରୀ ଦାସଙ୍କ ଦ୍ୱାରା ଅନୁଦିତ ହୋଇ ସଂପ୍ରତି ପାଠକୀୟ ମହଲରେ ବେଶ୍ ଚର୍ଚ୍ଚିତ । ହରେକୃଷ୍ଣଙ୍କ କବିତା ଶୀତଳ ପବନ ପରି ଛୁଇଁଯାଏ ମନ, ପ୍ରାଣ ଓ ହୃଦୟ । ଓଲିପାଣିରେ ଭିଜି ଯାଇଥିବା କାଗଜଡଙ୍ଗା ଭାଗ୍ୟର ସ୍ୱପ୍ନ, ବାସ୍ନାହୀନ ଆବେଗରେ ଲାସ୍ୟମୟୀ ଛଳନାରେ ବିଦୀର୍ଣ୍ଣ ଆକାଶ ଆଉ ଅତୀତକୁ ଖୋଜିବାର ଅସରନ୍ତି ପଣ ଭିତରେ ଶେଷବିନ୍ଦୁରେ ପହଞ୍ଚିବାର ସମ୍ମୋହନ ହିଁ ତାଙ୍କ କବିତାର ନିର୍ଯ୍ୟାସ । ସମୟର ଛାତିଚିରି ଆଗକୁ ବଢୁଥିବା ରାସ୍ତାରେ ସ୍ୱପ୍ନଭଂଗର ଯାତନାକୁ ବେତାଳ ପରି କାନ୍ଧରେ ବୋହି କେବେ ଅଙ୍କାବଙ୍କା ଅନ୍ଧାରୀ ରାସ୍ତା, କେବେ ପାଦଚିହ୍ନ ଖୋଜିଖୋଜି ନିଶ୍ଚିହ୍ନ ହୋଇଯିବାର ନିଶା, କେବେ ନିଶବ୍ଦ ଅନ୍ଧାର ଆଉ ନିବୁଜ କୋଠରୀ ପ୍ରେମରେ ପଡ଼ିଥିବା କବି ହରେକୃଷ୍ଣ ଏଥର ସୃଜନ ସ୍ୱାକ୍ଷରରେ...






**ହରେକୃଷ୍ଣ ଦାସ**

ଅଧ୍ୟାପକ ଇଂରାଜୀ ବିଭାଗ, ନିଆଳି କଲେଜ, କଟକ

ମୋ: ୯୮୬୧୩୪୫୬୫୮


## ସ୍ୱପ୍ନରେ ହିଁ ଥାଅ

କେତେ ସ୍ୱପ୍ନରେ ସଜେଇନ
ମୋର କଲ୍ଲୋଳ ଅସ୍ତିତ୍ୱ ସତେ !

ଏବେ ଶବ୍ଦ ନୁହେଁ
ଆବେଗରେ ହିଁ ଆଙ୍କିଦେବି
ତମର ତମାମ ଆୟୁଷ,
କୁଆଁରୀ ଶିହରଣରେ
ଝୁମି ଉଠୁଥିବା ତମ ଦେହ
ଆଶ୍ଲେଷରେ ଭିଜା ତମ ଆଖି
କହିବାକୁ ଚେଷ୍ଟାକରି
ସବୁବେଳେ ହାର ମାନୁଥିବା ମୋର ଓଠ ।

ସ୍ୱପ୍ନ ହିଁ ତ ଏବେ ସାହାରା ।
ସ୍ୱପ୍ନରେ ହିଁ ବୋହିହୁଏ
ନିର୍ବାକ୍ ଦେହ ମନର ବୋଝ
ସହିହୁଏ ଭାଗ୍ୟର, ସମୟର
ଯେତେକ ପହେଲୀ ।

ସେମିତି ସ୍ୱପ୍ନରେ ହିଁ ଥାଅ
ବିଷଭରା ମନର
ବଳୟ ସେ ପାଖେ
ଅନ୍ତତଃ
ଦୁର୍ଭାଗ୍ୟର ଜୀବନରୁ
ମୁକ୍ତି ନମିଳିବା ଯାଏଁ ।

# 'କର୍ମଧାରୟ': ଏକ ମୁଗ୍ଧ ଅନୁଭବ

ନବେ ଦଶକରୁ ଲେଖନୀ ଚାଳନା କରିଆସୁଥିବା କବି ହରେକୃଷ୍ଣ ଦାସ ସମସାମୟିକ ଓଡ଼ିଆ କବିତାରେ ଏକ ନିଆରା ସ୍ୱର। ମର୍ଯ୍ୟାଦାପୂର୍ଣ୍ଣ ଭାବ ଓ ଭାଷାର ସଂଯୋଜନାରେ ତାଙ୍କ କବିତା ସମାଜର ଅବ୍ୟବସ୍ଥା, ମାନବିକ ସମ୍ବେଦନା, ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତିତ ଓ ସ୍ଖଳିତ ମୂଲ୍ୟବୋଧ ବିଷୟରେ ବର୍ଣ୍ଣନା କରେ। ଏସବୁରେ ହରେକୃଷ୍ଣଙ୍କ କାବ୍ୟସତ୍ତାଟି ମର୍ମାହତ। ଏହାର ପ୍ରତିକ୍ରିୟା ହିଁ ତାଙ୍କ କବିତାର ମୂଳଂମଜ। "ଗପସପ ସବୁ ଆଜି ଏଇଠି ଥାଉ/ ବେଳ ହେଲାଣି, ଯିବା। / ତମେ ଯିବ ସୁଖର ଭ୍ରମକୁ, ମୁଁ / ମୋର ବାଟ ଚାହିଁଥିବା ନର୍କକୁ।" ('ଚାଲ ଫେରିଯିବା'/ 'କର୍ମଧାରୟ')। ଏଇ ଗୋଟିଏ ପଂକ୍ତିରୁ ହିଁ କବିଙ୍କ ପ୍ରୋଫେଟିକ୍ ଭିଜନ ବାରି ହୋଇପଡ଼େ। ବାରି ହୋଇପଡ଼େ, ଏବେକାର ପରିସ୍ଥିତି, ତାର ଅନ୍ଧାରି ଦିଗ ଓ ହାହକାର। "ଗପସପ"କୁ ଯଦି ବନ୍ଧୁତ୍ୱ, ଜୀବନ ବଂଚିବାର ଏକ ସୁନ୍ଦର, ସଜୀବ ଶୈଳୀର ମେଟାଫର ଭାବରେ ଗ୍ରହଣ କରାଯାଏ, ତେବେ ତାକୁ ସେଇଠି ଅଟକେଇ ଦେଇ, କୁଆଡ଼େ ଗୋଟେ ଯିବାର ଆହ୍ୱାନକୁ ଦେଖାଯାଉ। ଆମର ଗତି ସୁଖର ଭ୍ରମକୁ ଓ ନର୍କକୁ। ସୁଖ ବର୍ତ୍ତମାନ ଏକ ଭ୍ରମର ନାଁ। ଏଠି ସୁନ୍ଦର ରାଜ୍ୟର ପରିକଳ୍ପନା ଓ ତା'ର ବାସ୍ତବତା ଖୁବ୍ ଅପହଂଚ ଏକ ସୁଖ। ଅନ୍ୟ ଅର୍ଥରେ କହିଲେ ଏବେ ସମଗ୍ର ବିଶ୍ୱର ଗତି ବୋଧହୁଏ ଏମିତି ଏକ ଅଜବ ଲକ୍ଷ୍ୟ ଆଡ଼କୁ।

ବର୍ତ୍ତମାନର ପରିସ୍ଥିତି ଓ ଉଦ୍‌ବେଳନ ହେଉ ବା ହେଉ ମାନବୀୟ ଭାବାବେଗ- ଏକ ଦାର୍ଶନିକ ମୋଡ଼ ଦେଇ ସାଧାରଣ ଘଟଣାଟିକୁ ଏକ କାବ୍ୟିକତା ପ୍ରଦାନ କରିବା ଏବଂ ତାକୁ ଅସାଧାରଣ ଘଟଣାଟିଏରେ ରୂପାନ୍ତିତ କରିବା ହରେକୃଷ୍ଣଙ୍କର ଏକ ନିଆରା କାବ୍ୟ-କୌଶଳ। ଯେମିତି-

(୧) "ଅଥୟ ଥଣ୍ଟରେ / କାଠହଣା ଚଢ଼େଇଟି/ ଜୀବନଯାକ କ'ଣ ଗୋଟେ ଖୋଜୁଛି ଯେ ଖୋଜୁଛି/ ତାକୁ ଜଣା ନଥିବ ହୁଏତ / ଖୋଜିବାର ଗୂଢ଼ତତ୍ତ୍ୱ / ଯାହାପାଇଁ ଜୀବନଟା ବିତିଯିବ ପଛେ / ରହସ୍ୟ ଭେଦ କରିବା ସହଜ ହେବନି / + + + / ଖୋଜିବାର ବାଗ ବଦଳେଇଦେଲେ ରତ୍ନାକର ବଦଳିଯିବ ବାଲ୍ମିକୀରେ।" ('ଖୋଜିବା' / 'କର୍ମଧାରୟ')

(୨) "ରାସ୍ତାଟେ ପାଇଁ / ଏତେ ଧନ୍ଦିହେବାର କ'ଣ ଅଛି ? / ଗଛର ମୋହ ତୁଟିଲେ / ଫଳ ଯୁଆଡ଼େ ଗଡ଼ିଯିବ / ଆପେ ରାସ୍ତାଟେ ଫିଟିଯବନି !" ('ରାସ୍ତା-୨' / 'କର୍ମଧାରୟ')

(୩) "... ସବୁ ତତ୍ତ୍ୱ / ଆତ୍ମାରେ ସାଉଁଟି ନେଇ ଏ ରାସ୍ତା / ଯୋଗୀ ବନିଗଲା / ମତେ ଯାଯାବର କରିଦେଲା।" ('ରାସ୍ତା-୩' / 'କର୍ମଧାରୟ')

ବରେଣ୍ୟ କବି ରମାକାନ୍ତ ରଥ, ଗୁରୁପ୍ରସାଦ ମହାନ୍ତିଙ୍କ ଶୈଳୀରେ କାବ୍ୟଜୀବନର ପ୍ରାରମ୍ଭରେ ଲେଖୁଥିବା ହରେକୃଷ୍ଣ ପରବର୍ତ୍ତୀ ସମୟରେ ନିଜସ୍ୱ ଏକ କାବ୍ୟଶୈଳୀ ଖୋଜି ପାଇବାରେ ସକ୍ଷମ ଓ ସଫଳ ହୋଇଛନ୍ତି। ପ୍ରାରମ୍ଭିକ କବିତାମାନଙ୍କରେ, ଯେମିତି-

(୧) "... ତମେ ମୋର ପତ୍ନୀ ନୁହଁ / ଆଉ କା'ର ପ୍ରେମିକା ଯଦି ବି ନୁହଁ।" ('ରାଧା' / 'କର୍ମଧାରୟ')।

(୨) "ରାସ୍ତା ସେପାଖ ଛାତରେ ସୋନାଲିର ସ୍କିପିଙ୍ଗ୍ ଭଲ ଲାଗେ / ନୀଳ ଡ୍ରେସ, ନୀଳ ଜୋତା, ନାଲି ଓଠେ ହସ ଭଲଲାଗେ/ ଏଇମିତି ଗପୁଗପୁ ବେଣୀ ଫିଟେ ଆଖି ନଇଁଯାଏ/ ଏବଂ ନିଆଁ ଚରିଯାଏ ନିଥର ନିର୍ଜୀବ ସୁପ୍ତ ହରେକୃଷ୍ଣ ଦାସ ଦେହସାରା।" ('ହରେକୃଷ୍ଣ ଦାସ' / 'କର୍ମଧାରୟ')

ଏସବୁ ସହିତ ମାନବିକ ସଂବେଦନ, ସାମାଜିକ ସୂକ୍ଷ୍ମ ସଂପର୍କ ଓ ଉଦ୍‌ବେଳନକୁ ଅତ୍ୟନ୍ତ ଭାବପ୍ରବଣ ଓ ସଂବେଦନଶୀଳ ଶବ୍ଦ ପ୍ରୟୋଗ ଦ୍ୱାରା ବିଶ୍ଳେଷଣ କରି ପାଠକକୁ ଭାବପ୍ରବଣ କରାଇବାରେ ସିଦ୍ଧହସ୍ତ, ଚିତ୍ରକଳ୍ପ ପ୍ରସ୍ତୁତି ମୌଳିକ ଓ ହୃଦୟସ୍ପର୍ଶୀ ସାବ୍ୟସ୍ତ ହୋଇଛି, ଯେମିତି-

(୧) "ପତ୍ରମାନଙ୍କ ଦୀର୍ଘଶ୍ୱାସରେ / ଝରି ପଡୁଥିବା ଅନ୍ଧାର ହିଁ / ଆଗକୁ ବଢ଼ିବାର ରାହା" ('ନଇ ପ୍ରତି'/ 'କର୍ମଧାରୟ')

(୨) "ପାଚିଲା ପତ୍ରଧାରର ଆଶ୍ୱସ୍ତିରେ / ଝୁଲି ରହିଥାଏ ସମୟ" ('ରାସ୍ତା -୩' / 'କର୍ମଧାରୟ')

(୩) "ପଥପ୍ରାନ୍ତ ବୁଢ଼ା ।ସୂର୍ଯ୍ୟ ଘୁମେଇ ପଡ଼ିଲାଣି / ଥୁଣ୍ଟା ଖଜୁରୀଗଛର ପିଠିରେ / .... ମାଛରଙ୍କା ପିଠିରୁ ଫେରିଯିବା ଆଗରୁ / ଶୀତୁଆ ପବନ ଛୁଇଁ ଯାଉଥିବ ତା'ର ଆୟୁଷ ।" ('ରାସ୍ତା-୨' / 'କର୍ମଧାରୟ')

(୪) "ଆଂଜୁଳି ପାଣିରେ ଧରାଦେଇ / ଖୁସିନେଇ ଉଭେଇ ଯାଉଥିବ ଜହ୍ନ" ('ଚାଲ ଫେରିଯିବା' / 'କର୍ମଧାରୟ')

(୫) "ଓଲିପାଣିରେ ଭିଜି ଯାଉଥିବା / କାଗଜଡଙ୍ଗାର ଭାଗ୍ୟ ହିଁ ମୋର ସ୍ୱପ୍ନ" ('ଫେରି ନ ଚାହିଁବାର ସର୍ତ୍ତରେ' / 'କର୍ମଧାରୟ')

(୬) "ପାଉଡର ସଜ ହୋଇ / ବାଡ଼ିପଟ ପିଜୁଳି ଡାଳରେ / ଜହ୍ନ ଦୋଳି ଖେଳୁଥିବ ଆଗଭଳି ।" ('ହାତ ପାଆନ୍ତାରେ' / 'କର୍ମଧାରୟ')

ସାମାଜିକ ଅବ୍ୟବସ୍ଥା ଓ ଅବକ୍ଷୟିଷ୍ଣୁ ମୂଲ୍ୟବୋଧ ପ୍ରତି ତୀବ୍ର ସଚେତନତା ଏବଂ ସେଥିପ୍ରତି ବେଳେବେଳେ ବିଦ୍ରୂପାତ୍ମକ ଶୈଳୀରେ କାବ୍ୟିକ ପ୍ରତିକ୍ରିୟାକୁ ଚମତ୍କାର ଶବ୍ଦ ସଂଯୋଜନାରେ ଧରି ରଖିପାରନ୍ତି। ହରେକୃଷ୍ଣଙ୍କ କବିତାରେ 'ମିଥ୍'ର ବ୍ୟବହାର ପ୍ରାୟତଃ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ବକ୍ତବ୍ୟର ସଂପ୍ରସାରଣ ପାଇଁ କେଉଁଠି କେମିତି ବ୍ୟବହାର କରାଯାଇଛି ଯାହା। ପ୍ରକୃତି ଓ ତାର ଉପାଦାନମାନେ ହରେକୃଷ୍ଣଙ୍କ କାବ୍ୟ ଅବବୋଧକୁ ପ୍ରକାଶ କରିବାରେ ମୁଖ୍ୟ ସାଧନ । ଚମତ୍କାର ବ୍ୟଂଜନା, ଭାବ ଉଦ୍ରେକକାରୀ ଶବ୍ଦ ସଂଯୋଜନା, ସୂକ୍ଷ୍ମ, ଶାଣିତ ଓ ସାବଲୀଳ ଚିତ୍ରଉପମା ତାଙ୍କ କବିତାରେ ମାଦକତା ଭରିଦିଏ, ଯାହାର ଆବେଦନ ତାଙ୍କୁ ଅନ୍ୟ କବିମାନଙ୍କ ଠାରୁ ନିଆରା କରି ତୋଳେ। ହରେକୃଷ୍ଣ ସାମାଜିକ ଅବ୍ୟବସ୍ଥା ହେଉ କି କେଉଁ ଘଟଣ ଅଘଟଣ, ତାକୁ ନେଇ ସ୍ଲୋଗାନଧର୍ମୀ କବିତା ଲେଖିବାରେ ବିଶ୍ୱାସ ରଖନ୍ତି ନାହିଁ। କବିତାରେ ନାଟକୀୟତା, କବିତାର ଶେଷକୁ ଅଭାବିତ ମୋଡ଼ ଦେବା, ତାଙ୍କର ରଚନାର ଏକ ପ୍ରମୁଖ ବୈଶିଷ୍ଟ୍ୟ, ଯାହାର ଆରମ୍ଭରୁ ଶେଷଯାଏଁ ପାଠକକୁ ବାନ୍ଧି ରଖିବାରେ ସମର୍ଥ ହୁଏ। କଥନୀୟତାରେ ଖୁବ୍ କୁଶଳୀ ହରେକୃଷ୍ଣ। ଶବ୍ଦର ବହୁପ୍ରସ୍ଥୀୟ ଅର୍ଥ ବ୍ୟବହାରରେ ଧୂରନ୍ଧର ଶ୍ରୀ ଦାସ ବର୍ତ୍ତମାନ ଲେଖୁଥିବା କବିମାନଙ୍କ ମଧ୍ୟରେ ଏକ ଦୃପ୍ତ ସ୍ୱର।




**ଈପ୍‌ସିତା ଷଡ଼ଙ୍ଗୀ**

ଗୁହାଳପଡ଼ା, ନିମାପଡ଼ା, ପୁରୀ

ମୋ:୯୮୬୧୩୩୩୯୪୪


# ସବୁ ଶ୍ରେୟ ଈପ୍‌ସିତା ଓ ନନାଙ୍କର...

**ହରେକୃଷ୍ଣ ଦାସ**

ଥରେ ବିଶିଷ୍ଟ କବି ପ୍ରତିଭା ଶତପଥୀଙ୍କ ସହ କଥା ହେଉଥିଲାବେଳେ ସେ କହିଲେ ଯେ ତାଙ୍କ ପାଇଁ କବିତାଟେ କାଗଜରେ ଲେଖିହେବାର ପ୍ରକ୍ରିୟା ଅଳ୍ପ ସମୟର ହେଇଥିଲେ ବି ତାହା ମନ ଭିତରେ ଅନେକ ଦିନ ଧରି ଲେଖାହୋଇ ଚାଲିଥାଏ। କଥାଟି ଶୁଣିଲା ପରେ ମତେ ଭାରି ଖୁସି ଲାଗିଲା। ବୋଧହୁଏ ଏଇଥିପାଇଁ ଯେ ମୋର ମନ ଭିତରେ ବି ଅନେକ କବିତା ଦିନ ଦିନ ଧରି ଲେଖାହୋଇ ଚାଲିଥାଏ। ସୌଭାଗ୍ୟ ଥିବା ଅଳ୍ପ କିଛି କବିତା କଲମ ସ୍ପର୍ଶରେ କାଗଜପୃଷ୍ଠାକୁ ଓହ୍ଲାଇ ଆସିପାରନ୍ତି। ମୋର ଧ୍ୟାନ କେନ୍ଦ୍ରୀଭୂତ ନ ହେଇପାରିବା କାରଣରୁ ହେଉ ବା ଲେଖିବା ପାଇଁ ଆଳସ୍ୟ ହେତୁ ଅଧିକାଂଶ କବିତା ମନ ଭିତରେ ହସିଖେଳି ବିସ୍ମୃତିରେ ଲୀନ ହୋଇଯାଆନ୍ତି।

ଖୁବ୍ ଅଳ୍ପ କବିତା ଲେଖିବା ଏବଂ ତା'ଠାରୁ ଆହୁରି ଅଳ୍ପ କବିତା କାଗଜରେ ଉତାରି ପ୍ରକାଶନ ଉଦ୍ଦେଶ୍ୟରେ ବିଭିନ୍ନ ପତ୍ରପତ୍ରିକାକୁ ପଠଉଥିବା ବେଳେ କବିତା ସଂକଳନଟିଏ ପ୍ରସ୍ତୁତ ହେବା କଳ୍ପନାତୀତ ବିଷୟ ନିଶ୍ଚୟ। କିଛି କିଛି କବିତା ପ୍ରକାଶିତ ହେବା ଦେଖି ମୋ ଝିଅ ଅଦିତି ହିଁ ପ୍ରଥମେ ଉସୁକେଇ ଚାଲିଲା କବିତା ଲେଖି ଚାଲିବାକୁ ଏଇଥିପାଇଁ ଯେ ସେ ମତେ ବି ଜଣେ 'କବି' ଭାବରେ ପରିଚିତ ମିଳୁ ବୋଲି ଦେଖିବାକୁ ବ୍ୟଗ୍ର ଥିଲା। କହିବା ବାହୁଲ୍ୟ ଯେ ମୋର ପତ୍ନୀ ଈପ୍‌ସିତା ଷଡ଼ଙ୍ଗୀର କବି ହିସାବରେ ପ୍ରସିଦ୍ଧିକୁ ନେଇ ମୋର ଗର୍ବ ଅପେକ୍ଷା ମୋ ଝିଅର ଖୁସି ଢ଼େର ବେଶୀ ଥିଲା। ଜନ୍ମ ପରେ ବଢ଼ିଥିବା ଭଡ଼ାଘର ସହିତ ଝିଅର ଆବେଗିକ ସମ୍ପର୍କ ଓ ପ୍ରତିକ୍ରିୟାକୁ ନେଇ ମୁଁ କବିତାଟେ ଲେଖିବାପରେ ସେ ଖୁବ୍ ଖୁସି ହେଲା ଯେ ମୁଁ ତା' ପାଇଁ କବି ହେଇଚାଲିଛି।

ସାହିତ୍ୟ କାର୍ଯ୍ୟକ୍ରମ ନେଇ 'ଲେଖାଲେଖି' ପତ୍ରିକାର ସଂପାଦକ ତଥା ପ୍ରକାଶକ ଶ୍ରୀ ପ୍ରଦୀପ୍ତ କୁମାର ବେହୁରାଙ୍କ ସହ ଅନେକ ଦିନ ଧରି ଆତ୍ମୀୟତା (ଈପ୍‌ସିତାର ସାହିତ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ସେ କେତେଥର ଆମ ଘରକୁ ଆସନ୍ତି ଓ ଆମେ ଅନେକଥର ତାଙ୍କ ସାଙ୍ଗରେ ଯାଇଛୁ) ଥିଲେ ବି ମୁଁ କବିତା ଲେଖାଲେଖି କରେ ଓ ଅନେକତ୍ର ସେସବୁ ପ୍ରକାଶିତ ବୋଲି ସେ ବହୁଦିନ ଧରି ଜାଣିନଥିଲେ। ମୋ କବିତା ସଂପର୍କରେ ଆସିବାପରେ ସେ ଦିନେ ପ୍ରସ୍ତାବ ଦେଲେ ସଂକଳନଟିଏ କରିବାକୁ। ତାହା କେବଳ ଏକ ସାଧାରଣ ପ୍ରସ୍ତାବ ଥିଲା ଯୋଉଥିରେ ମୁଁ ବିଶେଷ ଆଗ୍ରହ ଦେଖାଇନଥିଲି। କିନ୍ତୁ ଝିଅର ଉତ୍ସାହ ଓ ଈପ୍‌ସିତାର ନିରନ୍ତର ପ୍ରେରଣା ମୋର ଭିତରେ ଆଗେଇବାର ଇଚ୍ଛା ଜାଗ୍ରତ କଲା। ମୋ କବିତାଗୁଡ଼ିକ ପ୍ରକାଶ କରିବା ଅବସରରେ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସଂପାଦିକା ସୈରିନ୍ଧ୍ରୀ ଅପା ଉଚ୍ଚ ପ୍ରଶଂସା କରି ଦେଇ ଆସିଥିବା ମନ୍ତବ୍ୟ ମୋର ଏହି ସାଧାରଣ ଇଚ୍ଛାକୁ ଅଚାନକ ତୀବ୍ରକରି ଚାଲିଲା। ଏସବୁର ଊର୍ଦ୍ଧ୍ୱରେ, ସର୍ବାଗ୍ରେ ଅଛି ନନା (ଶ୍ୱଶୁର, ପ୍ରଖ୍ୟାତ କବି ଡ. ବଂଶୀଧର ଷଡ଼ଙ୍ଗୀ)ଙ୍କ ଅପ୍ରତିହତ ଆଗ୍ରହ। ସଂକଳନ କଥାଟି ଶୁଣିବା ପରେ ସେ ମତେ ଏତେଥର ବାରମ୍ବାର ଅଭିପ୍ରେରିତ କରିଛନ୍ତି ଯେ ତାଙ୍କ ତ୍ୱରାନ୍ୱିତ କରିବାର ବେଗ ପାଖରେ ମୋର କବିତା ପ୍ରସ୍ତୁତ କରିବାର ବେଗ ଖୁବ୍ ଧିମା ପଡିଯାଉଥାଏ । ମୋ ଅନୁପସ୍ଥିତିରେ ମୋର କବିତା ଡାଏରୀ ପଢ଼ି ଯେତେବେଳେ ସେ ଖୁବ୍ ଭାବପ୍ରବଣ ହେଇ ଆଖିକୁ ଲୁହ ଚାଲିଆସିଲା ବୋଲି କହିଲେ, ମୋର 'ହରେକୃଷ୍ଣ ଦାସ' କବିତା ପଢ଼ି "ଗୁରୁ ମହାନ୍ତି 'ହରେକୃଷ୍ଣ ଦାସ' ଶୀର୍ଷକ ଆଉ ଗୋଟେ କବିତା ଲେଖିଥିଲେ ହୁଏତ ଏମିତି ଲେଖିଥାନ୍ତେ" ବୋଲି ଯେତେବେଳେ ମନ୍ତବ୍ୟ ଦେଲେ, ମୋର ଅନୁଭବ ହେଲା ଯେ କବିତାଗୁଡ଼ିକ ସଙ୍କଳନଯୋଗ୍ୟ ହେଇଛି।

ପାଣ୍ଡୁଲିପି ପ୍ରସ୍ତୁତ ହେବାର ସମସ୍ତ ଶ୍ରେୟ ଈପ୍‌ସିତା ଓ ନନାଙ୍କର। ସୂଚୀପତ୍ର ସହ ସଂପୂର୍ଣ୍ଣ ପାଣ୍ଡୁଲିପିଟି ଈପ୍‌ସିତା ଖୁବ୍ ଯତ୍ନରେ ପ୍ରସ୍ତୁତ କରିଥିବାରୁ ସଂକଳନଟି ସମ୍ଭବ।

\+ + +

ସଙ୍କଳନର ନାମକରଣ ପାଇଁ କବିତାଗୁଡ଼ିକର ଅର୍ଥପୂର୍ଣ୍ଣ ତର୍ଜମା କରି ନନା ହିଁ 'କର୍ମଧାରୟ' ଉପଯୁକ୍ତ ହେବ ବୋଲି ପ୍ରସ୍ତାବ ଦେଲେ। ପ୍ରଥମ କବିତା ସଂକଳନଟି ସମ୍ଭବ ହେବାପାଇଁ ଈପ୍‌ସିତା ଓ ନନାଙ୍କ ପାଖରେ ମୁଁ କୃତଜ୍ଞ, ପ୍ରେରଣାର ମୂଳ ଉତ୍ସ ହେଇଆସିଥିବା ମୋର ଝିଅ ଅଦିତି ସର୍ବାଦୌ ଧନ୍ୟବାଦାର୍ହ। ଯାହାଙ୍କର ଇଚ୍ଛା ଓ ଆଗ୍ରହ ସଙ୍କଳନଟିର ରୂପାୟନ ପାଇଁ ବହୁ ପରିମାଣରେ ଦାୟୀ, ପ୍ରକାଶକ ଶ୍ରୀ ପ୍ରଦୀପ୍ତ କୁମାର ବେହୁରାଙ୍କ ପାଖରେ ମୁଁ କୃତଜ୍ଞ। କୃତଜ୍ଞ ସେଇ ସଂପାଦକ, ସଂପାଦିକାଙ୍କ ପାଖରେ ଯେଉଁମାନେ ସଙ୍କଳନସ୍ଥ ଅଧିକାଂଶ କବିତା ତାଙ୍କ ପତ୍ରପତ୍ରିକାରେ ପ୍ରକାଶିତ କରିଆସିଛନ୍ତି।



ମତେ ସବୁବେଳେ ଲେଖକ ଭାବେ ଦେଖିବାକୁ ଇଚ୍ଛା କରିଆସିଥିବା ମୋର ବାପା ସ୍ୱର୍ଗୀୟ ଶ୍ରୀ ଆର୍ତ୍ତତ୍ରାଣ ଦାସ ଓ ସବୁ କର୍ମର ଆଧାର ବିଶ୍ୱନିୟନ୍ତା। ଭଗବାନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ପ୍ରଣାମ କରି ପାଠକୀୟ ଶ୍ରଦ୍ଧା କାମନା କରୁଛି।

# ଏସସିବି ଆଉଟ୍ ଡୋରରେ ଅନଲାଇନ୍ ଟିକେଟ୍ ବୁକିଂ ସେବା ଆରମ୍ଭ




ଭୁବନେଶ୍ୱର,୧୦/୦୫ (ନି.ପ୍ର): କଟକ ଏସସିବି ଆଉଟ୍ ଡୋରରେ ସୋମବାର ଠାରୁ ଅନଲାଇନ୍ ଟିକେଟ୍ ବୁକିଂ ସେବା ଆରମ୍ଭ ହୋଇଛି । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଇସ୍ୱାସ୍ଥ୍ୟ ଡଟ୍ ଓଡିଶା ହଟ୍ ଜିଓଭି ଡଟ୍ ଇନ୍ ରେ ପଞ୍ଜିକରଣ କରି ସିଧାସଳଖ ଆଉଟ ଡୋର ଟିକେଟର ପ୍ରିଂଟ ବାହାର କରି ପାରିବେ । ସେହି ପ୍ରିଂଟଆଉଟ୍ କୁ ଧରି ମେଡିକାଲରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ସେବା ପାଇପାରିବେ । ଏସସିବି ମେଡିକାଲର ଆଉଟ ଡୋର ଟିକେଟ କାଉଂଟରରେ ଲୋକ ମାନଙ୍କୁ ସୁବିଧା ପ୍ରଦାନ କରିବା ସହ ଭିଡ଼ କମ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ । ଅନ୍ୟପଟେ ଅନଲାଇନ ସହିତ ଅଫଲାଇନ ଟିକେଟ କେନ୍ଦ୍ର ମଧ ଚାଲୁରହିବ । ୭ ଦିନ ପରେ ରୋଗୀଙ୍କ ମତ ନେଇ ସଫ୍ଟୱେୟାରରେ ଆବଶ୍ୟକ ମୁତାବକ ପରିବର୍ତ୍ତନ କରାଯିବ । ଯେଉଁମାନେ ମୋବାଇଲ ବୁକିଙ୍ଗ କରିଥିବେ ସେମାନଙ୍କୁ ନିଶୁଳ୍କରେ ପ୍ରିଂଟ ଯୋଗାଇ ଦେବାକୁ ମଧ ଏକ ସ୍ୱତନ୍ତ୍ର କାଉଣ୍ଟରର ବ୍ୟବସ୍ଥା କରାଯାଇଛି ।

# ପ୍ରବଳ ବର୍ଷା ଜନିତ କ୍ଷୟକ୍ଷତି ଏଡାଇବାକୁ ପୂର୍ବତଟ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର,୧୦/୦୫ (ନି.ପ୍ର): ବାତ୍ୟା ଅଶାନୀର ପ୍ରଭାବ ଦ୍ୱାରା ବର୍ଷା ଜନିତ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ପୂର୍ବ ତଟ ରେଳପଥ ପଦକ୍ଷେପ ଗ୍ରହଣ କରିଛି । ସାଇକ୍ଲୋନ୍ କିମ୍ବା ପ୍ରବଳ ବର୍ଷା ଦ୍ୱାରା ରେଳ ଟ୍ରାକ୍ ପ୍ରଭାବିତ ଆଶଙ୍କାକୁ ନଜର ଦେଇ ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ ରେଳ ସଦନରେ ରେଳ ମଣ୍ଡଳ ଯଥା ବିଶାଖାପାଟନମ୍, ଖୋର୍ଦ୍ଧା ରୋଡ୍ ଏବଂ ସମ୍ବଲପୁର ମୁଖ୍ୟାଳୟରେ ୨୪ ଘଂଟିଆ ବିପର୍ଯ୍ୟୟ ପରିଚାଳନା ସେଲ୍ ଖୋଲାଯାଇଛି । ପୂର୍ବ ତଟ ରେଳପଥ ମଧ ଆପଦ କାଳୀନ ଟ୍ରେନ ଚଳାଚଳ ପାଇଁ ପଦକ୍ଷେପ ଗ୍ରହଣ କରିଛି । ଟ୍ରାକର ଶୀଘ୍ର ପୁନରୁଦ୍ଧାର, ସାଙ୍କେତିକ ପ୍ରଣାଳୀ ଏବଂ ବିଦ୍ୟୁତିକରଣ ଇତ୍ୟାଦି ପାଇଁ ସ୍ୱତନ୍ତ୍ର ଦଳର ନିୟୋଜନ କରାଯାଇ ପଦକ୍ଷେପ ନେଇଛି । ଯଦି ବିଦ୍ୟୁତ ସରବରାହ ବ୍ୟାଘାତ ଘଟେ ତେବେ ଟ୍ରେନ ଚଳାଚଳ ପାଇଁ ଡିଜେଲ ଇଂଜିନ ଗୁଡିକୁ ବିଭିନ୍ନ ସ୍ଥାନରେ ରଖାଯାଇଛି । ଶାଖା ଲାଇନ୍ ସମେତ ହାଓଡ଼ା-ଚେନ୍ନାଇ ମେନ୍ ଲାଇନର ସମସ୍ତ ଷ୍ଟେସନରେ ତୀକ୍ଷ୍ଣ ନଜର ରଖାଯାଇଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଦାୟିତ୍ୱରେ ଥିବା ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଟ୍ରେନ ଚଳାଚଳକୁ ସୁରକ୍ଷିତ କରିବା ଲାଗି ଏବଂ କୌଣସି ଜରୁରୀ କାଳୀନ ପରିସ୍ଥିତି ଯଥା ରେଳ ଟ୍ରାକ ନିକଟରେ ବନ୍ୟା ସ୍ଥିତି ପ୍ରତି ସଜାଗ ରହିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା ଜଳର ମୁକ୍ତ ପ୍ରବାହକୁ ସୁନିର୍ଶ୍ଚିତ କରିବା ପାଇଁ ସଂକୁଚିତ ହୋଇଥିବା ଜଳ ନିଷ୍କାସନ ଏବଂ ପାର୍ଶ୍ୱ ଡ୍ରେନଗୁଡିକ ସିଲ୍ଟ, ଉଦ୍ଭିଦ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକରୁ ସଫା କରାଯାଇଛି । ସେତୁଗୁଡ଼ିକର ଜଳପଥଗୁଡିକ ଉଦ୍ଭିଦ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ସଫା କରାଯାଇଛି । ଏହା ବ୍ୟତୀତ, ଗଛର ଶାଖା କାଟିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଯାହା ଦ୍ୱାରା ଓଭର ହେଡ଼ ଇକୁଇପମେଂଟ ଉପରେ ଗଛ ପଡି ଯେପରି ବ୍ୟାଘାତ ସୃଷ୍ଟି ନହୁଏ । ବିଭିନ୍ନ ସ୍ତରରେ ଅଧିକାରୀ ଓ ରାଜ୍ୟ ସରକାରଙ୍କ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରାଯାଉଛି । କେନାଲ ଏବଂ ଡେଞ୍ଜର ସ୍ତର କ୍ଷେତ୍ରରେ ପୂର୍ଣ୍ଣ ଯୋଗାଣ ସ୍ତର ଅବ୍ୟୁଟଂଟେ ନିକଟରେ ଥିବା ପ୍ରତ୍ୟେକ ପାଇର୍ ଉପରେ ଉଜ୍ଜ୍ୱଳ ଲାଲ୍ ବ୍ୟାଣ୍ଡରେ ରଙ୍ଗ ଦିଆଯାଇଛି ଯାହା ଦ୍ୱାରା ପାଟ୍ରୋଲମ୍ୟାନ୍, ଷ୍ଟେସନାରୀ ୱାଚମ୍ୟାନ୍ ଏବଂ ଡ୍ରାଇଭରମାନେ ସ୍ପଷ୍ଟ ଭାବରେ ରେଳ ମାର୍ଗକୁ ଦେଖି ପାରିବେ । ଟ୍ରାକରେ ଜଳ ସ୍ଥଗିତ ନହେବା ପାଇଁ ବ୍ୟବସ୍ଥା କରାଯାଇଛି । ଷ୍ଟେସନ ୟାର୍ଡରେ, କ୍ରସ୍ ଡ୍ରେନ୍ ଏବଂ ଦ୍ରାଘିମା ଡ୍ରେନ୍ ଗୁଡିକ ସଫା କରାଯାଇ ଉପଯୁକ୍ତ ଗ୍ରେଡ୍ ପ୍ରଦାନ କରାଯାଇଛି । ପାଟ୍ରୋଲିଂ ଦ୍ୱାରା ରେଲୱେ ଟ୍ରାକର ପାଟ୍ରୋଲିଂ ମଧ ଯୋଜନା କରାଯାଇଛି । ସେମାନେ ବିପଦ କିମ୍ବା ବାଧା ଉପରେ ନଜର ରଖିବା ସହିତ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଟ୍ରେନ ଚଳାଚଳକୁ ସୁରକ୍ଷିତ ରଖିବା ପାଇଁ ନିର୍ଶ୍ଚିତ କରିବେ । ମୋବାଇଲ୍ ପାଟ୍ରୋଲିଂ ସହିତ ଷ୍ଟେସନାରୀ ପାଟ୍ରୋଲିଂ ଏବଂ ୱାଚମେନଙ୍କୁ ମଧ ଅତି ସମ୍ବେଦନଶୀଳ ସ୍ଥାନମାନଙ୍କରେ ରେଳ ସେକ୍ସନ ମାନଙ୍କରେ ନିୟୋଜିତ କରାଯାଇଛି । ଯେଉଁଠାରେ ୱାଶଆଉଟ୍ / ସ୍ଲିପ୍ ହେବାର ସମ୍ଭାବନା ଅଛି ସେହି ସ୍ଥାନମାନଙ୍କରେ ପ୍ରବଳ ବର୍ଷାକୁ ନଜରରେ ରଖି ବିଭାଗୀୟ ଗ୍ୟାଙ୍ଗମେନ ଟ୍ରାକର ପାଟ୍ରୋଲିଂର ଆୟୋଜନ କରିବେ ଏବଂ ଟ୍ରେନଗୁଡିକ ଯାତାୟାତ ପାଇଁ ଟ୍ରାକ ସୁରକ୍ଷିତ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଟ୍ରାକ, ରେଳ ପୋଲ ଗୁଡ଼ିକର ବ୍ରିଜ ମରାମତି ସେବା ବ୍ୟବସ୍ଥା ସାମଗ୍ରୀ ଯଥା ବୋଲଡର, ବାଲି, ସିଣ୍ଡର, କ୍ୱାରି ଡଷ୍ଟ, ବାଲାଷ୍ଟକୁ ଚିହ୍ନିତ ସ୍ଥାନମାନଙ୍କରେ ରଖାଯାଇଛି । ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ୍ ଓ ଉପକରଣକୁ ମଧ ପ୍ରସ୍ତୁତ କରି ରଖାଯାଇଛି ।

# ଆଇଟିଆଇ, ପଲିଟେକନିକ ଅଧକ୍ଷଙ୍କୁ ନେଇ ନେତୃତ୍ୱ ବିକାଶ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ରାଜ୍ୟର ସମସ୍ତ ୪୯ଟି ଆଇଟିଆଇ ଏବଂ ୩୭ଟି ପଲିଟେକନିକ ଅନୁଷ୍ଠାନର ମୁଖ୍ୟମାନଙ୍କୁ ନେଇ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧୀନରେ ୱାର୍ଲ୍ଡ ସ୍କିଲ ସେଂଟରଠାରେ ଏକ ନେତୃତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଇଟିଆଇ ଏବଂ ପଲିଟେକନିକମାନେ କିଭଳି ଭାବେ ବ୍ଲକ ଓ ଜିଲ୍ଲା ସ୍ତରରେ ନୂତନ ଦିଗଦର୍ଶନ ଦେଇପାରିବେ ସେ ନେଇ ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ସୁବ୍ରତ ବାଗଚୀ ଏକ ବିଶେଷ ଉପସ୍ଥାପନା ରଖିଥିଲେ । ଆଇଟିଆଇ ଏବଂ ପଲିଟେକନିକର ମୁଖ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ବାଗ୍‌ଚୀ କହିଥିଲେ ଯେ ଆଜିର ଦିନରେ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କ ମଧରେ ଆଇଟିଆଇ ପ୍ରତି ବହୁତ ସମ୍ମାନ ରହିଛି । ପ୍ରଥମେ ତାଲିମ ଅନୁଷ୍ଠାନର ଭିତିଭୂମି ସୁଦୃଢ କରି ତାକୁ ଆକର୍ଷଣୀୟ କରିବା ଉଚିତ । ନିକଟସ୍ଥ ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀରେ ଅଧୟନ ଛାତ୍ରଛାତ୍ରୀଙ୍କ ମନରେ ଆଇଟିଆଇ ଏବଂ ପଲିଟେକନିକ ତାଲିମ ପ୍ରତି ସଚେତନତା ସୃଷ୍ଟି କରିବାକୁ ହେବ । ପ୍ରତ୍ୟେକ ଆଇଟିଆଇରୁ ଅନ୍ତତଃ ଦଶ ଜଣ ପ୍ରଶିକ୍ଷାର୍ଥୀ ପରବର୍ତୀ ପର୍ଯ୍ୟାୟରେ ପଲିଟେକନିକ, ଏସଡିଆଇ କିମ୍ବା ଡବ୍ଲୁଏସସିରେ ତାଲିମ ନେବେ ଏବଂ ଦକ୍ଷତା ପ୍ରତିଯୋଗିତାରେ ଭାଗନେଇ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବେ । ଜିଲ୍ଲା ସ୍ତରରେ ପ୍ରତ୍ୟେକ ଆଇଟିଆଇ ଏବଂ ପଲିଟେକନିକ କ୍ରୀଡା ଉତ୍ସବ ଆୟୋଜନ ସହ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ରିକେଟ ଓ ଫୁଟବଲ ଦଳ ଗଢିବାକୁ ଅଧକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଆଇଟିଆଇ ଏବଂ ପଲିଟେକନିକ ସ୍ଥାନୀୟ ଚିକିତ୍ସାଳୟ ସହିତ ସହଭାଗିତା କରି ଆଶୁ ବିପତି ସମୟରେ ଆବଶ୍ୟକୀୟ ସହଯୋଗର ହାତ ବଢେଇପାରିବେ । ରାଜ୍ୟର ପ୍ରାୟ ୬ ଲକ୍ଷ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ରହିଛନ୍ତି । ସେହି ବିଦ୍ୟାଳୟଗୁଡିକ ସହ ଯୋଗାଯୋଗ କରି ଉକ୍ତ ଛାତ୍ରଛାତ୍ରୀଙ୍କୁ ସ୍କିଲ ତାଲିମ ପ୍ରତି ଆକୃଷ୍ଟ କରିବାକୁ ମଧ ଆହ୍ୱାନ କରିଥିଲେ ।

ସମସ୍ତ ଅଧକ୍ଷଙ୍କୁ ସ୍ୱାଗତ ଜଣାଇ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜି କହିଥିଲେ ଯେ ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଯୋଗ ଦେଇଥିବା ଅଭିଜ୍ଞ ବ୍ୟକ୍ତିବିଶେଷଙ୍କଠାରୁ ନେତୃତ୍ୱ ବିକାଶ ବିଷୟରେ ବହୁତ କିଛି ଶିଖିବାକୁ ମିଳିବ । ସେ ଏହି ଅବସରରେ ଆହୁରି ମଧ କହିଥିଲେ ଯେ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ (ଟିଭିଇଟି) ବ୍ୟବସ୍ଥାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ଆମର ମୂଳ ଲକ୍ଷ୍ୟ ଅଟେ ।

ନେତୃତ୍ୱ ବିକାଶ କର୍ମଶାଳାରେ ୱାର୍ଲ୍ଡ ସ୍କିଲ ସେଂଟର ଅଧକ୍ଷ, ସଙ୍ଗରନ ଗୋପାଳ, କ୍ଲୁଟ ମହା ପ୍ରବନ୍ଧକ, ଦିପ୍ତୀ ମହାପାତ୍ର, ଅତିରିକ୍ତ ପୋଲିସ କମିଶନର, ଡା ଉମାଶଙ୍କର ଦାସ, ସି ଭି ରମଣ ଗ୍ଲୋବାଲ ୟୁନିଭରସିଟି ଅଧକ୍ଷ, ଡଃ ସଞ୍ଜୀବ କୁମାର ରାଉତ ଏବଂ ସହ-ପ୍ରତିଷ୍ଠାତା, ଜୁଫ୍ରେସ ଫୁଡ୍ସ ପ୍ରା ଲିଃ, ଅମ୍ବିକା ଶତପଥି ନିଜ ବୃତିଗତ କ୍ଷେତ୍ର ଅଭିଜ୍ଞତା ନେଇ ନେତୃତ୍ୱ ବିକାଶ ଉପରେ ଉପସ୍ଥାପନା ରଖିଥିଲେ ।

ଅନ୍ୟମାନଙ୍କ ମଧରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ଯୁଗ୍ମ ସଚିବ, ଶ୍ରୀମତୀ ରେଣୁପ୍ରଭା ନାୟକ, ଉପନିର୍ଦ୍ଦେଶକ, ଅଜୟ ପଣ୍ଡା, ସୁଯୋଗ୍ୟ ମିଶ୍ର, ୱାର୍ଲ୍ଡ ସ୍କିଲ ସେଂଟରର ସ୍କୁଲ ଅଫ ସର୍ଭିସେସ ନିର୍ଦ୍ଦେଶକ, ସୁଗୁଣା ଶ୍ରୀନିବାସନ, ନିର୍ଦ୍ଦେଶକ, ପ୍ରଶାସନ, କେରଓ୍ୱିନ ଓ୍ୱିଙ୍ଗ ଉଇକ୍ୟାଟ, ନିର୍ଦ୍ଦେଶକ, ଏକାଡେମୀ, ସୁପିହା ନାଗମଲ ଏବଂ ନିର୍ଦ୍ଦେଶକ, ସ୍କୁଲ ଅଫ ଇଞ୍ଜିନିୟରିଂ, ଚିୟକ ଏଙ୍ଗ ଚୁନ୍ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ଟିମର ଚାଉଳ ଯାଞ୍ଚ ରିପୋର୍ଟକୁ ଗ୍ରହଣ କରୁନି ରାଜ୍ୟ ଯୋଗାଣ ନିଗମ : ପୁନର୍ବାର ଯାଞ୍ଚ ପାଇଁ ଚିଠି

ଭୁବନେଶ୍ୱର ,୧୦/୦୫ (ନି.ପ୍ର): ସମ୍ବଲପୁର, ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା, ଦେବଗଡ଼, ସୁବର୍ଣ୍ଣପୁର, ସୁନ୍ଦରଗଡ଼, କଳାହାଣ୍ଡିରେ କେନ୍ଦ୍ରୀୟ ଟିମର ଚାଉଳ ଯାଞ୍ଚ ରିପୋର୍ଟକୁ ଅସ୍ୱୀକାର କରିଛି ରାଜ୍ୟ ଯୋଗାଣ ନିଗମ । ପୁନର୍ବାର ଚାଉଳ ମାନ ଯାଞ୍ଚ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି କରିଛନ୍ତି ଯୋଗାଣ ନିଗମ ଅଧକ୍ଷ । ଏଥିସହିତ ଚାଉଳ ଯାଞ୍ଚ ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମୁହାଁମୁହିଁ ସ୍ଥିତିକୁ ଆସି ଯାଇଛନ୍ତି । କେନ୍ଦ୍ର ସରକାରଙ୍କ ଏହି ଟିମ ୧୧୨ଟି ଚାଉଳ ନମୁନା ସଂଗ୍ରହ କରି ଦିଲ୍ଲୀସ୍ଥିତ ପରୀକ୍ଷାଗାରକୁ ପଠାଇଥିଲା । ୧୦୨ ନମୁନା କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଗୁଣାତ୍ମକମାନ ପରୀକ୍ଷାରେ ଫେଲ୍ ହୋଇଥିଲା । ୩୯ଟି ନମୁନା ଖାଇବା ଅନୁପଯୋଗୀ ବୋଲି ରିପୋର୍ଟରେ କୁହାଯାଇଥିଲା । ଏଥିରେ ଦାୟୀ ମିଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିଲା । ଏସଂକ୍ରାନ୍ତରେ ଏଫସିଆଇ ମଧ କିଛି ଦିନ ପୂର୍ବରୁ ଯୋଗାଣ ନିଗମକୁ ଚିଠି କରିଥିଲା । ମାତ୍ର



ଚାଉଳ ଅଖାଦ୍ୟ କିମ୍ବା ଗୁଣାତ୍ମକମାନ ଦୃଷ୍ଟିରୁ ଅନୁପଯୋଗୀ ନୁହେଁ ବୋଲି ରାଜ୍ୟ ଯୋଗାଣ ନିଗମ କହିଛି । ଏଥିଯୋଗୁଁ ଦାୟୀ ମିଲର କିମ୍ବା ଅଧିକାରୀଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ସରକାର : ସିପିଆଇଏମ୍

ଭୁବନେଶ୍ୱର,୧୦/୦୫ (ନି.ପ୍ର): ପୁରୀ ଜିଲ୍ଲାର ଥାନା ହାଜତ ମୃତ୍ୟୁ ଘଟଣାରେ ସଂପୃକ୍ତ ଅପରାଧିମାନେ ଗୃହ ବିଭାଗର ଗେହ୍ଲାପୁଅ ହୋଇ ରହିଥିବା ବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ପୁଣି ଥାନା ହାଜତ ମୃତ୍ୟୁ ରାଜ୍ୟ ସରକାରଙ୍କ ଘରୋଇ ବିଭାଗକୁ ସନ୍ଦେହ ବଳୟ ମଧକୁ ଆଣି ସାରିଛି । ପୁଣି ମୟୁରଭଞ୍ଜ ଜିଲ୍ଲାର ନଗଦ ହାଜତ୍ ମୃତ୍ୟୁ ଘଟଣା ସରକାର ଓ ପ୍ରଶାସନର 'ପୁଲିସ୍ ରାଜ' ଚଳାଇବା ସନ୍ଦେହକୁ ଦଢୀଭୂତ କରୁଛି । ସି.ପି.ଆଇ.(ଏମ୍) ଥାନା ହାଜତ୍‌ରେ ମୃତ୍ୟୁ ଘଟଣାକୁ ଦୃଢ ନିନ୍ଦା କରିବା ସଙ୍ଗେ ସଙ୍ଗେ ପୁଲିସର ଆଇନ ବିରୋଧି , ଜନ ବିରୋଧି ଅଭିଯାନରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ଦାବୀ କରୁଛି । ପୁଲିସ୍ ପ୍ରଶାସନ ମୃତ ପରିବାର ସହ ଆଳାପ କରି କେସ୍ କୁ ଚାପିବା ପାଇଁ ଉଦ୍ୟମରୁ କ୍ଷାନ୍ତ ହୁଅନ୍ତୁ ।

## ବାଉନ୍‌ସର ନିଯୁକ୍ତି ପୂର୍ବରୁ ସ୍ଥାନୀୟ ପୋଲିସ୍‌କୁ ଜଣାଇବେ ବାର୍ ମାଲିକ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ଦ୍ୱୈତନଗରୀ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ୍ ଅଂଚଳରେ ଥିବା ମଦବାର୍ ଗୁଡ଼ିକରେ ବାଉନ୍ସର ନିଯୁକ୍ତ କରିବା ପୂର୍ବରୁ ବାର୍ ମାଲିକମାନେ ସ୍ଥାନୀୟ ପୋଲିସ୍ କୁ ଲିଖିତ ଭାବେ ଜଣାଇବେ । ସେହିପରି ବାରମାଲିକମାନେ ନିଜ ଅଂଚଳର ଡିସିପିଙ୍କଠାରୁ ସୁରକ୍ଷା କର୍ମଚାରୀଙ୍କ ସଂପର୍କରେ ଅପରାଧ ପୃଷ୍ଠଭୂମିର ପୂର୍ବ ରେକର୍ଡ ଯାଂଚ କରିବା ବାଧ୍ୟତାମୂଳକ । ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିମାନଙ୍କଠାରୁ ବାର୍ ମାଲିକମାନେ ସୁରକ୍ଷା କର୍ମଚାରୀ ନିୟୋଜିତ କରିପାରିବେ । ଆବଶ୍ୟକସ୍ଥଳେ ୧୧୨ ନମ୍ବରକୁ କଲକରି ଏହି ସୁରକ୍ଷା କର୍ମଚାରୀମାନଙ୍କ ସୂଚନା ଦେଇପାରିବେ । ମଇ ୧୦ ତାରିଖରୁ ଜୁଲାଇ ୮ ତାରିଖ (ଉଭୟ ଦିନକୁ ମିଶାଇ) ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତର ରହିବ ବୋଲି ଦ୍ୱୈତନଗରୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ସୁରକ୍ଷା କାର୍ଯ୍ୟ ପାଇଁ ପ୍ରାଇଭେଟ୍ ସୁରକ୍ଷାକର୍ମୀ/ ବାଉନ୍‌ସରମାନଙ୍କୁ ନିୟୋଜିତ କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି । ଏହି ପ୍ରକାର ସୁରକ୍ଷାକର୍ମୀମାନଙ୍କ ନାମରେ ବହୁ ଅପରାଧ ମାମଲା ମଧ ନିକଟ ଅତୀତରେ ରୁଜୁ ହୋଇଛି । ବାଉନ୍‌ସରମାନଙ୍କଠାରୁ ସାଧାରଣ ଗ୍ରାହକଙ୍କ ଜୀବନ ପ୍ରତି ବିପଦ ତଥା ସାମାଜିକ ଶାନ୍ତି ବ୍ୟାହତ ହେବାର ମଧ ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ଉଭୟ ଭୁବନେଶ୍ୱର ଏବଂ କଟକ ଅଂଚଳର ବାର୍ ମାଲିକମାନଙ୍କ ପାଇଁ ପୋଲିସ କମିଶନର ଆସନ୍ତା ଦୁଇମାସ ପର୍ଯ୍ୟନ୍ତ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ।

# ଓଡ଼ିଶାରେ ବନ୍ୟ ରେଶମ ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନଠାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ, ବାଙ୍ଗାଲୋରସ୍ଥିତ କେନ୍ଦ୍ରୀୟ ସିଲକ୍ ବୋର୍ଡ ଏବଂ ଓଡ଼ିଶା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଓଡ଼ିଶାରେ ବନ୍ୟ ରେଶମ ଉନ୍ନୟନ ପ୍ରକଳ୍ପ ସଂପର୍କିତ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ପ୍ରସ୍ତାବିତ ଏହି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ପାଶ୍ୱର୍ବର୍ତୀ ଅଂଚଳରେ ରହୁଥିବା ଗ୍ରାମବାସୀ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀଙ୍କ ପାଇଁ ବନ ସଂରକ୍ଷଣ ସମିତି ଜରିଆରେ ପୋଷଣୀୟ ଜୀବନଜୀବିକା ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଂଚଳ ଏବଂ ଆଦିବାସୀ ଅଧୁଷିତ ଅଞ୍ଚଳ ରେଶମ ଚାଷୀଙ୍କ ଅଧିକ ଖୋସା ଉତ୍ପାଦନ ପାଇଁ ଟସର ପୋକ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଅସନ ଓ ଅର୍ଜୁନ ଗଛ ରାଜ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ବହୁଳ ଭାବେ ଲଗାଯିବ । ରାଜ୍ୟର ୧୮ଟି ବନଖଣ୍ଡ ଯଥା- ଆଠମଲ୍ଲିକ, ଢେଙ୍କାନାଳ, କଟକ, ବୌଦ୍ଧ, ବରଗଡ଼, ସୁନ୍ଦରଗଡ଼, ବଣାଇ, ଦେବଗଡ଼, କେନ୍ଦୁଝର, ବାରିପଦା, ରାଇରଙ୍ଗପୁର, ବଲାଙ୍ଗୀର, ଖରିଆଳ, ରାୟଗଡ଼ା, କୋରାପୁଟ, ଜୟପୁର, ନବରଙ୍ଗପୁର ଏବଂ ମାଲକାନଗିରି ବନଖଣ୍ଡରେ ଚଳିତ ବର୍ଷ ଏହି ବନ୍ୟ ରେଶମ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପ ରାଜ୍ୟରେ ଜନଜାତିମାନଙ୍କର ଜୀବନଜୀବିକା ନିମନ୍ତେ ଉପଯୋଗୀ ହେବ । ମହିଳା ସଶକ୍ତିକରଣ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସେରିକଲଚର ଶାଖା ପକ୍ଷରୁ ଆଞ୍ଚଳିକ ସ୍ତରରେ ଟସର ବନୀକରଣ ନିମନ୍ତେ ଆବଶ୍ୟକୀୟ ବୈଷୟିକ ପରାମର୍ଶ ପ୍ରଦାନ କରାଯିବ । ଉତ୍ପାଦିତ ଟସର କୋଷା ବା କୁକୁନ୍ କୁ ୫୯ଟି ପ୍ରାଥମିକ ଟସର ପାଳନ ସମବାୟ ସମିତି ଓ ସେରିଫେଡ୍ ମାଧ୍ୟମରେ ବିପଣନ କରାଯିବ । ପ୍ରାଥମିକ ଅବସ୍ଥାରେ ବନ ସୁରକ୍ଷା ସମିତି ସଦସ୍ୟସଦସ୍ୟାଙ୍କୁ ନିକଟସ୍ଥ ଟସର ସିଲକ୍ ପାର୍କ ସହିତ ଟ୍ୟାଗ୍ କରାଯିବ । କ୍ରମଶଃ, କୋଷାର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରାଯିବ । କେନ୍ଦ୍ରୀୟ ସିଲକ୍ ବୋର୍ଡ ଦ୍ୱାରା ସିଲକ୍ ସମଗ୍ର-୨ ଯୋଜନାରେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । କେନ୍ଦ୍ରୀୟ ସିଲକ୍ ବୋର୍ଡ ୟୁନିଟ୍ ମାଧ୍ୟମରେ ମୌଳିକ ଟସର ବିହନ ଉତ୍ପାଦନ କରାଯାଇ ବନ ସୁରକ୍ଷା ସମିତିର ସଦସ୍ୟସଦସ୍ୟାଙ୍କୁ ଯୋଗାଇ ଦିଆଯିବ । ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା କହିଥିଲେ ଯେ ବୁଝାମଣା ପତ୍ର ସ୍ୱାକ୍ଷରିତ କରୁଥିବା ଏହି ତିନିଟି ସଂସ୍ଥା କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ଅତ୍ୟନ୍ତ ସଶକ୍ତ । ତେଣୁ ଏହି ବୁଝାମଣାପତ୍ର ସ୍ୱାକ୍ଷର ଆମ ପାଇଁ ଏକ ବଡ଼ ସଫଳତା । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶିଶିର କୁମାର ରଥୋ, କେନ୍ଦ୍ରୀୟ ସିଲକ୍ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସଦସ୍ୟ ସଚିବ ରଜିତ ରଞ୍ଜନ ଓଖାଣ୍ଡିଆର ଏବଂ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏହି ପ୍ରକଳ୍ପ ଜନଜାତି ଏବଂ ଗ୍ରାମାଞ୍ଚଳବାସୀଙ୍କ ଜୀବନଜୀବିକା ନିମନ୍ତେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ପ୍ରଦୀପ ରାଜ କରାଟ, ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜ୍ୟ କାମ୍ପା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ସୁଶାନ୍ତ ଦାଶ ଏବଂ ଭାରତ ସରକାରଙ୍କ କେନ୍ଦ୍ରୀୟ ସିଲକ୍ ବୋର୍ଡ ପକ୍ଷରୁ ବୈଷୟିକ ନିର୍ଦ୍ଦେଶକ ଶିବପ୍ରସାଦ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ବନ୍ୟ ଟସର ଉପରେ ଆଧାରିତ ଏବଂ ଟସର ଚାଷ ଜରିଆରେ ଭଗାମୁଣ୍ଡାରେ ମହିଳା ସଶକ୍ତିକରଣ ସଂପର୍କିତ ଦୁଇଟି କ୍ଷୁଦ୍ର ବୃତଚିତ୍ର ପ୍ରଦର୍ଶିତ ହୋଇଥିଲା ।

## ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୧୨ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ଗତକାଲି ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧରୁ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧରୁ ମାତ୍ର ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୬ଟି ଜିଲ୍ଲାରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ ।

# ଓମେନ୍ସ ସଂଗଠନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର,୧୦/୦୫ (ନି.ପ୍ର): ବିଶ୍ୱ ମାତୃ ଦିବସ, ବିଶ୍ୱ ରେଡକ୍ରସ ଦିବସ ଏବଂ ବିଶ୍ୱ ଥାଲାସେମିଆ ଦିବସ ଅବସରରେ ଓଡ଼ିଶାର ପୁରାତନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓମେନ୍ସ' ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ଶିକ୍ଷାକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ଶୋଭାଦେବୀ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ଶିଶୁ ଥାଲାସେମିଆ ରୋଗରେ ପୀଡ଼ିତ । ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ସାତଶହରୁ ଉର୍ଦ୍ଧ୍ୱ ଶିଶୁ ଏହି ରୋଗରେ ପୀଡ଼ିତ ବୋଲି ମତ ପ୍ରକାଶ ପାଇଛି । ଦୈନିକ ରୋଗୀମାନଙ୍କ ନିମନ୍ତେ ଆବଶ୍ୟକତା ପଡୁଥିବା ରକ୍ତ ଠାରୁ କମ୍ ପରିମାଣର ରକ୍ତ ମହଜୁଦ୍ ଥିବାରୁ ଅନେକ ଥାଲାସେମିଆ ପୀଡ଼ିତ ଶିଶୁମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓମେନ୍ସ ସଂଗଠନ ତରଫରୁ ଏଭଳିପ୍ରୟାସ କରାଯାଇଛି । ଓମେନ୍ସର ସଂଗଠନର ଅଧକ୍ଷା ଶ୍ରୀମତୀ ସରୋଜିନୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧରେ ୨ ନମ୍ବର ୱାର୍ଡ଼ର କର୍ପୋରେଟର, ସମାଜସେବୀ ସୁଧା ମହାପାତ୍ର, କୃଷ୍ଣ ପ୍ରସାଦ ବାରିକ, ଗିରିଶ ମିଶ୍ର, ସୋନାଲି ମଧୁସ୍ମିତା ମହାନ୍ତି, ବାପୁଜୀ ପ୍ରଧାନ, ସୁମିତ୍ରା ମଧୁସ୍ମିତା ମହାନ୍ତି ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

# ବ୍ରଜରାଜନଗର ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ୦୬-ବ୍ରଜରାଜନଗର ଉପନିର୍ବାଚନ ପାଇଁ ସୋମବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୨୦୨୨ରେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୧୪୭୪୫ । ତନ୍ମଧ୍ୟରୁ ୧୦୯୯୮୯ ଜଣ ପୁରୁଷ ଓ ୧୦୪୭୩୯ ଜଣ ମହିଳା ଭୋଟର ଏବଂ ୧୭ ଜଣ ତୃତୀୟଲିଙ୍ଗ ଭୋଟର ଅଛନ୍ତି । ସେହିପରି ସମୁଦାୟ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ହେଉଛି ୩୫୦୯ ଜଣ, ତନ୍ମଧ୍ୟରୁ ୧୯୪୩ ଜଣ ପୁରୁଷ ଓ ୧୫୬୬ ଜଣ ଦିବ୍ୟାଙ୍ଗ ଭୋଟର ଅଟନ୍ତି । ଏତଦ୍ ବ୍ୟତୀତ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଭୋଟରଙ୍କ ସଂଖ୍ୟା ୩୧୨୭ ଓ ତନ୍ମଧ୍ୟରୁ ୧୪୩୨ ଜଣ ପୁରୁଷ ଓ ୧୬୯୫ ଜଣ ମହିଳା ଭୋଟର ଅଛନ୍ତି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ସମସ୍ତ ଭୋଟରଙ୍କୁ ଫଟୋ ପରିଚୟ ପତ୍ର ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ବୁଥ୍ ସଂଖ୍ୟା ୨୫୭ ଥିବାବେଳେ କୋଭିଡ୍-୧୯ ଦୃଷ୍ଟିକୋଣରୁ ଆଉ ଅତିରିକ୍ତ ୨୨ଟି ବୁଥ୍ ସେହି ସ୍ଥାନରେ ଖୋଲିବା ପାଇଁ ନିର୍ବାଚନ ଆୟୋଗ ଅନୁମତି ଦେଇଛନ୍ତି । ଅର୍ଥାତ୍ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ସର୍ବମୋଟ ବୁଥ୍ ସଂଖ୍ୟା ହେଉଛି ୨୭୯ । ଉପନିର୍ବାଚନରେ ଭୋଟରଙ୍କ ନିମନ୍ତେ ମୁଖ୍ୟ ପରିଚୟ ପତ୍ର ଭାବେ ଭୋଟର ଫଟୋ ପରିଚୟ ପତ୍ର ସହ ଅନ୍ୟ ୧୧ ଟି ପରିଚୟ ପତ୍ରକୁ ଗ୍ରହଣ କରାଯାଇପାରିବ । ଉପନିର୍ବାଚନ ଘୋଷଣା ଦିନ ମଇ ୦୨ ତାରିଖ ଠାରୁ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ସମଗ୍ର ଝାରସୁଗୁଡ଼ା ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି ଓ ଏହା ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ଏହି ସମୟ ମଧରେ ବିଜ୍ଞାପନ ଛପା ହେଲେ ବିଜ୍ଞାପନରେ କୌଣସି ମନ୍ତ୍ରୀ କିମ୍ବା ରାଜନୈତିକ ବ୍ୟକ୍ତିବିଶେଷଙ୍କର ଫଟୋ ରହିବ ନାହିଁ କିମ୍ବା ଏହି ସମୟ ମଧରେ ଜିଲ୍ଲାରେ କୌଣସି ନୂତନ ଯୋଜନା ଘୋଷଣା କିମ୍ବା କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ଏହି ସମୟ ମଧରେ ଜିଲ୍ଲାକୁ ମନ୍ତ୍ରୀମାନଙ୍କର ସରକାରୀ ଗସ୍ତ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ବ୍ରଜରାଜନଗର ଉପନିର୍ବାଚନରେ ଭୋଟଗ୍ରହଣ ଦିନ ବୁଥ୍ ମଧରେ ବିଶୃଙ୍ଖଳା ଓ ବୁଥ୍ ଜବରଦଖଲ ଇତ୍ୟାଦିକୁ ରୋକିବା ଲାଗି ୫୦ ପ୍ରତିଶତ ବୁଥ୍ ରେ ୱେବ୍‌କାଷ୍ଟିଂ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ନିର୍ବାଚନ ପ୍ରଚାର ସମୟରେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ମାଇକ୍ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି । ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ୩୦.୮୦ ଲକ୍ଷରୁ ୪୦ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି ।

## ଜିଲ୍ଲାରେ ଲାଉଡ୍‌ସ୍ପିକରକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର

ଭଦ୍ରକ, ୧୦/୦୫ (ନି.ପ୍ର): ଜିଲ୍ଲାରେ ଲାଉଡ୍‌ସ୍ପିକରକୁ ବିରୋଧ କରି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧକ୍ଷକ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି କ୍ଷ ତେବେ ଯଦି ଆଗାମୀ ୭ ଦିନ ମଧ୍ୟରେ ଏହାର ସମାଧାନ କରାନଯାଏ ତେବେ ସହରରେ ହନୁମାନ ଚାଲିଶା ପାଠ ଶୁଣିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଚେତାବନୀ ଦେଇଛନ୍ତି ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା ସଭାନେତ୍ରୀ ।

## ଜୁନ୍ ୧୭ ସୁଦ୍ଧା ଖୋଲିବ ଆଉ ୬୪ ଆଦର୍ଶ ବିଦ୍ୟାଳୟ

୧୦/୦୫ (ନି.ପ୍ର): ରାଜ୍ୟରେ ଅଦ୍ୟାବଧି ୨୫୦ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ଥିବାବେଳେ ଅବଶିଷ୍ଟ ୬୪ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆସନ୍ତା ଜୁନ ମାସ ୧୭ ତାରିଖଠାରୁ କାର୍ଯ୍ୟକ୍ଷମ ହେବ। ଏହି ୬୪ ଗୋଟି ଆଦର୍ଶ ବିଦ୍ୟାଳୟରେ ଜୁନ୍ ୧୭ ଠାରୁ ୬ଷ୍ଠ ଶ୍ରେଣୀର ପାଠପଢା ଆରମ୍ଭ କରାଯିବ । ସେହିପରି ଏହି ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ନିମନ୍ତେ ଆବଶ୍ୟକ ଥିବା ୧୭୪୯ ଗୋଟି ପଦବୀ ପୂରଣ ପ୍ରକ୍ରିୟା ଆସନ୍ତା ଜୁନ୍ ମାସ ମଧ୍ୟରେ ଶେଷ ହେବବୋଲି ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ଲୋକସେବା ଭବନ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର କାର୍ଯ୍ୟ ସମୀକ୍ଷା କରିଥିଲେ। ବୈଠକରେ ସମସ୍ତ ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ୨୦୨୩ ମସିହା ନଭେମ୍ବର ମାସ ମଧ୍ୟରେ ସମାପନ କରାଯିବା ପାଇଁ ସ୍ଥିର କରାଯାଇଛି । ସମସ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହଷ୍ଟେଲ ନର୍ମାଣ କାର୍ଯ୍ୟ ୨୦୨୩ ମସିହା ନଭେମ୍ବର ମାସ ମଧ୍ୟରେ ସମାପନ କରାଯିବା ପାଇଁ ମଧ ସ୍ଥିରୀକୃତ ହୋଇଛି ।

# ବିନା ସୂଚନା ଫଳକରେ ସରିଗଲା ସୁରକ୍ଷା ବନ୍ଧ କାର୍ଯ୍ୟ : ନିମ୍ନମାନର ଅଭିଯୋଗ

ଲଙ୍ଗଳେଶ୍ୱର,୧୦/୦୫ (ନି.ପ୍ର): ସିଂଲା ଥାନା, ସଦରବ୍ଲକ ଅନ୍ତର୍ଗତ କଷାଫଳ ଜେଟି ଘାଟ ନିକଟରେ ହେଉଥିବା ସୁରକ୍ଷା ବନ୍ଧ କାର୍ଯ୍ୟ ଶେଷ ହେବା ଉପରେ। କିନ୍ତୁ ବିନା ସୂଚନା ଫଳକରେ କାମ କରି ଲୋକଙ୍କୁ ଅନ୍ଧାରରେ ରଖିଛି ବିଭାଗୀୟ ଅଧିକାରୀ । ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକରେ କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ ସମୁଦ୍ରର ଲହଡି ମାଡ଼ରେ ଏଇ ବନ୍ଧଟି ଧୋଇଯାଇଥିଲା । ଗତ ୟାସ ବାତ୍ୟାରେ ସମୁଦ୍ରର ଉଚ୍ଚ



ଲହଡି ଆସି ମୁକୁଳା ବନ୍ଧ ଦେଇ ଗ୍ରାମର ଲୁଣି ପାଣି ପଶି ବହୁ ଘର ଦ୍ୱାର ସହ ବହୁ କ୍ଷତି ଘଟିଥିଲା ।ଲୋକଙ୍କ ଦାବି ମୁତାବକ ବିଭାଗୀୟ କର୍ତ୍ତୃପକ୍ଷ ୩୮ଲକ୍ଷ ଟଙ୍କା ପଥର ବନ୍ଧ ନିର୍ମାଣ ପାଇଁ ମଞ୍ଜୁର କାରୀଟିଲେ। ଶହେ ମିଟର ଲମ୍ବ ବିଶିଷ୍ଟ ଏଇ ବନ୍ଧର ଛଅ ମିଟର ହେବା ବେଳେ ଉପର ଓସାର ତିନିମିଟର ଅଛି।ତେବେ ବନ୍ଧ ଟି ଅଣଓସାରିଆ ଓ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କେବଳ ମାନ୍ୟବର ସଦର ବିଧାୟକ ସ୍ୱରୂପ ଦାସଙ୍କ କର କୋମଳ ରେ ଶିଳାନ୍ୟାସ ଫଳକ ଟି ଲାଗିଛି। କୌଣସି ତାରିଖ କିମ୍ବା ଅର୍ଥ ର ପରିମାଣ ସୂଚନା ଦିଆଯାଇନାହିଁ। ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାର ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଚାଲିଥିବାର ସନ୍ଦେହ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ରାଜ୍ୟ କେନ୍ଦ୍ର ସରକାର ବିପୁଳ ଅର୍ଥ ବ୍ୟୟ ବରାଦ କରୁଥିଲେ ହେ ଅର୍ଥର ତୋଷରପାତ ସାଧରଣରେ ଉଦବେଗ ପ୍ରକାଶ ପାଇଛି । ଏ ବାବଦରେ ବିଭାଗୀୟ ଜେଇ ଅଶୋକ କୁମାର ଦାସଙ୍କୁ ପଚାରିବାରୁ କାର୍ଯ୍ୟ ଠିକ ଚାଲିଛି ବୋଲି କହିଥିଲେ।

## ଖୁଚୁରା ପଇସା ପ୍ରଚଳନ ପାଇଁ ଅଣ୍ଟାଭିଡିଲେ ତହସିଲଦାର

ବାଲିଆପାଳ, ୧୦/୦୫ (ନି.ପ୍ର): ବିମୁଦ୍ରାକରଣ ଠାରୁ ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ବ୍ୟବସାୟୀ କିମ୍ବା ବ୍ୟାଙ୍କ ମାନଙ୍କରେ ୧ ଟଙ୍କିଆ ଏବଂ ୨ ଟଙ୍କିଆ ଖୁଚୁରା ପଇସା ଗ୍ରହଣ କରୁନଥିଲେ । ଯାହାକୁ ନେଇ ଗ୍ରାହକମାନେ ନାନା ସମସ୍ୟାରେ ସମ୍ମୁଖୀନ ହେଉଥିଲେ । ୨ ଟଙ୍କାର ଜିନିଷ କିଣିଲେ ଦୋକାନୀ ଆଉ ୩ ଟଙ୍କାର ସାମଗ୍ରୀ ନେବା ପାଇଁ ବାଧ କରୁଥିଲେ । ସେହିପରି ବ୍ୟବସାୟୀ ମାନେ ମଧ୍ୟ ଅନେକ କ୍ଷେତ୍ରରେ କ୍ଷତି ସହୁଥିଲେ । ଯାହା ଫଳରେ ଉଚିତ ଦାମଠାରୁ କେବେ କେବେ ବ୍ୟବସାୟୀ କ୍ଷତି ସହୁଥିଲେ ତ କେବେ ଗ୍ରାହକ ସହୁଥିଲେ । ଯାହାକୁ ନେଇ ଖାଉଟୀମାନଙ୍କ ମଧ୍ୟରେ ଅସନ୍ତୋଷ




ବଢିଚାଲିଥିଲା । ଏନେଇ ଆଜି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଡାକବାଜି ଯନ୍ତ୍ର ସାହାଯ୍ୟରେ ସମସ୍ତ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଆଜି ସ୍ଥାନୀୟ ବସଷ୍ଟାଣ୍ଡ, ଜାମକୁଣ୍ଡା ବଜାର, ପାରୁଳିଆ ଛକ ବଜାର, ସିମୁଳିଆ ବଜାର ପ୍ରଭୃତି ସ୍ଥାନରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଇଛନ୍ତି । କୌଣସି ବ୍ୟବସାୟୀ ଖୁଚୁରା ପଇସା ନ ନିଅନ୍ତି ତାହା ହେଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଶ୍ରୀ ଦାସ କହିଛନ୍ତି ।

## ଭୁବନେଶ୍ୱରରେ ଖୋଲିଲା ସେନ୍‌ସୋରି ପାର୍କ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଭୁବନେଶ୍ୱରରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପାର୍କ ସରକାରଙ୍କ ଏକ ଅଭିନବ ପ୍ରୟାସ ଏବଂ ଏଥିରେ ଭିନ୍ନକ୍ଷମ ଶିଶୁମାନଙ୍କ ଶାରୀରିକ, ମାନସିକ ତଥା ସୃଜନଶୀଳ ଅଭିବୃଦ୍ଧି ପାଇଁ ବିଭିନ୍ନ ସୁବିଧା ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ପୂର୍ବାହ୍ନରେ ଶହୀଦନଗରରେ ସେନ୍‌ସୋରି ପାର୍କ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଏପରି ଉଦ୍ୟମ ଫଳରେ ଭିନ୍ନକ୍ଷମମାନଙ୍କ ସାମାଜିକ ମହାସ୍ରୋତରେ ସଂପୃକ୍ତି ସଶକ୍ତ ହୋଇପାରିବ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଅଧୀନରେ ୧୩୬୮ ବର୍ଗମିଟର ପରିମିତ ଅଂଚଳରେ ୦.୯୯ କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଛି । ଏଥିରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ବିଭିନ୍ନ ସୁବିଧା ରହିଛି । ପାଥ୍‌ୱେ, ପାନୀୟ ଜଳ ଟ୍ୟାପ୍, ସ୍ୱତନ୍ତ୍ର ଆବଶ୍ୟକତା ରହିଥିବା ପିଲାମାନଙ୍କ ପାଇଁ ବିଭିନ୍ନ ଖେଳସାମଗ୍ରୀ ସୁବିଧା ଥିବା ଏହି ପାର୍କକୁ ଆସି ଭିନ୍ନକ୍ଷମ ଶିଶୁମାନେ ସେମାନଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧିର ସୁଯୋଗ ପାଇପାରିବେ । ଦେଶରେ ଏପରି ପାର୍କ ନିର୍ମାଣ ପ୍ରଥମ ବୋଲି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ କୁହାଯାଇଛି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଭୁବନେଶ୍ୱରରେ ଥିବା ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ ଢାଂଚାରେ ବ୍ରହ୍ମପୁର ଓ ସମ୍ବଲପୁରରେ ଦୁଇଟି ସାଟେଲାଇଟ୍ ସେଂଟର ପ୍ରତିଷ୍ଠା କରାଯିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୩୦ ନଂ ୱାର୍ଡର କର୍ପୋରେଟର ରାଜକିଶୋର ଦାସ, ଭୁବନେଶ୍ୱର ସ୍ମାର୍ଟ ସିଟିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ଦୁର୍ଘଟଣାରେ ଅଧ୍ୟାପକ ରତନ କର ଗୁରୁତର : ୪ଜଣଙ୍କୁ ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର, ୧୦/୦୫ (ନି.ପ୍ର): ଆଜି ମଂଗଳବାର ଏକ ସଡକ ଦୁର୍ଘଟଣାରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଗୁରୁତର ହୋଇଛନ୍ତି । ଦିନ ୧୧.୩୦ମି.ରେ କଲେଜରୁ ଘରକୁ ଫେରୁଥିବା ବେଳେ ୫୭ନଂ ରାଜ୍ୟ ରାଜପଥର ଆମ୍ବଳିଅଠା ପେଟ୍ରୋଲ ପମ୍ପ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଅଧ୍ୟାପକ କରଙ୍କୁ ପଛପଟୁ ଅନ୍ୟଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା । ଅଧ୍ୟାପକ କରଙ୍କ ବାଇକ୍ ଭାଂଗିରୁଜି ଯାଇଥିବା ବେଳେ ସେ ଗୁରୁତର ହୋଇଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଂପାଦକ ରବିନାରାୟଣ ପାତ୍ର ସଂଜ୍ଞାହୀନ ଅଧ୍ୟାପକ ଶ୍ରୀ କରଙ୍କୁ ଚିକିତ୍ସା ଲାଗି ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇଥିଲେ । ଦୀର୍ଘ ୪ଘଣ୍ଟା ପରେ ତାଙ୍କ ସଂଜ୍ଞା ଫେରିଥିଲେ ମଧ୍ୟ ସେ ବିପଦମୁକ୍ତ ନୁହନ୍ତି ବୋଲି ଡାକ୍ତର କହିଛନ୍ତି । ଅନ୍ୟପକ୍ଷରେ ଅନ୍ୟ ବାଇକ୍‌ରେ ଥିବା ନାମ୍ପୋ ଅଂଚଳର ୪ଜଣ ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ସେଥିମଧ୍ୟରୁ ୮ବର୍ଷର ପିଲା ମୁମୁର୍ଷ ଅବସ୍ଥାରେ ରହିଛି । ପ୍ରକାଶଯୋଗ୍ୟ ଘଟଣାସ୍ଥଳରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଏକ ପ୍ରେଟୋଲ ପମ୍ପ ଓ ବହୁ ବ୍ୟବସାୟୀକ ସଂସ୍ଥା ଥିବାରୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ । ଉକ୍ତ ସ୍ଥାନରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବିଭାଗୀୟ କର୍ମକର୍ତ୍ତା ଓ ଜିଲ୍ଲାପାଳଙ୍କ ଠାରେ ଏକ ହମ୍ପସ୍ ନିର୍ମାଣ ଲାଗି ୪ବର୍ଷ ଧରି ଦାବି କରାଯାଇ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଉନାହିଁ । ପ୍ରତିଦିନ ଛୋଟବଡ ଏପରି ଘଟଣା ଘଟୁଥିବାରୁ ଅବିଳମ୍ବେ ହମ୍ପସ୍ ନିର୍ମାଣ କରିବାକୁ ଦାବି ହେଉଛି ।

## ବାତ୍ୟା ମୁକାବିଲା ନେଇ ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ର ଗୃହ ସଚିବ

ଭୁବନେଶ୍ୱର,୧୦/୦୫ (ନି.ପ୍ର): ଭୀଷଣ ସାମୁଦ୍ରିକ ବାତ୍ୟା 'ଅସାନି'ର ମୁକାବିଲାର ପ୍ରସ୍ତୁତି ନେଇ ଭିଡିଓ କନଫରେନସିଂ ଜରିଆରେ ସମୀକ୍ଷା କରିଛନ୍ତି କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା। ଓଡ଼ିଶାର ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଆଜି ଭିଡିଓ କନଫରେନ୍‌ସିଂରେ ଗୃହ ମନ୍ତ୍ରାଳୟ ସଚିବ ଅଜୟ କୁମାର ଭଲ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ବାତ୍ୟା ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ସଚିବ ଶ୍ରୀ ମହାପାତ୍ର କହଥିଲେ ଯେ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହେବାକୁ ରାଜ୍ୟ ପ୍ରଶାସନ ସମସ୍ତ ପ୍ରକାର ତତ୍ପରତା ପ୍ରକାଶ କରିଛି। ଆଇଏମଡିର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ରାଜ୍ୟର ଜିଲ୍ଲା ଯଥା କୋରାପୁଟ, ମାଲକାନାଗିରି, ଗଂଜାମ, ରାୟଗଡ଼ାକୁ ହାଇ ଆଲର୍ଟରେ ରଖାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ ପ୍ରଶାସନକୁ ସତର୍କ ରଖାଯାଇଛି। ଓଡିଆରଏଫ୍ ଏବଂ ଅଗ୍ନିଶମ ସେବା ଦଳ ଏକତ୍ରିତ ହୋଇ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ଉପକୂଳ ନିକଟରେ ସାମୁଦ୍ରିକ ବାତ୍ୟା ଅତିକ୍ରମ କରିବା ପୂର୍ବରୁ ସେମାନଙ୍କୁ ସତର୍କ କରାଯିବ। ଓଡିଶାର ପ୍ରସ୍ତୁତିକୁ ନେଇ କେନ୍ଦ୍ର ସଚିବ ଶ୍ରୀ ଭଲ୍ଲା ସନ୍ତୋଷ ବ୍ୟକ୍ତ କରିଛନ୍ତି। ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ)ର ମୋଟ ୫୦ଟି ଦଳକୁ ମୁତୟନ କରାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟଗୁଡ଼ିକ ମଧ୍ୟରେ ୨୮ଟି ସ୍ୱୟଂନିୟନ୍ତ୍ରିତ ଦଳ ସତର୍କ ଅଛନ୍ତି।

# ଶିକ୍ଷା ବିନାଶକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ ଦାବିରେ ଚାଲିଥିବା ଦେଶବ୍ୟାପୀ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ

ଭଦ୍ରକ,୧୦/୦୫ (ନି.ପ୍ର): ଶିକ୍ଷା ବିନାଶକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ ଦାବିରେ ଏଆଇଡିଏସଓ ପକ୍ଷରୁ ଚାଲିଥିବା ଦେଶବ୍ୟାପୀ ଦସ୍ତଖତ ସଂଗ୍ରହ ଅଭିଯାନ ଆଜି (୧୦.୫.୨୦୨୨) ଭଦ୍ରକ ଠାରେ ଏକ ଆଲୋଚନା ଚକ୍ର ମାଧ୍ୟମରେ ଉଦଘାଟିତ ହୋଇଛି। ସାରା ଭାରତ ଶିକ୍ଷା ବଞ୍ଚାଓ କମିଟିର ରାଜ୍ୟ ସମ୍ପାଦକ ଡ଼.ରମେଶ ନାୟକ ଓ ଏଆଇଡିଏସଓ ର ରାଜ୍ୟ ଉପ-ସଭାପତି ସିଦ୍ଧାର୍ଥ ରଥ ଆଲୋଚନା ଚକ୍ରରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ସଂଗଠନର ଜିଲ୍ଲା ସଂଗଠକ ଗୋବିନ୍ଦ ମଲ୍ଲିକ। ବକ୍ତାମାନେ ସେମାନଙ୍କ ଆଲୋଚନାରେ ଜାତୀୟ ଶିକ୍ଷା ନୀତି କିପରି ଶିକ୍ଷା ବିନାଶ ପାଇଁ ପ୍ରସ୍ତୁତ ତାହା ଦର୍ଶାଇଥିଲେ। ସେମାନେ କହିଥିଲେ; ସ୍ୱାଧୀନତା ପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଗୋଟିଏ ପଟେ ଶିକ୍ଷା ସଂକୋଚନ କରିବା ସହ ଅନ୍ୟପଟେ ଶିକ୍ଷା କ୍ଷେତ୍ରରେ ଥିବା ଗଣତାନ୍ତ୍ରିକ ଓ ବୈଜ୍ଞାନିକ ମୂଲ୍ୟବୋଧକୁ ଧ୍ୱଂସ କରିବାକୁ ଚେଷ୍ଟା କରିଚାଲିଛନ୍ତି । ଶିକ୍ଷା କ୍ଷେତ୍ରରେ ଆକାଶଛୁଆଁ ଫିସ ବୃଦ୍ଧି ହେତୁ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି । ସମାଜରେ ଅନ୍ଧବିଶ୍ୱାସ, ରୁଢ଼ିବାଦୀ ଚିନ୍ତା ଏବଂ ଅନ୍ଧତା ଏବେ ବି ପ୍ରଚଳିତ । ନବଜାଗରଣର ମନିଷୀ ଏବଂ ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ମହାନ୍ ଯୋଦ୍ଧାଗଣ ବୈଜ୍ଞାନିକ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଶିକ୍ଷା ଏବଂ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ପ୍ରଚଳନର ଯେଉଁ ସ୍ୱପ୍ନ ଦେଖିଥିଲେ



ତାହା ଆଜି ସମ୍ପୂର୍ଣ୍ଣ ଭାବେ ଧୂଳିସାତ ହୋଇଛି । କରୋନା ମହାମାରୀ ସମୟରେ ଯେତେବେଳେ ସମଗ୍ର ଜନସାଧାରଣ ଶିକ୍ଷା ସୁବିଧା ହରାଇବାର ଯନ୍ତ୍ରଣାଦାୟକ ସମସ୍ୟାର ସମାଧାନ ଖୋଜୁଥିଲେ, ସେତେବେଳେ ଆଜିର କେନ୍ଦ୍ର ସରକାର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ପଦଦଳିତ କରି ଜାତୀୟ ଶିକ୍ଷାନୀତି-୨୦୨୦କୁ ଜନସାଧାରଣଙ୍କ ଉପରେ ଲଦି ଦେଇଥିଲେ । ଏହା ଆମକୁ ଆଶ୍ଚର୍ଯ୍ୟ କରିଛିଯେ, ଏହି ଜାତୀୟ ଶିକ୍ଷାନୀତି-୨୦୨୦ ର ସୁପାରିଶ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା, ବୈଜ୍ଞାନିକ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଶିକ୍ଷାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ । ଏହି ଶିକ୍ଷାନୀତି ଦ୍ୱାରା ଏକାଡେମୀକ ଏବଂ ପ୍ରଶାସନିକ କେନ୍ଦ୍ରୀକରଣ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ଶିକ୍ଷାର ପ୍ରକୃତ ନିର୍ଯ୍ୟାସକୁ ନଷ୍ଟ କରି ବିଶ୍ୱବଜାରରେ ଶିକ୍ଷାକୁ ଏକ ଲାଭଦାୟକ ପଣ୍ୟରେ ପରିଣତ କରିବା । ଆଦ୍ୟ ଶୈଶବ ଯତ୍ନ ଶିକ୍ଷା, ବିଦ୍ୟାଳୟ କମ୍ପ୍ଲେକ୍ସ ନାଁରେ ସରକାରୀ ବିଦ୍ୟାଳୟ ବନ୍ଦ କରିବା, ନାମଲେଖା ପାଇଁ ସର୍ବଭାରତୀୟ ସ୍ତରରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଲାଗୁ କରିବା, ବ୍ଲେଣ୍ଡେଡ ପଦ୍ଧତିରେ ଶିକ୍ଷାଦେବା, ଚାରି ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ କରିବା ଏବଂ ଏକା ସାଙ୍ଗରେ ଦୁଇଟି ଡିଗ୍ରୀ ପାଇବାର ସୁଯୋଗ ଦେବାଭଳି ମିଠା କଥାର ଆଢୁଆଳରେ ଏହା ଶିକ୍ଷାର ବ୍ୟବସାୟୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଓୟୁଟିଆରର ହେବ ନବକଳେବର....

ଏହାସହିତ ଶିକ୍ଷାଦାନ ଓ ଗବେଷଣା ପାଇଁ ଦେଶ ବିଦେଶର ବିଶ୍ୱବିଦ୍ୟାଳୟ ସହ ମଧ ସହଭାଗିତାରେ କାର୍ଯ୍ୟ କରାଯିବ । ପ୍ରଯୁକ୍ତି ବିଦ୍ୟା ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଷ୍ଟାଟ୍ ଅପ୍ କଲଚରକୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟୋଗୀ ମନୋଭାବର ବିକାଶ ପାଇଁ ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସହଯୋଗରେ ଇନକ୍ୟୁବେସନ୍ ସେଂଟରର ମଧ ବିକାଶ କରାଯିବ। ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣା ସହିତ ଯେପରି ନୂଆ ନୂଆ ପାଟେଂଟ ଓ ବୌଦ୍ଧିକ ସମ୍ପତି ଅଧିକାର ହାସଲ କରାଯାଇପାରିବ ହୋଇପାରିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଓୟୁଟିଆର (ସିଇଟି) ପରିଦର୍ଶନ କରି ଅଧାପକ ତଥା ଛାତ୍ରଛାତ୍ରୀ ମାନଙ୍କ ସହିତ ଅନୁଷ୍ଠାନର ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଏହି ବିଶ୍ୱବିଦ୍ୟାଳୟ ୧୯୮୧ ମସିହାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବା ସିଇଟି ନାମରେ ପ୍ରତିଷ୍ଠିତ ହୋଇଥିଲା। ୨୦୦୧ ମସିହାରେ ଏହା ଭୁବନେଶ୍ୱରର ଘାଟିକିଆ ଠାରେ ଥିବା ୧୦୦ ଏକର ବିଶିଷ୍ଟ ନିଜସ୍ୱ କ୍ୟାମ୍ପସ୍ କୁ ସ୍ଥାନାନ୍ତରିତ ହୋଇଥିଲା। ଏହା ହେଉଛି ଓଡିଶାର ଏକମାତ୍ର ଅନୁଷ୍ଠାନ ଯାହାକି ନାକ୍ ଏ ଗ୍ରେଡ୍ ମାନ୍ୟତା ହାସଲ କରିପାରିଛି। ୨୦୨୧ରେ ଏହା ଏକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା ଏବଂ ଓଡିଶା ବୈଷୟିକ ଶିକ୍ଷା ତଥା ଗବେଷଣା ବିଶ୍ୱବିଦ୍ୟାଳୟ ଭାବରେ ନାମିତ ହୋଇଥିଲା । ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଓୟୁଟିଆରର ରୂପାନ୍ତର ସଂପର୍କିତ ଏକ ଉପସ୍ଥାପନା ରଖିଥିଲେ।

### ମାଟ୍ରିକ ପରୀକ୍ଷା ନଦେଇ....

ପଂଜିକୃତ ହୋଇଛନ୍ତି ଅର୍ଥାତ ସେମାନେ ସ୍କୁଲ ଆସିନଥିଲେ ବି ଆପେ ଆପେ ନାଁ ଚଢି ଚାଲିଥିଲା । କିନ୍ତୁ ସେମାନେ ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ ପହଂଚିପାରିନଥିଲେ । ଅର୍ଥାତ ଇୟା ଭିତରେ ପାଠ ଛାଡି ଦେଇଥିଲେ । ଏଥର ଯେମିତି ୪୩ ହଜାର ପିଲା ଅଷ୍ଟମରୁ ଦଶମ ଭିତରେ ପାଠ ପଢା ଛାଡିଦେଇଛନ୍ତି, ଠିକ୍ ସେହିପରି ୨୦୨୦-୨୧ ଶିକ୍ଷାବର୍ଷରେ ୪୯ ହଜାର ଛାତ୍ରଛାତ୍ରୀ ଡ୍ରପ ଆଉଟ ହୋଇଥିଲେ । ଏହି ତଥ୍ୟ ବୟାନ କରୁଛି ଓଡିଶାରେ ପ୍ରାୟ ପ୍ରତ୍ୟେକ ବର୍ଷ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀରେ ପ୍ରାୟ ୫୦ ହଜାର ପିଲା ପାଠ ଛାଡି ଚାଲି ଯାଉଛନ୍ତି । ସେମାନେ କୁଆଡେ ଯାଉଛନ୍ତି ତାହା ଅଧିକରୁ ଅଧିକ ସାମ୍ନାକୁ ଆସିବା ଦରକାର ।

### ମଦ ପିଇବାରେ ଓଡିଶା....

ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ଓ ଅନ୍ୟ କେତେକ ସୂଚକାଙ୍କ ଉପରେ ପ୍ରାୟ ପ୍ରତି ୫ ବର୍ଷରେ ଏଭଳି ନମୁନା ସର୍ଭେ କରିଥାଏ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ୨୦୧୯ରୁ ୨୦୨୧ ମଧ୍ୟରେ ଏହି ସର୍ଭେରେ ଭାରତର ୬,୩୬,୬୯୯ ପରିବାରକୁ ନିଆଯାଇଥିବା ବେଳେ ଓଡ଼ିଶାର ୨୬,୪୭୬ ପରିବାରଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା । ସର୍ବଭାରତୀୟ ସ୍ତରରେ କେବଳ ପୁରୁଷ ନୁହନ୍ତି, ମହିଳାମାନେ ବି ଅଧିକ ସଂଖ୍ୟାରେ ମଦ୍ୟପାନ କରୁଥିବା ସର୍ଭେରୁ ଜଣାପଡିଛି । ଭାରତରେ ୧୫ ବର୍ଷରୁ ଅଧିକ ବୟସର ୧.୩% ମହିଳା ମଦ୍ୟପାନ କରୁଥିବା ବେଳେ ଓଡ଼ିଶାର ୪.୩% ମହିଳା ମଦ୍ୟପାନ କରୁଥିବା ସର୍ଭେରୁ ଜଣାପଡିଛି ।

### ୧୨ ତାରିଖ ଯାଏ ମତ୍ସ୍ୟଜୀବୀ ....

ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାପାଳମାନଙ୍କୁ ଅବଗତ କରି ଜଣାଇଛନ୍ତି ଯେ, ଏଭଳି କ୍ଷେତ୍ରରେ ସତର୍କ ସୂଚନା, ନିର୍ଦ୍ଦେଶକୁ ଅବମାନନା କରାଯାଇଥିବାବେଳେ ଜିଲ୍ଲାପାଳମାନେ ବିପର୍ଯ୍ୟୟ ପରିଚାଳନା ଆକଫର ୨୦୦୫ ନିୟମ ଆଧାରରେ ମତ୍ସ୍ୟଜୀବୀମାନଙ୍କ ଉପରେ କ୍ରିମିନାଲ ଆକ୍ସନ ଲାଗୁ କରିବେ ଓ ଅନ୍ୟ ପକ୍ଷରେ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ପାଇଁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ । ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବକାଶ ବିଭାଗ ଓ ବାଣିଜ୍ୟ ପରିବହନ ବିଭାଗ ଏ କ୍ଷେତ୍ରରେ ଆଇନ ଭଙ୍ଗ କରୁଥିବା ମତ୍ସ୍ୟଜୀବୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

### ୟୁକ୍ରେନକୁ ଅଧିକ ବଳ....

ନେତାଙ୍କ ମଧ୍ୟରେ ଯୁଦ୍ଧ ସ୍ଥିତି ଉପରେ ବୈଠକ ହୋଇଛି । ଯୁଦ୍ଧକୁ ନିନ୍ଦା କରିବା ସହ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କୁ ଯୁଦ୍ଧ ଅପରାଧୀ ବୋଲି କହିଛନ୍ତି କାନାଡା ପ୍ରଧାନମନ୍ତ୍ରୀ । ଏଥିସହ ୟୁକ୍ରେନ ସହ କାନାଡା ସମର୍ଥନ ଓ ସହଯୋଗ ରହିଥିବା ପୁଣି ଥରେ ସ୍ପଷ୍ଟ କରିଛନ୍ତି ଟ୍ରୁଡୋ । ଯୁଦ୍ଧ ପରିସ୍ଥିତି ମଧ୍ୟରେ ବିଭିନ୍ନ ରାଷ୍ଟ୍ରର ମୁଖ୍ୟ ଓ ନେତା ୟୁକ୍ରେନରେ ପହଁଚି ସ୍ଥିତି ପରଖୁଛନ୍ତି । ରବିବାର ଆମେରିକା ଫାଷ୍ଟ ଲେଡି ଜିଲ ବାଇଡେନ ୟୁକ୍ରେନରେ ପହଁଚି ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଭେଟିଥିଲେ ।

### ବିବାଦ ଭିତରେ ବିଜେପିକୁ ....

ହିନ୍ଦୁ ମୂର୍ତ୍ତି ଥିବା ନେଇ ଦାବି ହେବା ସହିତ ଏହାର ଯାଞ୍ଚ ପାଇଁ ଲକ୍ଷ୍ନୌ ବେଞ୍ଚରେ ଏକ ଆବେଦନ ମଧ କରାଯାଇଛି । ଦାବି ହେଉଛି ଯେ, ତାଜମହଲ ଏକ ଶିବ ମନ୍ଦିର ଥିଲା ଆଉ ଏହାର ୨୨ଟି ବନ୍ଦ ପଡିଥିବା ଘରେ ଆଜି ବି ହିନ୍ଦୁ ଦେବାଦେବୀଙ୍କ ମୂର୍ତ୍ତି ରହିଛି । ଯେଉଁ କାରଣରୁ ଏହାର ସର୍ଭେ କରିବାକୁ ଦାବି ହେଉଛି । ଏହା ପୂର୍ବରୁ ବାରଣାସୀର ଜ୍ଞାନବାପି ମସଜିଦର ସର୍ଭେ କରିବାକୁ ନେଇ ବିବାଦ ଦେଖିବାକୁ ମିଳିଥିଲା । ଆଉ ଏବେ ତାଜମହଲର ସର୍ଭେ କରିବାକୁ ନେଇ ବିବାଦ ଉପୁଜିଛି ।

## ପୂର୍ଣ୍ଣଚନ୍ଦ୍ର ପୁର ସ୍କୁଲରେ ମାଟି ବଞ୍ଚାଓ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା, ୧୦/୦୫ (ନି.ପ୍ର): ବାରିପଦା ସହରର ୧୯ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସିକ ହଷ୍ଟେଲର ଅନ୍ତେବାସୀଙ୍କ ଦ୍ୱାରା ମାଟି ବଞ୍ଚାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ମାଟି ବଞ୍ଚାଓ କାର୍ଯ୍ୟକ୍ରମକୁ ସୁଦୂର ପ୍ରସାରୀ କରିବା ସହ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଇଶା ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଚନ୍ଦ୍ରକାନ୍ତ ଦାସ ଓ ମୌସୁମୀ ଦାସଙ୍କ ନେତୃତ୍ୱରେ ପିଲାମାନଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତା କରାଯାଇଥିଲା । ଚିତ୍ରାଙ୍କନରେ ଆଶିଷ ବିଶ୍ୱାଳ, କୃଷ୍ଣଚନ୍ଦ୍ର ହେମ୍ବ୍ରମ ଓ ସାବନ ବେହେରା ତଥା କବିତା ଲିଖନରେ ଜଗା ଖମାରୀଙ୍କୁ




ଫାଉଣ୍ଡେସନ ତରଫରୁ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା । ପ୍ରକାଶ ଥାଉକି ଭାରତବର୍ଷର ଲୋକପ୍ରିୟ ସଦଗୁରୁ ଚଳିତ ବର୍ଷ ମାର୍ଚ୍ଚ ମାସ ୨୧ତାରିଖରେ ଇଂଲଣ୍ଡରୁ ମୋଟର ସାଇକେଲ ଦ୍ୱାରା ଏକୁଟିଆ ୧୦୦ ଦିନର ଯାତ୍ରା ଆରମ୍ଭ କରିଛନ୍ତି । ମାଟି ବଞ୍ଚାଓ ବାର୍ତ୍ତାକୁ ସେ ୧୦୦ ଦିନରେ ୨୬ ଟି ଦେଶରେ ପ୍ରଚାର କରିବାର ଲକ୍ଷ୍ୟ ନେଇଥିବା ବେଳେ ସାରା ଭାରତବର୍ଷରେ ଇଶା ଫାଉଣ୍ଡେସନ ଏହିପରି ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ଶିକ୍ଷକ ଗଣେଶ ବେହେରା, ରବି ମୁଣ୍ଡା, ନିରୁପମା ସାହୁ, ମହେଶ୍ୱର ମାରାଣ୍ଡି ଏକାଉଣ୍ଟେଟ ଗୌତମ ପଣ୍ଡା ଓ ୱାର୍ଡେନ ସରୋଜ କୁମାର ସାବତ ପ୍ରମୁଖ ସହଯୋଗ କରିଥିଲେ ।

## ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ଦିଲ୍ଲୀରେ ପ୍ରାଉଡ ଇଣ୍ଡିଆ ପାର୍ଲ୍ୟାମେଣ୍ଟ ଆୱାର୍ଡ ପାଇଁ ମନୋନୀତ

ପାରାଦୀପ, ୧୦/୦୫ (ନି.ପ୍ର): ଦିନଦୁର୍ନୀତି ନିବାରଣ ଓ ସମାଜ ସେବାର ସଫଳତା ପାଇଁ ସର୍ବଭାରତୀୟ ଦୁର୍ନୀତି ନିବାରଣ ପରିଷଦ ଦ୍ୱାରା ନିୟୁ ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ ସଭାଗୃହରେ ଆୟୋଜିତ ଭବ୍ୟ ସମାରୋହ କାର୍ଯ୍ୟକ୍ରମରେ ପ୍ରାଉଡ ଇଣ୍ଡିଆ ପାର୍ଲ୍ୟାମେଣ୍ଟାରୀ ସମ୍ମାନରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟିକ ଓ ସଶକ୍ତିକରଣ ମନ୍ତ୍ରୀ ଶ୍ରୀଯୁକ୍ତ ରାମଦାସ ଅଥାୱାଲେଙ୍କ ଦ୍ୱାରା ଜଗତସିଂହପୁର ଜିଲ୍ଲାର କୁଜଙ୍ଗବ୍ଲକ ସାଇଲୋ ଗ୍ରାମପଞ୍ଚାୟତ ଅଧୀନ ତେରମାଣପୁର 'ବାଲିସାହି' ଗ୍ରାମର ଜଣାଶୁଣା ସମାଜସେବୀ ତଥା 'ମଦର ଟେରେସା ଫାଉଣ୍ଡେସନ ଓଡିଶା ଶାଖାର ରାଜ୍ୟ ଅଧ୍ୟକ୍ଷ ଡ଼ଃ ସୁନାକର ବେହେରାଙ୍କୁ ସମ୍ମାନିତ




କରାଯାଉଅଛି । ଶ୍ରୀଯୁକ୍ତ ବେହେରାଙ୍କୁ ଏହି ଆୱାର୍ଡପାଇଁ ମନୋନୀତ କରାଯାଇଥିବାରୁ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ, ସୂଚନା ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ, ଖାଉଟି କଲ୍ୟାଣ ମନ୍ତ୍ରୀ ଓଡିଶା ସରକାର, ସାଂସଦ ଜଗତସିଂହପୁର, ବିଧାୟକ ପାରାଦ୍ୱୀପ, ଜିଲ୍ଲା ପ୍ରଶାସନ, ଓଡିଶା ସାମ୍ବାଦିକ ସଙ୍ଘ, ଜିଲ୍ଲା ସାମ୍ବାଦିକ ସଙ୍ଘ, ଜଗତସିଂହପୁର ବାର ଆସୋସିଏସନର, କୁଜଙ୍ଗ ବାର ଆସୋସିଏସନ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଧ୍ୱନି ପ୍ରତିଧ୍ୱନି



# ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାରୁ ୪୩୪୮୯ ଛାତ୍ରଛାତ୍ରୀ କାହିଁକି ବଂଚିତ ହେଲେ ଏବଂ ଏହାର ସିଧାସଳଖ ଜବାବ୍ ରାଜ୍ୟ ସରକାର ରଖନ୍ତୁ ବୋଲି ବିଜେପି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି । ଛାତ୍ରଛାତୀଙ୍କ ଭବିଷ୍ୟତ ସହ ଖେଳିଥିବା ଶିକ୍ଷା ବିଭାଗ ଏବଂ ରାଜ୍ୟ ସରକାର ବର୍ତମାନ ନିଜ ଉପରୁ ଦୋଷ ଖସାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରୁଛନ୍ତି । ଶିକ୍ଷକମାନେ ସମ୍ମେଟିଭ ପରୀକ୍ଷା ନଦେବା ପରେ ଫର୍ମ ପୂରଣ କେମିତି କଲେ ଏହାର ସ୍ପଷ୍ଟୀକରଣ ରାଜ୍ୟ ସରକାର ଦିଅନ୍ତୁ ବୋଲି ବିଜେପି ଦାବୀ କରିଛି । ସେ କହିଛନ୍ତି ଯେ ଛାତ୍ରଛାତ୍ରୀ ପାଠପଢ଼ା ଛାଡି ଦାଦନ ଖଟୁଥିଲେ ମଧ୍ୟ ସ୍କୁଲରେ ସେମାନଙ୍କ ନାମ ଗଡୁଛି । ଛାତ୍ରଛାତ୍ରୀଙ୍କ ଅଜାଣତରେ ସେମାନଙ୍କ ନାଁରେ ମଧ ଫର୍ମପୂରଣ ହେଉଛି । ରାଜ୍ୟ ସରକାର ସ୍କୁଲରେ ପିଲାଙ୍କ ପାଇଁ ଅଧିକ ଯୋଜନା କରୁଥିବା ଡିଣ୍ଡିମ ପିଟି ଶିକ୍ଷାବ୍ୟବସ୍ଥାକୁ ଦୁର୍ବଳ କରିବାରେ କୌଣସି ପ୍ରଣାଳୀ ଛାଡୁନାହାନ୍ତି । ରାଜ୍ୟ ସରକାର ଏହି ଛାତ୍ରଛାତ୍ରୀଙ୍କ ପାଇଁ କୋଟିଏ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଲିଷ୍ଟ ଦେଖାଉଛନ୍ତି କିନ୍ତୁ ବାସ୍ତବରେ ପିଲା ସ୍କୁଲ ଯାଉନାହାନ୍ତି କି ସ୍କୁଲ ସହ ସେମାନଙ୍କର କୌଣସି ସମ୍ପର୍କରେ ନାହିଁ ବୋଲି ସ୍ପଷ୍ଟ ହେଉଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ରାଜ୍ୟ ସରକାର ଶିକ୍ଷାରେ ଦୁର୍ନୀତି କରିବାରେ ସିଦ୍ଧହସ୍ତ ହାସଲ କରିଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି । ଆଜି ଦେଶ 'ଆଜାଦୀ କି ଅମୃତ ମହୋତ୍ସବ' ପାଳନ କରୁଥିବାବେଳେ ଓଡ଼ିଶାରେ ଶିକ୍ଷାର ଆଶାନୁରୁପ ବିକାଶ ହୋଇନାହିଁ । ଯେଉଁଠି ସ୍କୁଲ ଅଛି, ସେଠି ଶିକ୍ଷକ ନାହାନ୍ତି; ଯେଉଁଠି ଶିକ୍ଷକ ଅଛନ୍ତି, ସେଠି ପିଲା ନାହାନ୍ତି । ଆଉ କେଉଁଠି ଖୋଲା ଆକାଶତଳେ ନିଜର ଭବିଷ୍ୟତ ଗଢୁଛନ୍ତି କୋମଳମତୀ ଛାତ୍ରଛାତ୍ରୀ । ରାଜ୍ୟରେ ଶିକ୍ଷାର ସ୍ତମ୍ଭ ଭୁଷୁଡୁଥିବାବେଳେ 'ମୋ ସ୍କୁଲ', 'ହକି କ୍ଲବ' ଭଳି ନାନାଦି ଯୋଜନା କରି ଲୋକଙ୍କୁ ଭକୁଆ ବନଉଛନ୍ତି ରାଜ୍ୟ ସରକାର । ବିଦ୍ୟାଳୟ ରୁପାନ୍ତରିତ କେବଳ ପ୍ରହସନ ଏବଂ ଏହା ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ଏବଂ ଶାସକ ବିଜେଡି ମନ୍ତ୍ରୀ ଓ କର୍ମୀମାନେ କୋଟିପତି ସାଜିଛନ୍ତି ।

## ଗୋଟିଏ ଦିନରେ ୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୨୨୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୮୭୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୨, କଟକ ଜିଲ୍ଲାରେ ୧. କନ୍ଧମାଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ୧, ଖୋର୍ଧା ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ତିନି ଦିନିଆ ମାତୃସ୍ୱାସ୍ଥ୍ୟ ସଚେତନତା ଶିବିର ଉଦ୍‌ଯାପିତ

ବାଲେଶ୍ୱର,୧୦/୦୫ (ନି.ପ୍ର): ବିଶ୍ୱ ମାତୃ ଦିବସ ଅବସରରେ 'ବେଦିକ ନ୍ୟୁଟ୍ରି ହାଉସ' ପକ୍ଷରୁ ସ୍ଥାନୀୟ ଏଫଏମ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୮ ତାରିଖରୁ ଚାଲିଥିବା ମାତୃସ୍ୱସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ନ୍ୟୁଟ୍ରିଲିଷ୍ଟ ରଶ୍ମିତା ମହାନ୍ତି ଅଧ୍ୟକ୍ଷତା କରିବା ସହ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ସମାଜ ପ୍ରତି ମାଆମାନଙ୍କ ଅତୁଳନୀୟ ଅବଦାନ ରହିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ । ମାଆଟିଏ ସୁସ୍ଥ ରହିଲେ ତା'ର ପରିବାରକୁ ସେ ଖସି ରଖିପାରିବେ ବୋଲି ଶ୍ରୀମତୀ ଜେନା କହିଥିଲେ । ଗର୍ଭବତୀ ଅବସ୍ଥାରେ ଓ ମାତୃତ୍ୱ ପରେ ଶରୀର ପାଇଁ ଆବଶ୍ୟକ ପୋଷଣ ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଜିଲା ୟୁଥ ଅଫିସର ରମେଶ ଆର କପୁର, 'ଆଜିକାଲି' ଖବର କାଗଜର ପରିଚାଳନା ସମ୍ପାଦକ ଯୁବ ଉଦ୍ୟୋଗୀ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ମାଆ ନିଜର ସ୍ୱାସ୍ଥ୍ୟପ୍ରତି ସଚେତନ ରହିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅପର୍ଣ୍ଣା ସାହୁ, ପ୍ରଜ୍ଞାପାରମିତା ବିଶ୍ୱାଳ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ବେଆଇନ ନଦୀଜଳ-ବାଲି ଉତ୍ତୋଳନର ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନଦୀ ସୁରକ୍ଷା ସମିତିର ସ୍ମାରକପତ୍ର



ବାଲେଶ୍ୱର,୧୦/୦୫ (ନି.ପ୍ର): ଭାରତୀୟ ଜନତା ପାର୍ଟି ନଦୀ ସୁରକ୍ଷା ସମିତି ବାଲେଶ୍ୱର ଶାଖା ପକ୍ଷରୁ ବେଆଇନ ନଦୀ ପାଣି ଓ ବାଲି ଉତ୍ତୋଳନ ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ନଦୀ ସୁରକ୍ଷା ସମିତିର ଏକ ପ୍ରତିନିଧି ଦଳ ବାଲେଶ୍ୱର ଉପ-ଜିଲାପାଳଙ୍କୁ ସାକ୍ଷାତ ସହ ଜିଲାରେ ବିଭିନ୍ନ ନଦୀରେ ବୃଦ୍ଧି ପାଇଥିବା ବେଆଇନ ଜଳ ଓ ବାଲି ଉତ୍ତୋଳନ ସମ୍ପର୍କରେ ଅବଗତ କରିଥିଲେ । କେବଳ ବାଲେଶ୍ୱର ନୁହେଁ ସମଗ୍ର ରାଜ୍ୟରେ ଏହି ସ୍ଥିତି ଉପୁଜିଥିବା ସେମାନେ କହିଛନ୍ତି । ବିଶେଷ କରି ବିଭିନ୍ନ ଶିଳ୍ପାନୁଷ୍ଠାନ ମାନେ ବେଆଇନ ଭାବେ ମନଇଚ୍ଛା ନଦୀଜଳ ବ୍ୟବହାର କରୁଥିବା ବେଳେ ବ୍ୟବହୃତ ଦୂଷିତ ଜଳକୁ ବିଶୋଧନ ନ କରି ପୁଣି ନଦୀକୁ ଛାଡ଼ିବା ଦ୍ୱାରା ପ୍ରଦୂଷଣ ମାତ୍ରା ବଢ଼ି ଚାଲିଛି ବୋଲି ବିଜେପି କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ଫଳରେ ସମ୍ପ୍ରତି ନଦୀଜଳ ପିଇବା ତ ଦୂରର କଥା ଏହା ସ୍ନାନ ଉପଯୋଗୀ ବି ହୋଇପାରୁ ନାହିଁ । ସେହିଭଳି ନଦୀରୁ ମାଫିଆମାନେ ସରକାରୀ ଦଳ ନେତାଙ୍କ ଛତ୍ରଛାୟାରେ ରହି ବେଆଇନ ଭାବେ ବାଲି ଉଠାଇ ଚାଲିବା ଫଳରେ ନଦୀର ସ୍ଥାନେ ସ୍ଥାନେ ଗଣ୍ଡ ସୃଷ୍ଟିହୋଇ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ହୋଇଛି । ସବୁଠାରୁ ବଡ଼କଥା ହେଲା ମାଫିଆମାନେ ମଡ଼ ମଡ଼ ହାଇୱା ଟ୍ରକରେ ଅନବରତ ବାଲି ବୋହିବା ଯୋଗୁଁ ନଦୀକୂଳ ଗାଁ ରାସ୍ତା ନଷ୍ଟ ହେଉଛି । ଏହାଦ୍ୱାରା ମରଣଯନ୍ତା ପାଲିଟିଥିବା ଗାଁ ରାସ୍ତାରେ ପ୍ରତିଦିନ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ନଦୀଜଳ ଓ ବାଲିର ବେଆଇନ ଉତ୍ତୋଳନ ତଥା ଚାଲାଣ ରୋକିବା ଦିଗରେ ଉଚିତ ପଦକ୍ଷେପ ନିଆ ନଗଲେ ନଦୀସୁରକ୍ଷା ସମିତି ଶେଷରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସମିତିର ପ୍ରତିନିଧି ଦଳ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ସେମାନେ ବାଲେଶ୍ୱର ଉପ-ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ନଦୀ ସୁରକ୍ଷା ସମିତିର ରାଜ୍ୟ ଆବାହକ ଅଜୟ କୁମାର ସାହୁ, ଜିଲା ସଂଯୋଜକ ମହେନ୍ଦ୍ର ନାଥ ଦାସ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ପର୍ଶୁରାମ ପରିଡ଼ା, ଚିତ୍ତରଞ୍ଜନ ପଣ୍ଡା, ଆଶିଷ କୁମା ଘୋଷ, ବେଣୁଧର ପରିଡ଼ା, ରାଜେଶ ମହାପାତ୍ର, ଗଙ୍ଗାଧର କମିଳା ପ୍ରମୁଖ ଉପସ୍ଥିତ ଥିଲେ ।

## ବେଧଡ଼କ ବାଲି ଚାଲାଣ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ



ଉଦଳା, ୧୦/୦୫ (ନି.ପ୍ର): ଭାରତୀୟ ଜନତା ପାର୍ଟି ଉଦଳା ଶାଖା ଓ ନଦୀ ସୁରକ୍ଷା ସମିତି ତରଫରୁ ମିଳିତ ଭାବରେ ବେଆଇନ ପାଣି ଓ ବାଲି ହରିଲୁଟ କୁ ପ୍ରତିବାଦ ଜଣାଇ ଆଜି ମଇ ୧୦ ତାରିଖ ମଙ୍ଗଳବାର ଦିନ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମହାମହିମ ରାଜ୍ୟପାଳଙ୍କ ନିକଟକୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବିଭିନ୍ନ ଶିଳ୍ପ ଏବଂ କଳକାରଖାନାରୁ ବାହାରୁଥିବା ଦୂଷିତ ପାଣିକୁ ସିଧାସଳଖ ନଦୀକୁ ଛାଡ଼ି ଦିଆଯାଉଥିବାରୁ ଓଡ଼ିଶାରେ ପ୍ରବାହିତ ନଦୀ ଗୁଡ଼ିକର ଜଳ ଆଜି ଦୂଷିତ ହୋଇ ବିଭିନ୍ନ ରୋଗର କାରଣ ପାଲଟିଛି ବୋଲି ନଦୀ ସୁରକ୍ଷା ସମିତି ତରଫରୁ କୁହାଯାଇଛି । କମ୍ପାନି ଗୁଡ଼ିକ ଧାର୍ଯ୍ୟ ହୋଇଥିବା ପାଣି ଠାରୁ ବହୁ ଅଧିକ ପାଣି ନେଉଥିବାରୁ ଜଳ ସଂକଟ ଦେଖା ଦେଇଛି, ସେହିଭଳି ବାଲି ମାଫିଆ ମାନେ ଶାସକ ଦଳର ଛତ୍ର ଛାୟା ତଳେ ରହି ବେଆଇନ ଭାବେ ନଦୀରୁ ମେସିନ ଯୋଗେ ବାଲି ଉତ୍ତଳନ କରିଚାଲିଛନ୍ତି । ଏହାକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ଓ ନଦୀ ସୁରକ୍ଷା ସମିତି ତରଫରୁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହିତ କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ନିକଟକୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ନଗର ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଦର୍ଶ ଜେନା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଂଜନ ମୋଦି, ବରିଷ୍ଠ ନେତା ଶରତ ଚନ୍ଦ୍ର ଦାସ, ବିଭୁତି ମହାନ୍ତ, ଯୁବମୋର୍ଚ୍ଚା ନଗର ସଭାପତି ପ୍ରାଚ୍ୟସୁମନ ମହାନ୍ତି, ଶୁଭଦୀପ ମହାନ୍ତି, ମମତା ସାହୁ, ସୁଜାତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ମଇ ୧୮ ରେ ବଲାଙ୍ଗିର ମିନି ନିଯୁକ୍ତି ମେଳା

ବଲାଙ୍ଗିର, ୧୦/୦୫ (ନି.ପ୍ର): ଚଳିତ ମଇ ମାସ ୧୮ ତାରିଖରେ ବଲାଙ୍ଗିର ଲଡକି ପାଲି ସ୍ଥିତ ଆଇଟିଆଇ ପରିସରରେ ଏକ ମିନି ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଏହି ନିଯୁକ୍ତି ମେଳାରେ ବୟନ ଶିଳ୍ପ ସଂସ୍ଥା, ସୁରକ୍ଷା ସଂସ୍ଥା, ହୋଟେଲ ସଂସ୍ଥା, ନିର୍ମାଣ ସଂସ୍ଥା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସଂସ୍ଥା ଆଦି ରୋଜଗାର ସଂସ୍ଥା ମାନେ ଯୋଗଦେଇ ଯୋଗ୍ୟ ଇଚ୍ଛୁକ ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ । ଓଡିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ତାଲିମ ପ୍ରଦାନକାରୀ ସଂସ୍ଥା ମାନେ ମଧ ଏହି ମେଳାରେ ଯୋଗଦାନ କରିବେ । ଏହି ନିଯୁକ୍ତି ମେଳରେ ଯୋଗଦାନ କରିବା ପାଇଁ ପ୍ରାର୍ଥୀଙ୍କ ବୟସ ୧୮ ରୁ ୩୫ ବର୍ଷ ଭିତରେ ହୋଇଥିବ । ଶିକ୍ଷାଗତ ଯୋଗ୍ୟତା ୫ମ ରୁ ଅଧିକ୍ ହୋଇଥିବ ଆବଶ୍ୟକ । ଉପରୋକ୍ତ ଯୋଗ୍ୟତାର ପ୍ରାର୍ଥୀ ପ୍ରାର୍ଥୀନୀ ମାନେ ସମସ୍ତ ପ୍ରମାଣପତ୍ର ସହ ଉପସ୍ଥିତ ରହି ଏହି ମିନି ନିଯୁକ୍ତି ମେଳରେ ସୁଯୋଗ ନେବାକୁ ଜିଲ୍ଲା ନିୟୋଜନ ଅଧିକାରୀ ବଲାଙ୍ଗିର ଅନୁରୋଧ କରିଛନ୍ତି ।

## ମେଧାବୀ ପିଲାଙ୍କୁ ସ୍ୱଇଚ୍ଛାର ସହାୟତା

ସମ୍ବଲପୁର, ୧୦/୦୫ (ନି.ପ୍ର): ସ୍ଥାନୀୟ କ୍ଷେତ୍ରରାଜପୁର ନିକଟସ୍ଥ କଦମପଡ଼ା ଅଂଚଳର ହେମଲତା ମହାନନ୍ଦ ଜଣେ ମେଧାବୀ ଛାତ୍ରୀଭାବେ ବେଶ୍ ପରିଚିତ । ମାତ୍ର ତାଙ୍କ ବାପାଙ୍କ ମୃତ୍ୟୁ ପରେ ଅଭାବ ଅନାଟନ ହେତୁ ହେମଲତାଙ୍କ ପାଠ ପଢ଼ାରେ ଘୋର ଅସୁବିଧା ଦେଖାଦେଇଥିଲା । ଏଭଳି ସୂଚନା ପାଇବା ପରେ ସହରର ଅଗ୍ରଣୀ ଅନୁଷ୍ଠାନ 'ସ୍ୱଇଚ୍ଛା ପରିବାର' ହେମଲତାଙ୍କ ଘରେ ପହଂଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେଇଛି । ଏପରିକି ଆଗାମୀ ଦିନରେ ତାଙ୍କ ପାଠ ପଢା ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ପ୍ରତ୍ୟେକ ମାସରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ସ୍ୱଇଚ୍ଛା ପ୍ରତିଶୃତି ଦେଇଛି । ଏହି କାର୍ଯ୍ୟକ୍ରମରେ ସ୍ୱଇଚ୍ଛାର ସୁବାଶିଷ ସରକାର, ଡ଼ଃ ଅଶୋକ ପାଣିଗ୍ରାହୀ, ଅକ୍ଷୟ ବେହେରା, ସିଦ୍ଧୁ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯୁବମୋର୍ଚ୍ଚାର ପ୍ରତିବାଦ



ବାଲିଆପାଳ, ୧୦/୦୫ (ନି.ପ୍ର): ଶ୍ରୀମନ୍ଦିର ଚାରିପଟ ଖନନ ଓ ନିର୍ମାଣ ବିବାଦ ବର୍ତମାନ ରାଜ୍ୟ ରାଜନୀତିର ଶିଖରରେ ପହଂଚିଥିଲା ବେଳେ ଭାରତୀୟ ଜନତା ପାର୍ଟି ଏହି ବିବାଦକୁ ନେଇ ଉଚ୍ଚ ନ୍ୟାଳୟ ପର୍ଯ୍ୟ' ଯାଇଛି । ତେବେ ଉଚ୍ଚନ୍ୟାଳୟ ଖନନ ଓ ନିର୍ମାଣ କାର୍ଯ୍ୟକୁ ରୋକିବା ପାଇଁ ରହିତା ଦେଶ ଦେବାକୁ ମନା କରିଦେଇଛନ୍ତି । ତେବେ ଭାରତୀୟ ଜନତାପାର୍ଟି ଶ୍ରୀମନ୍ଦିରକୁ ସାହାର କରି ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ବୈତରଣୀ ପାରି ହେବାକୁ ଅଣ୍ଟା ଭିଡିଛି । ଆଜି ସନ୍ଧ୍ୟାରେ ବାଲିଆପାଳ ସ୍ଥିତ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ତରଫରୁ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି । ଏଥିରେ ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଉପସଭାପତି ସୁବୋଧ ଚନ୍ଦ୍ର ପଣ୍ଡା, ଯୁବମୋର୍ଚ୍ଚା ଜିଲା ସାଧାରଣ ସଂପାଦକ ଖଗେନ୍ଦ୍ର ନାୟକ, ସ୍ୱାଧୀନ ପଣ୍ଡା, ସଂପାଦକ ମୁନା ମହନ୍ତ, ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସଂପାଦକ ମାଳତୀ ନାୟକ ପ୍ରମୁଖ ଯୋଗ ଦେଇ ଶ୍ରୀମନ୍ଦିର ସୁରକ୍ଷା ବାବଦରେ ସରକାରୀ ନିଷ୍କ୍ରିୟତାକୁ ଦୃଢ ଭାବରେ ସମାଲୋଚନା କରିଥିଲେ ।

## ଶିକ୍ଷକତା ଜୀବନର କେବେ ଅବସର ନଥାଏ : କାମିନି କାନ୍ତ



ଉଦଳା, ୧୦/୦୫ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଖଲାଡ଼ି ଗ୍ରାମପଞ୍ଚାୟତର ରଙ୍ଗାମାଟିଆ ଠାରେ ଥିବା ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ କାର୍ଯ୍ୟରତ ଶିକ୍ଷକ କାମିନିକାନ୍ତ ପାଣିଗ୍ରାହୀ ଗତ ଏପ୍ରିଲ ୩୦ ତାରିଖ ଦିନ କାର୍ଯ୍ୟରୁ ଅବସର ନେଇଛନ୍ତି । ଉକ୍ତ ବିଦ୍ୟାଳୟରେ ସେ ୧୯୯୧ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଏହାପୂର୍ବରୁ ସେ ବାରିପଦା ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ଓକିଲାତି କରୁଥିଲେ ପରେ ଓକିଲାତି ଛାଡ଼ି ଶିକ୍ଷକତା ଆରମ୍ଭ କରିଥିଲେ । ତେବେ ତାଙ୍କର ୩୧ ବର୍ଷର ଚାକିରି ଜୀବନ ମଧ୍ୟରେ ଶତାଧିକ ଛାତ୍ର ଛାତ୍ରୀ ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି । ତେଣୁ ଜଣେ ଭଲ ଶିକ୍ଷକ ଭାବରେ ସମଗ୍ର କପ୍ତିପଦା ଉପଖଣ୍ଡରେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଶ୍ରୀଯୁକ୍ତ ପାଣିଗ୍ରାହୀ ପିଲାଙ୍କୁ ଇଂରାଜୀ ପଢ଼ାଇଥାନ୍ତି, ତାଙ୍କର ପାଠପଢ଼ା ଶୈଳୀ ଉନ୍ନତ ମାନର ହୋଇଥିବାରୁ ନିହାତି ଦୁର୍ବଳ ପିଲା ମଧ ଇଂରାଜୀ ବିଷୟରେ ଖୁବ ଭଲ ନମ୍ବର ରଖିଥାଏ । ତେଣୁ ପିଲାଙ୍କ ଇଂରାଜୀ ବିଷୟ କଥା ଉଠିଲେ ଅଭିଭାବକ ମାନେ ପ୍ରଥମେ ପାଣିଗ୍ରାହୀ ସାରଙ୍କୁ ଖୋଜିଥାନ୍ତି । ଏହିପରି ଛାତ୍ର, ଛାତ୍ର. ଅଭିଭାବକ ସମସ୍ତଙ୍କ ମହଲରେ ପାଣିଗ୍ରାହୀ ସାରଙ୍କର ରହିଛି ଏକ ସ୍ୱତନ୍ତ୍ର ସ୍ଥାନ । ନିକଟରେ ବିଦ୍ୟାଳୟ ତରଫରୁ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ ସମୟରେ ପ୍ରଧାନ ଶିକ୍ଷକ ବେଣୁଧର ସାମଲ ଅଧ୍ୟକ୍ଷତା କରିବା ସହିତ ପାଣିଗ୍ରାହୀ ସାରଙ୍କର ସଚ୍ଚୋଟତା ଓ ସମୟାନୁବର୍ତ୍ତିତା ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସଚିଦାନନ୍ଦ ସାହୁ, ପରିଚାଳନା କମିଟି ସଦସ୍ୟ ଗଦାଧର ସାମଲ, ଖଲାଡ଼ି ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ, ଶିକ୍ଷକ ହେମନ୍ତ ପାଣିଗ୍ରାହୀ, ଅରବିନ୍ଦ ବେଜ, ପରମାନନ୍ଦ ବେହେରା, କର୍ମଚାରୀ ସନାତନ ପୁହାଣ, ଯୋଗେନ୍ଦ୍ର ସାହୁ, ଗଦାଧର ବାରିକ ପ୍ରମୁଖ ଉପସ୍ଥିତ ରହି ପାଣିଗ୍ରାହୀ ସାରଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ତେବେ ଉଦଳାରେ କେତେକ ଗଣମାଧ୍ୟମର ପ୍ରତିନିଧି ପାଣିଗ୍ରାହୀ ସାରଙ୍କୁ ସାକ୍ଷାତ କରି ଅବସର ପରେ ଆପଣ କେମିତି ସମୟ ବିତାଇବେ ବୋଲି ପ୍ରଶ୍ନ କରିଥିଲେ । ଉତ୍ତରରେ ସେ କହିଲେ ଶିକ୍ଷକତା ଜୀବନର କେବେ ଅବସର ନଥାଏ । ଏ ହେଉଛି ସରକାରୀ କାଗଜପତ୍ର ଉପରେ ଅବସର । ମୁଁ ଉଦଳାରେ ଯେଉଁଭଳି ପୂର୍ବରୁ ପିଲାଙ୍କୁ ପାଠ ପଢ଼ାଉଥିଲି, ଠିକ ସେହିଭଳି ପାଠ ପଢ଼ାଇବି । ପୁଣି ସାମ୍ବାଦିକ ମାନେ ପ୍ରଶ୍ନ କରିଥିଲେ ଇଂରାଜୀ ମାଧ୍ୟମରେ ପାଠ ପଢୁଥିବା ପିଲା ଓ ଓଡ଼ିଆ ମାଧ୍ୟମରେ ପଢୁଥିବା ପିଲାଙ୍କ ମଧ୍ୟରେ ପାର୍ଥକ୍ୟ କଣ ? ସେ ଉତ୍ତର ଦେଲେ କୌଣସି ପାର୍ଥକ୍ୟ ନାହିଁ । ସାଧାରଣତଃ ଲୋକମାନେ ବୁଝନ୍ତି ଓଡ଼ିଆ ମାଧ୍ୟମରେ ପଢୁଥିବା ପିଲା ବୋଧ ହୁଏ ଇଂରାଜୀରେ ଦୁର୍ବଳ ଥିବେ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ । ମୋ ଶିକ୍ଷକତା ଜୀବନର ଅନୁଭୂତିରୁ ମୁଁ ଏହା କହୁଛି ବୋଲି ଜଣାଇଥିଲେ ।

## ଅମିତଶାହା ଆସାମ ପୋଲିସକୁ ପ୍ରଦାନ କଲେ ରାଷ୍ଟ୍ରପତି ପ୍ରତୀକ

ଗୌହାଟି, ୧୦/୦୫ (ନି.ପ୍ର): କେନ୍ଦ୍ରୀୟଗୃହ ମନ୍ତ୍ରୀ ଅମିତଶାହା ଦୁଇ ଦିନିଆ ଗସ୍ତରେ ଆସାମରେ ପହଂଚିଛନ୍ତି । ତାଙ୍କ ଗସ୍ତର ଦିତୀୟ ଦିନ ମଙ୍ଗଳବାର ଦିନ ଆସାମ ପୋଲିସର ରାଜଧାନୀ ନେହରୁ ଷ୍ଟାଡିୟମ୍‌ରେ ଆୟୋଜିତ ଏକ ବିଶେଷ କାଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଶାହା ଆସାମ ପୋଲିସର ସ୍ୱତନ୍ତ୍ର ପରେଡକୁ ନିରିକ୍ଷଣ କରିବା ପରେ ପଶ୍ଚାତ ପରେଡରେ ଅଭିବାଦନ ନେଇଥିଲେ । ସେଠାରେ ସେ ଦୁଇଟି ପତ୍ରିକାର ଲୋକାର୍ପଣ କରିଥିଲେ । ଦୁଇ ପତ୍ରିକାରେ ଆସାମ ପୋଲିସ୍‌ର ବୀର ଜବାନଙ୍କ ବିଷୟରେ ସମାପ୍ତ କରାଯାଇଥିଲା । ଅମିତ ଶାହା ଆସାମ ପୋଲିସକୁ ରାଷ୍ଟ୍ରପତିଙ୍କ ପ୍ରତିକ ପ୍ରଦାନ କରିଥିଲେ । ଏହି ସମ୍ମାନ ପୋଲିସର ବିଶେଷ ସେବା ପାଇଁ ରାଷ୍ଟ୍ରପତି ଦ୍ୱାରା ଦିଆଯାଏ ।

## ଦକ୍ଷିଣ ପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: SnT-Proj-KGP-BTQ- BGY-LC-5, ତାରିଖ. ୧୦.୦୫.୨୦୨୨ Dy.CSTE (ପ୍ରୋଜେକ୍ଟ) ଦ୍ୱାରା ଇ-ଟେଣ୍ଡର ଆମନ୍ତ୍ରିତ । ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଦକ୍ଷିଣପୂର୍ବ ରେଳପଥ ଖଡଗପୁର: ଏହାର ଅବସ୍ଥାନ ସହିତ କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଘର ଭିତର ଏବଂ ବାହ୍ୟ ସିଗନାଲିଂ ଏବଂ ଟେଲିକମ୍ ସହିତ ପ୍ୟାନେଲ୍ ଇଣ୍ଟରଲକିଂ ବେଟୋନି (BTQ)ରେ ସେବା ଅଟ୍ଟାଳିକାର ନିର୍ମାଣ ଏବଂ ବିଦ୍ୟୁତିକରଣ ସହିତ କାର୍ଯ୍ୟକରେ । ଯୋଗାଯୋଗ ସୁବିଧା ସହିତ ବାଙ୍ଗ୍ରିପୋସି (BGY) ଷ୍ଟେସନ ଏବଂ ଦକ୍ଷିଣ ପୂର୍ବ ରେଳବାଇର ଖଡଗପୁର ଡିଭିଜନର ରୁପସା-ବାଙ୍ଗ୍ରିପୋସି ବିଭାଗରେ ୨ ନମ୍ବର ମିଡ୍ ସେକ୍ସନ୍ LC ଫାଟକ ସହିତ ଇଣ୍ଟରଲକିଂ କରିବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ୬,୪୦,୨୬,୨୨୨.୨୮ । ରୋଜଗାରର ଅର୍ଥ: ୪,୭୦,୧୦୦/-। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୦୧.୦୬.୨୦୨୨, ସମୟ୧୧.୩୦ମି. । ୱେବସାଇଟ୍ ବିଶେଷତା: www.ireps.gov.in ଟିପ୍ପଣୀ: ପୂର୍ବ NIT ନମ୍ବର SnT-Proj-KGP-BTQ-BGY-LC-3, ତାରିଖ: ୨୯.୦୪.୨୦୨୨କୁ ବାତିଲ୍ ପରି ବ୍ୟବହାର କରାଯିବା ଉଚିତ୍ । (PR-107)

## ବେଙ୍ଗଲୀ ଆସୋସିଏସନ ପକ୍ଷରୁ ରବୀନ୍ଦ୍ର ଜୟନ୍ତୀ



ବାଲେଶ୍ୱର,୧୦/୦୫ (ନି.ପ୍ର): ବାଲେଶ୍ୱର ବେଙ୍ଗଲୀ ଏସୋସିଏସନ ପକ୍ଷରୁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୧ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏନେଇ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମର ଅନୁଷ୍ଠାନର ସମ୍ପାଦକ ଡାକ୍ତର ପିୟୁଷ ଘୋଷ ରବୀନ୍ଦ୍ର ନାଥଙ୍କ ଜୀବନାଦର୍ଶ ଓ କବି ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ । ନୃତ୍ୟ ସଙ୍ଗୀତ କଳାମନ୍ଦିରର ସମ୍ପାଦକ ତଥା ବର୍ଷିୟାନ ସମାଜସେବୀ ଶରତ ଚନ୍ଦ୍ର ଦାଶ ଏବଂ ଆସୋସିଏସନର ସଭାପତି ଡା. ପ୍ରଦୀପ କୁମାର ଭୌମିକ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପରେ କବିଗୁରୁ ରବିନ୍ଦ୍ରନାଥ ଠାକୁରଙ୍କର ରଚିତ "ହେ ନୂତନ ଦେଖା ଦିକ୍ ଆର ବାର" ଗୀତଟିକୁ ଶୀଳ୍ପମାନେ ସମବେତ କଣ୍ଠରେ ଗାନ କରିଥିଲେ । ଏଥି ସହିତ ଅନୁଷ୍ଠାନର ସଭ୍ୟ ସଭ୍ୟାଙ୍କ ଦ୍ୱାରା ବଙ୍ଗଳା ଗୀତ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ସୁଜିତ କୁମାର ଦେବ, ଦେବାଶିଷ ଚାଟାର୍ଜୀ, ପ୍ରବାଳ ସିହ୍ନା, ସୁଗତ ବୋଷ ଏବଂ ଦୀପନ ସରକାର ପରିଚାଳନା କରିଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ସତ୍ୟସୁନ୍ଦର ଦାସ, ପ୍ରଦୀପ ଭୌମିକ, ରିନୀ ଭୌମିକ, ଫାଲଗୁନୀ ବଡୁଆ, ସୁଲଳିତ କର, ବନ୍ଦନା କର, ପାର୍ଥପ୍ରତୀମ କର, ସଂଘମିତ୍ରା ଦେ, ପିୟୁଷ ଘୋଷ, ଲକ୍ଷ୍ମୀନାରାୟଣ ଘୋଷ, ମାନସୀ ଘୋଷ, ରାରା କର, ଦିବ୍ୟେନ୍ଦୁ ଦେ, ସନ୍ଦୀପ ଦେ ଏବଂ କମଲ କୁମାର ଦେ ପ୍ରମୁଖ ଭାଗ ନେଇଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ଘୋଷ ଶେଷରେ ଧନ୍ୟବାଦ ଦେଇଥିଲେ ।

## ରେଳ ଯାତ୍ରୀଙ୍କ ଦାବି ପୂରଣ ଲାଗି ଅଣ୍ଟା ଭିଡିଲେ ସାଂସଦ

ଜଳେଶ୍ୱର, ୧୦/୫ (ନି.ପ୍ର): ଦୀର୍ଘଦିନ ପ୍ରତୀକ୍ଷାରପରେ ବାଲେଶ୍ୱର ସାଂସଦ ରେଳ ଯାତ୍ରୀଙ୍କ ପୂର୍ବ ସୁବିଧା ଓ ପୂର୍ବ ରେଳ ସାରଣୀ ଅନୁଯାୟୀ ରେଳ ଚଳାଚଳ କରାଇବାକୁ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା ହେବା ସମ୍ପର୍କରେ ଆଜି ଏଠାରେ ସୂଚନା ଦେଇଛନ୍ତି । ଫଳରେ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ସମାଧାନ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଦୁଇବର୍ଷ ପୂର୍ବେ ମହାମାରୀ କରୋନା ପ୍ରକୋପ ଯୋଗୁଁ ରେଳ ଚଳାଚଳ ବ୍ୟାହତ ହୋଇଥିଲା । ପରେ ରେଳ ବିଭାଗ କେତେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବା ସହିତ ବରିଷ୍ଠ ନାଗରିକ, ମହିଳା, ଦିବ୍ୟାଙ୍ଗ, ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ବନ୍ଦ କରିଥିଲେ । ଏହାଛଡା ରେଳ ଟିକଟ ମୂଲ୍ୟରେ ୩୫ ପ୍ରତିଶତ ଅଧିକ ନେବା, ଅଫ ଲାଇନ୍‌ରେ ଟିକଟ ନ ମିଳିବା, ବହୁ ଟ୍ରେନ୍ ବାତିଲ ହେବା ଏବଂ ପାସେଞ୍ଜର ଟ୍ରେନ୍‌କୁ ଚଳାଚଳ ନ କରାଇବା ସହିତ ବହୁ ଷ୍ଟେସନରେ ପୂର୍ବରୁ ଅଟକୁ ଥିବା ଟ୍ରେନ୍ ଗୁଡିକ ଏବେ ଅଟକୁ ନଥିବାରୁ ଅସନ୍ତୋଷ ଦାନା ବାନ୍ଧିଥିଲା । ଫଳରେ ଲକ୍ଷ୍ମଣନାଥରୋଡ, ଜଳେଶ୍ୱର, ରାଜଘାଟ, ଅମର୍ଦ୍ଦାରୋଡ, ବସ୍ତା, ହଳଦୀପଦା ଓ ସୋର ଷ୍ଟେସନରେ ବିଭିନ୍ନ ଦାବି ନେଇ ଜନସାଧାରଣଙ୍କ ପକ୍ଷରୁ ଆନ୍ଦୋଳନ ଓ ଦାବି ହୋଇଥିଲା । ଏ ସବୁର ସମାଧାନ ହୋଇନଥିବା ବେଳେ ଆଜି ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଜଳେଶ୍ୱର ଆସି ସମାଜ କଲ୍ୟାଣ ବିକାଶ ପରିଷଦର ସାଧାରଣ ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି । ପ୍ରକାଶଯୋଗ୍ୟ ପୂର୍ବରୁ ଏହି ସଂସ୍ଥା ରେଳ ଯାତ୍ରୀଙ୍କ ସୁବିଧା ଲାଗି ପ୍ରଶାସନ ସହିତ ଆଲୋଚନା ଓ ଦାବି ଉପସ୍ଥାପନ କରି ଆସୁଥିଲା । ଶ୍ରୀ ଜେନାଙ୍କ ସହ ଆଲୋଚନା ପରେ ସାଂସଦ ଶ୍ରୀ ଷଡଙ୍ଗୀ ଅଶ୍ୱିନୀ ବୈଷ୍ଣବଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ । ଆଜି ରେଳ ବୋର୍ଡର ବୈଠକ ବାତିଲ ହୋଇଥିବାରୁ ଚଳିତମାସ ୩ୟ ସପ୍ତାହରେ ହେବାକୁଥିବା ରେଳ ବୈଠକରେ ପୁଣି ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ଏଠାରେ କହିଛନ୍ତି । ବିଶେଷ କରି ସମସ୍ତ ପାସେଞ୍ଜର ଟ୍ରେନ୍ ପୂର୍ବ ନିର୍ଦ୍ଧାରିତ ସମୟରେ ଚଳାଚଳ କରିବା, ଡାଉନ୍ ଉତ୍କଳ ଜଳେଶ୍ୱରରେ ରହଣି, ପୂର୍ବ ରେଳଭଡା ଅପରିବର୍ତ୍ତିତ ରହିବା ଇତ୍ୟାଦି ସଂପର୍କରେ ସେ ରେଳ ମନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିବେ ବୋଲି କହିଛନ୍ତି । ଏହି ଆଲୋଚନାରେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଯୁବ ସଭାପତି ରବିନ୍ଦ୍ର ପାତ୍ର, ଜଗନ୍ନାଥ ଗୋଛାୟତ, ତରୁଣ ପଟ୍ଟନାୟକ, ତନ୍ମୟ ଚାନ୍ଦ, ଆଦିତ୍ୟ ନାରାୟଣ ପାତ୍ର, ପ୍ରକାଶ ମହାନ୍ତି, ବିଶ୍ୱରୂପ ଦାସ, ନନ୍ଦନ ଦତ୍ତ, ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ସସ୍ମିତା ପାତ୍ର, ଉମା ହେମ୍ବ୍ରମ, ଅଂଜନ ଦାସ, ଅମ୍ବିକା ପ୍ରଧାନ ସପନ ଦେ, ଦୁର୍ଗଶଂକର ଭୂୟାଁ, ସେକ୍ ପୁନମ୍, ଦେବଯାନୀ ଅଣ୍ଡିଆ, ସୁମତୀ ଦେ, ସେକ୍ ସାଜନ, ସେକ୍ ସୁଲତାନ, ସୁମତି ରଣା ପ୍ରମୁଖ ଉପସ୍ଥିତ ଥିଲେ ।

ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
ସଂପାଦିକା : ସୈରିନ୍ଦ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
Managing & Executive Editor : Srustidhar Parida
Editor: Sairindhree Sahoo